R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୧୦
ତିଥି : ଏକାଦଶୀ
୦୮ ମେ' ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 210
08 May 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore



# ସିନ୍ଦୂରର ଜବାବ 'ସିନ୍ଦୂର'

ନୂଆଦିଲ୍ଲୀ, ୭।୫ : ପହଲଗାମ୍ ଆତଙ୍କୀ ଆକ୍ରମଣର ବଦଲା ନେଇଛି ଭାରତ । ମାତ୍ର ୨୫ ମିନିଟ୍‌ରେ ଅପରେସନ୍‌ରେ ଧ୍ୱଂସ ହୋଇଯାଇଛି ଆତଙ୍କବାଦୀଙ୍କ ଆଡ୍ଡା । ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀମାନେ ଖୋଲିଥିବା ତାଙ୍କର ମୁଖ୍ୟାଳୟ ଓ ପ୍ରଶିକ୍ଷଣ ଶିବିର ଉପରେ ବାୟୁସେନାର ବିମାନ ଗତକାଲି ରାତିରେ ଆକ୍ରମଣ କରି ଏହାକୁ ଧ୍ୱଂସ କରିଦେଇଛି । ମାତ୍ର ୨୫ ମିନିଟ୍ ମଧ୍ୟରେ ୯ ସ୍ଥାନକୁ ଟାର୍ଗେଟ କରାଯାଇଥିଲା ।

ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଆକ୍ରମଣରେ ୮୦ ଆତଙ୍କବାଦୀ ମୃତ୍ୟୁବରଣ କରିଛନ୍ତି । ସୀମା ଠାରୁ ୧୦୦ କିମି ଦୂର ବାହଲପୁରରେ ଥିବା ଜୈଶ ମୁଖ୍ୟାଳୟକୁ ସେନା ଉଡାଇଛି । ରାତି ୧.୫ ରୁ ୧.୩୦ ମଧ୍ୟରେ ଭାରତର ସ୍ଥଳ, ବାୟୁ ଓ ନୌସେନା ମିଳିତ ଭାବେ ଅପରେସନ୍ ସିନ୍ଦୁରକୁ କାର୍ଯ୍ୟକାରୀ କରି ଦେଶ ପାଇଁ ଏକ ଗୌରବମୟ ଇତିହାସ ରଚିଛନ୍ତି । ସେନା ଇତିହାସରେ ଏହା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ



ରହିବ । ପୂର୍ବରୁ ବାଲାକୋଟରେ ମଧ୍ୟ ଭାରତ ଏୟାର ଷ୍ଟ୍ରାଇକ୍ କରି ଆତଙ୍କବାଦୀ ଶିବିର ଧ୍ୱଂସ କରିଥିଲା । ଏଥର ପାକ୍ ଅଧିକୃତ କାଶ୍ମୀରରେ ଥିବା ୯ ଆତଙ୍କୀ ଶିବିରକୁ ଉଡାଇ ଦିଆଯାଇଛି । ଘନ ଅନ୍ଧକାର ଭିତରେ ସ୍ପଷ୍ଟ ଗୁଇନ୍ଦା ସୂଚନା ଆଧାରରେ ଆତଙ୍କବାଦୀଙ୍କୁ ଟାର୍ଗେଟ କରିଥିଲା ସେନା । ଏହି ଆକ୍ରମଣରେ ପାକ୍‌ର କୌଣସି ସାମରିକସ୍ଥଳ ଉପରେ ଆକ୍ରମଣ ହୋଇନାହିଁ । କୌଣସି ସାଧାରଣ ଲୋକଙ୍କୁ ମଧ୍ୟ ଭାରତୀୟ ସେନା ଟାର୍ଗେଟ କରିନାହିଁ । ଗତକାଲିର ଆକ୍ରମଣ ସମ୍ପର୍କରେ ନୂଆଦିଲ୍ଲୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ସଚିବ ବିକ୍ରମ ମିଶ୍ରି, କର୍ଣ୍ଣେଲ (୯ ପୃଷ୍ଠାରେ)

- ୨୫ ମିନିଟ୍‌ରେ ୯ ଆତଙ୍କୀ ଆଡ୍ଡା ଧ୍ୱଂସ
- ଆକ୍ରମଣରେ ୮୦ ଆତଙ୍କୀ ମୃତ, ବହୁ ଆହତ
- ଲସ୍କର, ଜେଇଏମ୍ ଆତଙ୍କୀ ମୁଖ୍ୟାଳୟ ଧ୍ୱଂସ
- ମାଟିରେ ମିଶିଲା ପ୍ରଶିକ୍ଷଣ ଶିବିର
- ପରାକ୍ରମ ଦେଖାଇଲା ଭାରତୀୟ ସେନା
- ସେନାର ପରାକାଷ୍ଠା ଲାଗି ଦେଶ ଗର୍ବିତ
- କ୍ୟାବିନେଟ୍ ବୈଠକ ଡାକିଲେ ପ୍ରଧାନମନ୍ତ୍ରୀ
- ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକ
- ନିଜର ସାର୍ବଭୌମତ୍ୱ ପାଇଁ ଜବାବ ଦେବୁ : ପାକ୍



ଅପରେସନ୍ 'ସିନ୍ଦୂର'ର କର୍ଣ୍ଣଧାର ସୋଫିଆ, ବ୍ୟୋମିକା

## ମାସୁଦ୍ ଆଝର ପରିବାର ନିପାତ

ନୂଆଦିଲ୍ଲୀ, ୭।୫ : ପୁଲୱାମା ହମ୍‌ଲା ଓ ୨୦୦୧ ସଂସଦ ଆକ୍ରମଣର ମାଷ୍ଟର ମାଇଣ୍ଡ ଜୈଶ-ଇ ମହମ୍ମଦର ମୁଖିଆ ମହମ୍ମଦ ମାସୁଦ ଆଝାର ପରିବାର ଭାରତ ଏୟାର ଷ୍ଟ୍ରାଇକ୍‌ରେ ନିପାତ ହୋଇଯାଇଛି । ମାସୁଦ୍ ପରିବାରର ୧୦ ସଦସ୍ୟ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି । ତାର ପରିବାର ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଛି । ୧୦ ପରିବାର ସଦସ୍ୟଙ୍କ ସହ ୪ ସହଯୋଗୀଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି ।

## ଅପରେସନ୍ ନାମ 'ସିନ୍ଦୂର' କାହିଁକି

ନୂଆଦିଲ୍ଲୀ, ୭।୫ : ଅପରେସନ୍ ସିନ୍ଦୁରର ନାମକରଣ କାହିଁକି କରାଯାଇଥିଲା ବୋଲି ସେ ସମ୍ପର୍କରେ ତଥ୍ୟ ଆସିଛି । ପହଲଗାମ୍‌ରେ ଏପ୍ରିଲ ୨୨ରେ ଆତଙ୍କବାଦୀମାନେ ଲୋକଙ୍କ ନାମ ଓ ଧର୍ମ ପଚାରି ଆକ୍ରମଣ କରିଥିଲେ । ବିଶେଷ ଭାବରେ ପୁରୁଷମାନଙ୍କୁ ଟାର୍ଗେଟ କରିଥିଲେ । ମୃତକଙ୍କ ମଧ୍ୟରେ ଅଧିକାଂଶ ପର୍ଯ୍ୟଟକ ଥିଲେ । ପତ୍ନୀ ଓ ପିଲାଙ୍କ ସମ୍ମୁଖରେ ପତିଙ୍କୁ ହତ୍ୟା କରିଥିଲେ । କୋହଭରା କଣ୍ଠରେ କାନ୍ଦିକାନ୍ଦି ପିଲା ଓ ପତ୍ନୀମାନେ ତାଙ୍କ ପତିଙ୍କୁ ଛାଡି ଦେବାକୁ ଆତଙ୍କବାଦୀଙ୍କୁ ଅନୁରୋଧ କରିଥିଲେ । ମାତ୍ର ସେମାନେ ଶୁଣି ନଥିଲେ । ଯେଉଁମାନଙ୍କ ମଥାର ସିନ୍ଦୁର ପୋଛା ହୋଇଯାଇଥିଲା ତାହାକୁ ଦୃଷ୍ଟିରେ ରଖି ଏହି ଅପରେସନ୍‌ର ନାମ ସିନ୍ଦୁର ରଖାଯାଇଛି । ଭାରତର ମହିଳାମାନଙ୍କର ସିନ୍ଦୂର ପ୍ରତି ବିଶେଷ ଦୁର୍ବଳତା ରହିଛି । ଯାହାର ପ୍ରମାଣ ଆଜି ଭାରତୀୟ ସେନା ଦେଇଛି ।

## ମଙ୍ଗଳବାର ରାତି ଭାରତ ଲାଗି ଗର୍ବର ରାତି



ନୂଆଦିଲ୍ଲୀ, ୭।୫ : ଅପରେସନ୍ ସିନ୍ଦୁର ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି କ୍ୟାବିନେଟ୍ ବୈଠକ କରିବା ସହ ସୁରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ୍ ବ୍ୟାପାର କମିଟି ବୈଠକ ମଧ୍ୟ କରିଛନ୍ତି । ବୈଠକରେ ଅପରେସନ୍ ସିନ୍ଦୁର ସମ୍ପର୍କରେ ମନ୍ତ୍ରିମଣ୍ଡଳ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ । ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଟେବୁଲ ବାଡେଇ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପକୁ ସ୍ୱାଗତ କରିଥିଲେ । ଏହାପରେ ଅପରେସନ୍ ସିନ୍ଦୁର ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମଙ୍ଗଳବାର ରାତି ହେଉଛି ଭାରତ ପାଇଁ ଗର୍ବର ରାତି । ପହଲଗାମ୍ ଆତଙ୍କୀ ଆକ୍ରମଣର ୧୬ ଦିନ ପରେ ଅପରେସନ୍ ସିନ୍ଦୁର ଜରିଆରେ ପ୍ରତିଶୋଧ ନିଆଯାଇଛି । ସାରା ଦେଶ ରାତିରେ ଅଚିନ୍ତାରେ ଶୋଇଥିବାବେଳେ ଭାରତୀୟ ସେନା ଜବାବ ଦେଇଛି । ଯେଉଁ ପାକିସ୍ତାନ ଆତଙ୍କବାଦୀମାନେ ଆକ୍ରମଣ କରି ୨୬ ଭାରତୀୟଙ୍କ ଜୀବନ ନେଇଥିଲେ । ଅନେକ ମା'-ଭଉଣୀଙ୍କ ମଥାର ସିନ୍ଦୁର ପୋଛି ଦେଇଥିଲେ । ସିନ୍ଦୁରର ପ୍ରତିଶୋଧ ନିଆଯାଇଛି । ପୁରା ଦେଶ ଆଜି ଗର୍ବରେ ଫାଟି ପଡୁଛି । ଭାରତୀୟ ସେନା ପାକ୍ ସୀମା ମଧ୍ୟରେ ବଡ ଧରଣର ଷ୍ଟ୍ରାଇକ୍ କରିଛନ୍ତି । ପ୍ରତି ମିନିଟ୍ ସମ୍ପର୍କରେ ପ୍ରଧାନମନ୍ତ୍ରୀ ଖବର ରଖୁଥିଲେ । ବିଶ୍ୱର ପ୍ରତିକ୍ରିୟା କ'ଣ ହେବ ଏହା ଉପରେ ମଧ୍ୟ ନଜର ରଖାଯାଇଛି । ଭାରତର ମହାକାଶ ଯାତ୍ରା ମଧ୍ୟ ଏବେ ଉଚ୍ଚସ୍ତରରେ ପହଞ୍ଚିଛି । ଆମେ ଅନେକ ମାଇଲ୍‌ଷ୍ଟୋନ୍ ସେଠାରେ ରଖିଛୁ । ମିଳିତ ପ୍ରୟାସରେ ଆଜିର ଅପରେସନ୍‌କୁ ସଫଳତା ମିଳିଛି ।

## ପ୍ରଧାନମନ୍ତ୍ରୀଙ୍କ ବିଦେଶ ଗସ୍ତ ବାତିଲ

ନୂଆଦିଲ୍ଲୀ, ୭।୫ : ଅପରେସନ୍ ସିନ୍ଦୁର ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ୩ ୟୁରୋପୀୟ ଦେଶ ଗସ୍ତକୁ ବାତିଲ କରିଛନ୍ତି । କ୍ରୋଏସିଆ, ନରୱେ ଏବଂ ନେଦରଲାଣ୍ଡ ଗସ୍ତ କରିବାର ଥିଲା । ତେବେ ଏହି ଗସ୍ତକୁ ବାତିଲ କରି ଦିଆଯାଇଛି । ତେବେ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ସର୍ବଦଳୀୟ ବୈଠକ ହେବ ବୋଲି ସୂଚନା ମିଳିଛି ।

## ଜାତିସଂଘକୁ ଅବଗତ କରାଇଲା ଭାରତ

ନୂଆଦିଲ୍ଲୀ, ୭।୫ : ଅପରେସନ୍ ସିନ୍ଦୂର ସମ୍ପର୍କରେ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟମାନଙ୍କୁ ଭାରତ ପକ୍ଷରୁ ଅବଗତ କରାଯାଇଛି । ଋଷ, ଆମେରିକା, ବ୍ରିଟେନ୍ ଓ ଫ୍ରାନ୍ସକୁ ଭାରତ ଅବଗତ କରାଇଛି । ଚୀନ୍‌କୁ ମଧ୍ୟ ଘଟଣା ସମ୍ପର୍କରେ କୁହାଯାଇଛି । ତେବେ ଚୀନ୍ ପାକିସ୍ତାନକୁ ସମର୍ଥନ କରୁଛି । ଗଲ୍ଫ ଦେଶଗୁଡ଼ିକ ଭାରତକୁ ସମର୍ଥନ କରୁଛନ୍ତି । କେବଳ ତୁର୍କୀ ପାକିସ୍ତାନକୁ ସମର୍ଥନ ଦେଉଛି ।

## ଏଲ୍‌ଓସିରେ ପାକ୍‌ର ଆକ୍ରମଣ, ୧୫ ନାଗରିକ ମୃତ

ନୂଆଦିଲ୍ଲୀ, ୭।୫ : ଅପରେସନ୍ ସିନ୍ଦୂର ପରେ ପାକିସ୍ତାନ ପକ୍ଷରୁ ଭାରତ ଉପରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ସୀମା ନିକଟରେ ଜୋରଦାର ଗୁଳି ବିନିମୟ କରାଯାଇଛି । ଜମ୍ମୁ-କାଶ୍ମୀରର ପୁଞ୍ଚ ଓ ଟଙ୍ଗଧର ଅଞ୍ଚଳରେ ପାକିସ୍ତାନର ଏହି ଗୁଳିଗୁଳା ବିନିମୟରେ ୧୫ ଭାରତୀୟ ମୃତ୍ୟୁବରଣ କରିଥିବାବେଳେ ୪୩ ଜଣ ଆହତ ହୋଇଛନ୍ତି । ସେନା ପକ୍ଷରୁ ଏହି ସୂଚନା ଦିଆଯାଇଛି । ଅପରେସନ୍ ସିନ୍ଦୂର ପରେ ପାକିସ୍ତାନ ଏଭଳି କରିଥିବା ନେଇ ସେନା କହିଛି । ଏଲ୍‌ଓସି ନିକଟରେ ଥିବା ଅନେକ ଘରଗୁଡ଼ିକ ମଧ୍ୟ ଭାଙ୍ଗି ଯାଇଛି । ଅନେକ ଘରର ଝରକା ଓ କାଚ ଭାଙ୍ଗି ଯାଇଛି । ସେହିଭଳି ଭାରତୀୟ ସେନା ପକ୍ଷରୁ ମଧ୍ୟ ଜବାବ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପାକିସ୍ତାନ ସେନାର ବହୁ ପୋଷ୍ଟକୁ ଧ୍ୱଂସ କରିଦିଆଯାଇଛି । କୁପୱାରା ଓ ରାଜୋରୀ-ପୁଞ୍ଚ କ୍ଷେତ୍ରରେ ଏହା କରାଯାଇଥିବା ସୂଚନା ମିଳିଛି । ସୂଚନଯୋଗ୍ୟ ଗତକାଲି ରାତିରେ ପାକ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଶିବିରଗୁଡ଼ିକ ଉପରେ ଭାରତ ପକ୍ଷରୁ ଆକ୍ରମଣ କରାଯାଇଥିଲା । ତିନି ଆତଙ୍କୀ ସଂଗଠନ ଜୈସ-ଇ-ମହମ୍ମଦ, ଲସ୍କରୀ-ଇ-ତୋଇବା ଓ ହିଜାବୁଲ୍-ମୁଜାହିଦିନ୍ ଆତଙ୍କୀ ସଂଗଠନର ଶିବିରଗୁଡ଼ିକୁ ଧ୍ୱଂସ କରିଦିଆଯାଇଥିଲା । ଆଜି ରାତିରେ ପାକିସ୍ତାନ ପକ୍ଷରୁ ଏହାର ଜବାବ ଦିଆଯାଇଛି ।

### କାରଗେଟ୍ଟାରେ ମାଓ ଅପରେସନ୍ ଜାରି

## ୨୬ ମାଓ ନିପାତ

ମାଲକାନଗିରି, ୭।୫ (ସବ୍ୟୁ) : ଛତିଶଗଡ଼ର ବିଜାପୁର ଓ ତେଲେଙ୍ଗାନାକୁ ଲାଗି ରହିଥିବା କାରଗେଟ୍ଟା ଜଙ୍ଗଲରେ ଗତ ୧୬ ଦିନ ଧରି ଯବାନ ଅପରେସନ ଜାରି ରଖିଛନ୍ତି। ମଙ୍ଗଳବାର ରାତିରୁ ଜଂଗଲରେ ନକ୍ସଲଙ୍କ ସହ ଗୁଳିବିନିମୟ ଜାରି ରହିଛି। ଗୁଳିବିନିମୟ ଏବେବି ଜାରି ରହିଛି । ତେବେ ଯବାନ ଡ୍ରୋନ ସାହାଯ୍ୟରେ ମାଓବାଦୀଙ୍କୁ ଖୋଜିଖୋଜି ମାରୁଥିବା ଜଣାପଡ଼ିଛି । ଡ୍ରୋନ ସାହାଯ୍ୟରେ କିପରି ମାଓବାଦୀଙ୍କୁ ଖୋଜା ଚାଲିଛି ତାହାର ଏକ ଭିଡିଓ ଏବେ ଭାଇରାଲ ହେବାକୁ ଲାଗିଛି। ତେବେ ଘଟଣାସ୍ଥଳରେ (୯ ପୃଷ୍ଠାରେ)

### ଗୁଳି ବିନିମୟରେ ଓଡ଼ିଶାର ୨ ମାଓନେତା ନିହତ

ମାଲକାନଗିରି, ୭।୫ (ସବ୍ୟୁ) : ଆନ୍ଧ୍ର ଗ୍ରେହାଉଣ୍ଡ ଯବାନଙ୍କ ଅପରେସନରେ ଦୁଇ କ୍ୟାଡର ମାଓବାଦୀଙ୍କର ମୃତ୍ୟୁ ହୋଇଛିଛ ଏହି ଅପରେସନରେ ମାଲକାନଗିରି ଜିଲ୍ଲାର ଡିସିଏମ କ୍ୟାଡର ଏବଂ କୋରାପୁଟ ଜିଲ୍ଲାର ଏସିଏମ କ୍ୟାଡର ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି । ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରର ଆଲୁରି ସୀତାରାମ ରାଜୁ ଜିଲ୍ଲାର ୱାଇ ରାମଭରମ ଜଙ୍ଗଲରେ ପୁଲିସ ମାଓବାଦୀ ମଧ୍ୟରେ ଗୁଳିବିନିମୟ ଘଟିଛି। ପୁଲିସର ଏନକାଉଣ୍ଟରରେ ଦୁଇ ହାର୍ଡକୋର ମାଓବାଦୀ ନିହତ ହୋଇଥିବା ବେଳେ ଏମାନଙ୍କ ମୁଣ୍ଡରେ ୮ ଲକ୍ଷ ଓ ୫ ଲକ୍ଷ ଟଂକାର ପୁରସ୍କାର ରହିଥିଲା। ମୃତ ମାଓବାଦୀ ମାଲକାନଗିରି ଜିଲ୍ଲାର କାଲିମେଳା ଏରିଆ କମିଟିର ଡିସିଏମ କ୍ୟାଡର ମାଓ ନେତା ରମେଶ ଏବଂ କୋରାପୁଟ ଜିଲ୍ଲାର ନାରାୟଣପାଟଣା ଅଞ୍ଚଳର ଏସିଏମ କ୍ୟାଡର ମାଓବାଦୀ ନେତା ସନ୍ତୁ ନାଚିକାର ମୃତ୍ୟୁ ନେଇ ସୂଚନା ମିଳିଛି। ଘଟଣା ସ୍ଥଳରୁ ଅତ୍ୟାଧୁନିକ ବନ୍ଧୁକ ସହ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି ।

## ନିର୍ବାଚନମଣ୍ଡଳୀୱାରୀ ଅର୍ଥ ବ୍ୟବସ୍ଥା ଯୋଜନା ଆରମ୍ଭ

ଭୁବନେଶ୍ୱର, ୭।୫ (ସବ୍ୟୁ) : ରାଜ୍ୟର ୩୦ ଜିଲ୍ଲାରେ ଥିବା ଗ୍ରାମାଞ୍ଚଳରେ ସଡ଼କ ନିର୍ମାଣ କରିବା ଏବଂ ସଡକଗୁଡ଼ିକର ଉନ୍ନତିକରଣ ପାଇଁ ଏକ ନୂତନ ଯୋଜନା ନିର୍ବାଚନମଣ୍ଡଳୀୱାରୀ ଅର୍ଥ ବ୍ୟବସ୍ଥା ଆରମ୍ଭ କରାଯାଇଛି । ଏହି ଯୋଜନାରେ ୩ ଆର୍ଥିକ ବର୍ଷରେ ୪୨୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍‌ରେ ୮ ପ୍ରସ୍ତାବ ପାରିତ ହୋଇଛି ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ଆଜି ଲୋକସେବା ଭବନରେ ଅନୁଷ୍ଠିତ ହୋଇଥିଲା । ନିଷ୍ପତ୍ତି ଅନୁଯାୟୀ ନିର୍ବାଚନମଣ୍ଡଳୀୱାରୀ ଅର୍ଥ ବ୍ୟବସ୍ଥାରେ ୧୪୨ଟି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗ୍ରାମ୍ୟ ଉନ୍ନୟନ ସଡକଗୁଡ଼ିକର କୌଣସି କାରଣରୁ ରହିଯାଇଥିବା ଅଂଶ କିମ୍ବା ଉନ୍ନତି ଆବଶ୍ୟକ କରୁଥିବା ଅଂଶର ଉନ୍ନତିକରଣ କରାଯିବ । ରାସ୍ତାର ଉନ୍ନତିକରଣ ଯୋଗୁ ଶିକ୍ଷାନୁଷ୍ଠାନ ଚିକିତ୍ସା ସୁବିଧା, ପର୍ଯ୍ୟଟନ ସ୍ଥାନ ଇତ୍ୟାଦିକୁ ଉତ୍ତମ ସଂଯୋଗୀକରଣ ହୋଇପାରିବ । ସେହିଭଳି ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଉପଯୁକ୍ତ ଜୈବ ଚିକିତ୍ସା ବର୍ଜ୍ୟବସ୍ତୁ ପରିଚାଳନା ଯୋଜନାର ମୂଲ୍ୟାୟନ କରାଯାଇଛି । ଏହି ଯୋଜନା ନିମନ୍ତେ ବଜେଟରୁ ୨୦୨୧.୬୭ ଅନୁମୋଦନ କରିଛନ୍ତି । ଏହି ଯୋଜନାରେ ବସ୍ ଚଳାଚଳରେ ଦକ୍ଷତା ଓ ସ୍ୱଚ୍ଛତା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ବସ୍ ସେବାର ସମ୍ପୂର୍ଣ୍ଣ ନବୀକରଣ ସହ ଏହାର ତଦାରଖ ଓ

- କ୍ୟାବିନେଟ୍‌ରେ ୮ ପ୍ରସ୍ତାବକୁ ଅନୁମୋଦନ
- ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ବିପର୍ଯ୍ୟୟ ପ୍ରତିରୋଧକ ସଡ଼କ ଯୋଜନା ଆରମ୍ଭ
- ମୁଖ୍ୟମନ୍ତ୍ରୀ ବସ୍ ସେବା ୨୦୩୨-୩୩ ଆର୍ଥିକ ବର୍ଷ ଯାଏ ଜାରି ରହିବ
- ମାଗଣା ନିଦାନ ସେବା ୫ ବର୍ଷ ଲାଗି ବଳବତ୍ତର ରହିବ

କୋଟି ଟଙ୍କା ଖର୍ଚ୍ଚ କରାଯିବ । ମୁଖ୍ୟମନ୍ତ୍ରୀ ବସ୍ ସେବା ମାଧ୍ୟମରେ ୨୦୩୨-୩୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଏହାକୁ ଜାରି ରଖିବାକୁ କ୍ୟାବିନେଟ୍ ନିୟନ୍ତ୍ରଣ ପାଇଁ ଓଏସ୍‌ଆର୍‌ସିଟିସିକୁ ଦାୟିତ୍ୱ ଦିଆଯାଇଛି । ପ୍ରାଣୀ ଚିକିତ୍ସା ବୈଷୟିକ ସେବା (ନିଯୁକ୍ତି ଓ ସର୍ତ୍ତାବଳୀ ନିୟମ) (୯ ପୃଷ୍ଠାରେ)



# ମଙ୍ଗଳବାରର ପ୍ରତିଶୋଧ

ଏପ୍ରିଲ ୨୨ ଓ ମେ’ ୬ ଉଭୟ ତାରିଖ ଥିଲା ମଙ୍ଗଳବାର । ଏହା ଭିତରେ ପହଲଗାମ୍ ଆତଙ୍କୀ ହମଲାକୁ ପୂରିଛି ୧୫ ଦିନ । ଏହି ୧୫ ଦିନରେ ହିଁ ପ୍ରତିଶୋଧ ନେଇଛି ଭାରତ । ପହଲଗାମରେ ପଶି ଆତଙ୍କୀ ଯେଉଁ ରକ୍ତର ହୋଲି ଖେଳିଥିଲେ ଆତଙ୍କୀଙ୍କୁ ଖୋଜି ଖୋଜି ମାରି ଭାରତୀୟ ଯବାନ ବି ରକ୍ତର ହୋଲି ଖେଳିଛନ୍ତି । ଆଉ ଆତଙ୍କୀ ଆଡ୍ଡା ଉପରେ ଆକାଶ ମାର୍ଗରୁ ଆକ୍ରମଣ କରି ଅଦିନିଆ ଦୀପାବଳି ପାଳିଛନ୍ତି । ଯଦିଓ ମଙ୍ଗଳବାର ରାତି ଏବଂ ବୁଧବାର ପାହାନ୍ତିରେ ଅପରେସନ ସିନ୍ଦୂରକୁ ଏକ ବିରାଟ ସଫଳତା ମିଳିଛି କିନ୍ତୁ ମଙ୍ଗଳବାର ହିଁ ଦୁଇଟି ବଡ ଘଟଣାର ମୁଖସାକ୍ଷୀ ପାଲଟିଛି ।



# ୨୫ ମିନିଟରେ ସବୁ ଖତମ

ନୂଆଦିଲ୍ଲୀ : ଭାରତ ଅପରେସନ ସିନ୍ଦୂର ମାଧ୍ୟମରେ ପହଲଗାମ ନରସଂହାରର ବଦଲା ନେଇଛି । ମାତ୍ର ୨୫ ମିନିଟରେ ୨୪ଟି ମିସାଇଲ ମାଡ଼ କରି ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରି ଦେଇଛି । ଏଥିରେ ୮୦ ଜଣ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି । ପହଲଗାମରେ ୩ ଜଣ ଆତଙ୍କବାଦୀ ୨୬ ଭାରତୀୟଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ । ଏହାର ୧୫ ଦିନ ପରେ ଭାରତୀୟ ସେନା ୮୦ ଜଣ ଆତଙ୍କବାଦୀଙ୍କ ମୁଣ୍ଡ ଗଡ଼ାଇ ମଧୁର ପ୍ରତିଶୋଧ ନେଇଛି । ପ୍ରଥମଥର ପାଇଁ ପାକିସ୍ତାନରେ ପଶି ଭାରତୀୟ ସେନା କୌଣସି ଅପରେସନକୁ ସଫଳତାର ସହ ଶେଷ କରିଛି ।

ଅପରେସନ ସିନ୍ଦୂର କୁହାଯାଉଥିବା ଭାରତର ଏହି ଆକ୍ରମଣକୁ ଦେଖି ପାକିସ୍ତାନବାସୀ ଆତଙ୍କିତ ହୋଇପଡ଼ିଛନ୍ତି । ଭୟରେ ଥରହର ପାକ୍ ଜନସାଧାରଣ ଓ ସେଠାକାର ଗଣମାଧ୍ୟମ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ଯେଉଁଠାରେ ପାକିସ୍ତାନୀମାନେ ରାଫେଲ ଜେଟ୍, ଭାରତୀୟ ସେନା ଏବଂ ଭାରତୀୟ ବାୟୁସେନା ଆକ୍ରମଣ ଭଳି ଶବ୍ଦ ଖୋଜିବା ଆରମ୍ଭ କରିଛନ୍ତି । ଅପରେସନ ସିନ୍ଦୂର ପରେ ଗୁଗୁଲ ଟ୍ରେଣ୍ଡରେ ସର୍ଚ୍ଚ କରିବାରେ ଲାଗିଛନ୍ତି ପାକିସ୍ତାନୀ ନାଗରିକ । ପାକିସ୍ତାନର ଲୋକଙ୍କ ଦ୍ୱାରା ଏହି ପ୍ରକାରର ସନ୍ଧାନ ଦର୍ଶାଉଛି ଯେ ସେଠାକାର ଲୋକମାନେ ମଧ୍ୟ ଭାରତର ସାମରିକ କ୍ଷମତାକୁ ଗମ୍ଭୀରତାର ସହିତ ନେବା ଆରମ୍ଭ କରିଛନ୍ତି ।



## ଆତଙ୍କୀ କ୍ୟାମ୍ପର ଠିକଣା

ମୁଜାଫରବାଦ, କୋଟଲି, ବାହାବଲପୁର, ରାୱାଲାକୋଟ, ଚାକସୱାରି, ଭିମ୍ବେରେ ନୀଲୁମ ଭ୍ୟାଲି, ଝେଲମୁ ଓ ଚକୱାଲରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକ ଉପରେ ମିସାଇଲ ମାଡ଼ କରାଯାଇଛି । ଏଠାରେ ଆତଙ୍କୀ କ୍ୟାମ୍ପ ଚାଲିଥିବା ଗୁଇନ୍ଦା ତଥ୍ୟ ମିଳିଥିଲା । ଏସବୁ କ୍ୟାମ୍ପ ଗୁଡ଼ିକ ଜୈଶ-ଇ-ମହମ୍ମଦ ଓ ଲସ୍କର-ଇ-ତାଏବା ପକ୍ଷରୁ ବ୍ୟବହାର ହେଉଥିଲା । ଏହି ଦୁଇ ସଂଗଠନ ବେଶ କିଛି ଦଶନ୍ଧି ଧରି ଭାରତ ବିରୋଧୀ ଆତଙ୍କବାଦ କାର୍ଯ୍ୟକଳାପ ଜାରି ରଖିଛନ୍ତି ।

ମିସାଇଲ ମାଡ଼ ହୋଇଥିବା ୯ଟି ଠିକଣା ମଧ୍ୟରୁ ୫ଟି ପାକିସ୍ତାନ ଅଧିକୃତ କଶ୍ମୀରରେ ରହିଥିବା ବେଳେ ବାକି ୪ଟି ପାକିସ୍ତାନର ମୁଖ୍ୟ ସହରରେ ରହିଥିଲା । ଜୈସର ଗଡ଼ କୁହାଯାଉଥିବା ବାହାବଲପୁର ମଧ୍ୟ ଏହା ମଧ୍ୟରେ ରହିଛି । ମୁଜାଫରବାଦ ଓ ଭିମ୍ବେର ପୂର୍ବରୁ ହିଁ ଆତଙ୍କବାଦୀଙ୍କ ଅନୁପ୍ରବେଶ ପାଇଁ ସ୍ୱତନ୍ତ୍ର ସ୍ଥାନ ଭାବେ ଚିହ୍ନଟ ହୋଇଥିଲା । ସେନାର କହିବା କଥା ଯେ ସମସ୍ତ ଷ୍ଟ୍ରାଇକ ସେମାନଙ୍କ ଲକ୍ଷ୍ୟକୁ ପୂରଣ କରିଛନ୍ତି । ୟୁଏଭି ବା ଡ୍ରୋନ କ୍ୟାମେରା ଦ୍ୱାରା ମିସାଇଲ ମାଡ଼ ଦ୍ୱାରା କମାଣ୍ଡ ସେଣ୍ଟର, ଟ୍ରେନିଂ କ୍ୟାମ୍ପ, ଆର୍ମି ଡିପୋ ଓ ରଣନୀତି ପ୍ରସ୍ତୁତ ହେଉଥିବା କ୍ୟାମ୍ପଗୁଡ଼ିକ କେମିତି ଧ୍ୱଂସ ହେଉଛି, ତା’କୁ ରେକର୍ଡ କରାଯାଇଛି । ଆତଙ୍କବାଦୀ ଆଡ୍ଡାକୁ କେବଳ ଟାର୍ଗେଟ କରାଯାଇଥିବାରୁ ଭାରତର ମିସାଇଲ ମାଡ଼ରେ ପାକିସ୍ତାନ ସେନାର କୌଣସି ପ୍ରତିଷ୍ଠାନ କିମ୍ବା ସାଧାରଣ ଲୋକଙ୍କ କୌଣସି କ୍ଷୟକ୍ଷତି ହୋଇନି ।



# ପାକିସ୍ତାନର ଅନେକ କ୍ଷତି କରିଛି ଅପରେସନ ସିନ୍ଦୂର

ନୂଆଦିଲ୍ଲୀ : ଭାରତର ୨୪ଟି ମିସାଇଲ ମାଡ଼ରେ ୮୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଥିବା ବେଳେ ୬୦ରୁ ଅଧିକ ଆହତ ହୋଇଛନ୍ତି । ସ୍ଥଳ ଭାଗ ଓ ଆକାଶ ମାର୍ଗରୁ ଟାର୍ଗେଟକୁ ହିଟ କରିପାରୁଥିବା ମିସାଇଲ ଦ୍ୱାରା ଆକ୍ରମଣ କରାଯାଇଥିଲା । ସର୍ଭେଲାନ୍ସ ଡ୍ରୋନ ଦ୍ୱାରା କ୍ଷୟକ୍ଷତିର ତାଜା ଚିତ୍ରକୁ ରେକର୍ଡ କରାଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟାର୍ଗେଟ ଥିବା ବାହାବଲପୁରରେ ଥିବା ଜୈସ-ଇ-ମହମ୍ମଦର ମୁଖ୍ୟାଳୟ । ଏହା ଅନ୍ତର୍ଜାତୀୟ ସୀମା ରେଖା ଠାରୁ ପ୍ରାୟ ୧୦୦ କିମି ଦୂର । ଏହି ସହରକୁ ଜୈସ ଅପରେସନର ନର୍ଭ ସେଣ୍ଟର ଭାବେ ବିବେଚନା କରାଯାଏ । ଏହି ସ୍ଥାନଟି ୨୦୧୯ ପୁଲୱାମା ଆକ୍ରମଣ ଠାରୁ ଭାରତୀୟ ସୁରକ୍ଷା ଏଜେନ୍ସିର ରାଡାରରେ ଥିଲା ।

ବାହାବଲପୁରରେ ଥିବା ସୁଭାନ ଆଲ୍ଲା ମସଜିଦକୁ ଟାର୍ଗେଟ କରି ମିସାଇଲ ମାଡ଼ କରାଯାଇଛି । ମିସାଇଲ ମାଡ଼ରେ ଏହା ପୂରା ଛିନଛତ୍ର ହୋଇଯାଇଛି । ୨୦୧୯ ଫେବୃଆରୀ ୧୪ରେ ପୁଲୱାମାରେ ସୁରକ୍ଷାକର୍ମୀ ଟାର୍ଗେଟ କରି ହୋଇଥିବା ହମଲା ବ୍ଲୁ ପ୍ରିଣ୍ଟ ଏହି ଠାରେ ହିଁ ପ୍ରସ୍ତୁତ ହୋଇଥିଲା । ଏଠାରେ ଜୈଶର ସଦସ୍ୟମାନଙ୍କୁ ତାଲିମ ଦିଆଯାଏ ଓ ସେମାନଙ୍କୁ ମୌଳବାଦୀ ଚିନ୍ତାଧାରାରେ ପ୍ରଭାବିତ କରାଯାଏ । ଆଉ ଏକ ପ୍ରମୁଖ ଟାର୍ଗେଟ ହେଉଛି ମୁରିଦକେ । ଏହା ଭାରତ-ପାକିସ୍ତାନ ସୀମା ଠାରୁ ୩୦ କିମି ଦୂର । ସାମ୍ବାର ଅପରପାର୍ଶ୍ୱରେ ଏହା ରହିଛି । ଏଠାରେ ଲସ୍କରର ଗୋଟିଏ କ୍ୟାମ୍ପ ରହିଥିଲା । ଏହି କ୍ୟାମ୍ପରେ ୨୬/୧୧ ମୁମ୍ବାଇ ଆକ୍ରମଣର ଯୋଜନା ହୋଇଥିଲା ।

ଭାରତୀୟ ସେନା ପିଓକେର ଆଭ୍ୟନ୍ତରୀଣ ଅଞ୍ଚଳରେ ମଧ୍ୟ ମିସାଇଲ ମାଡ଼ କରିଛନ୍ତି । ତଙ୍ଗଧର ସେକ୍ଟରରେ ଭାରତୀୟ ମିସାଇଲ ସାୱାଇ କ୍ୟାମକୁ ହିଟ କରିଛି । ଏହି କ୍ୟାମ୍ପଟି ଲସ୍କରର ହବ ଭାବେ ପରିଚିତ ଥିଲା । ଏହି କ୍ୟାମ୍ପର ଲିଙ୍କ ସୋନମାର୍ଗ (୨୦୨୪ ଅକ୍ଟୋବର ୨୦), ଗୁଲମର୍ଗ(୨୦୨୪, ଅକ୍ଟୋବର ୨୪) ଓ ନିକଟରେ ହୋଇଥବା ପହଲଗାମ ହମଲା ସହ ରହିଥିଲା । ପୁଞ୍ଚ-ରଜୌରୀ ବେଲ୍ଟ ସ୍ଥିତ ଏଲଓସି ଠାରୁ ୩୫ କିମି ଦୂରରେ ରହିଥିବା ଗୁଲପୁରରେ ବି ହମଲା ହୋଇଛି । ଏଠାରେ ଥିବା କ୍ୟାମ୍ପରୁ ଆତଙ୍କବାଦୀମାନେ ୨୦୨୩ ଏପ୍ରିଲରେ ପୁଞ୍ଚ ଠାରେ ଭାରତୀୟ ସେନାକୁ ଟାର୍ଗେଟ କରିଥିଲା । ସେହିପରି ୨୦୨୪ ଜୁନ ମାସରେ ହିନ୍ଦୁ ଶ୍ରଦ୍ଧାଳୁଙ୍କ ବସ ଉପରେ ହୋଇଥିବା ଆକ୍ରମଣର ଲିଙ୍କ ଏହି କ୍ୟାମ୍ପ ସହ ରହିଥିଲା ।

ପହଲଗାମ ହମଲା ଠାରୁ ଭାରତୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକ ମିଳିତ ଭାବେ ଆତଙ୍କବାଦୀଙ୍କ କ୍ୟାମ୍ପଗୁଡ଼ିକୁ ଚିହ୍ନଟ କରିଥିଲେ । ସେମାନେ ଚିହ୍ନଟ କରିଥିବା ୯ଟି ସ୍ଥାନରେ ମିସାଇଲ ଆଟାକ ହୋଇଛି । ଗୁଇନ୍ଦା ତଥ୍ୟ ଆଧାରରେ ତିନି ସେନା ଆକ୍ରମଣ କରିଛନ୍ତି ।

# କର୍ଣ୍ଣେଲ ସୋଫିୟା କ୍ୟୁରେଶୀ କିଏ?

ନୂଆଦିଲ୍ଲୀ : କ୍ରପ୍ସ ଅଫ ସିଗ୍ନାଲର ଲେଫ୍ଟନାଣ୍ଟ କର୍ଣ୍ଣେଲ ସୋଫିଆ କ୍ୟୁରେଶୀ ୨୦୧୬ରେ ଇତିହାସ ରଚିଥିଲେ । ସେ ପ୍ରଥମ ମହିଳା ଅଧିକାରୀ ଭାବେ ଫୋର୍ସ ୧୮ରେ ଭାରତୀୟ ସେନାର ଟ୍ରେନିଂ କଣ୍ଟିଜେଣ୍ଟର ନେତୃତ୍ୱ ନେଇଥିଲେ । ୧୮ଟି ଦେଶ ମିଳିତ ଭାବେ କରିଥିବା ସମରାଭ୍ୟାସରେ ଭାରତର ନେତୃତ୍ୱ କର୍ଣ୍ଣେଲ କ୍ୟୁରେଶୀଙ୍କ ହାତରେ ରହିଥିଲା । ମାତ୍ର ୩୫ ବର୍ଷ ବୟସରେ କ୍ୟୁରେଶୀ ସମରାଭ୍ୟାସରେ ଭାଗ ନେଇଥିବା ସମସ୍ତ ଦେଶଗୁଡ଼ିକ ମଧ୍ୟରେ ଏକମାତ୍ର ମହିଳା କଣ୍ଟିଜେଣ୍ଟ କମାଣ୍ଡର ଥିଲେ । ୨୦୧୬ ମାର୍ଚ୍ଚ ୨ରୁ ୮ ଯାଏ ପୁଣେରେ ସାମରିକ ଅଭ୍ୟାସର ଆୟୋଜନ ପୁଣେ ଠାରେ ହୋଇଥିଲା । ଏଥିରେ ଏସିଆନ ଦେଶ ଗୁଡ଼ିକ ସମେତ ରୁଷ, ଆମେରିକା, ଦକ୍ଷିଣ କୋରିଆ, ନ୍ୟୁଜିଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆ ଭଳି ରାଷ୍ଟ୍ର ସାମିଲ ହୋଇଥିଲେ । ଏହି ସମାରାଭ୍ୟାସରେ ଭାରତର ନେତୃତ୍ୱ କ୍ୟୁରେଶୀ ନେଇଥିଲେ । ଶାନ୍ତି ପ୍ରତିଷ୍ଠା ଅପରେସନରେ ଟ୍ରେନିଂ ଇନପୁଟ ଦେବା ତାଙ୍କର ପ୍ରମୁଖ କାମ । ଏହି କାମ ତାଙ୍କ ପରିବାର ଲୋକଙ୍କ ସହ ମଧ୍ୟ ଜଡ଼ିତ । କାରଣ ତାଙ୍କ ଜେଜେବାପାଙ୍କ ଠାରୁ ଆରମ୍ଭ କରି ସ୍ୱାମୀଙ୍କ ଯାଏ ସମସ୍ତେ ଭାରତୀୟ ସେନାରେ ସାମିଲ ହୋଇ ଦେଶର ସେବା କରିଛନ୍ତି । କର୍ଣ୍ଣେଲ ସୋଫିଆ କ୍ୟୁରେଶୀ ୧୯୯୦ ମସିହାର କମିଶନଡ ଅଫିସର ଯିଏ ୩ ଦଶନ୍ଧିରୁ ଅଧିକ ସମୟ ହେଲା ଭାରତୀୟ ସେନାରେ କାମ କରୁଛନ୍ତି । ସେ ନିଜର ଅଦମ୍ୟ ଇଚ୍ଛାଶକ୍ତି ଓ ସାହାସ ପାଇଁ ସବୁବେଳେ ପ୍ରଶଂସିତ ହୋଇ ଆସିଛନ୍ତି । ଏହି ଦୀର୍ଘ ବର୍ଷର ସେବା ମଧ୍ୟରେ ସେ ଅନେକ ପଦପଦବୀରେ ରହିଛନ୍ତି ।

# ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ କିଏ?

ନୂଆଦିଲ୍ଲୀ : ଏକାଧିକ ବିପଦପୂର୍ଣ୍ଣ ଫ୍ଲାଇଂ ଅପରେସନରେ ନିଜ ଦକ୍ଷତା ଦେଖାଇ ସାରିଛନ୍ତି ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ । ସେ ଭାରତୀୟ ବାୟୁ ସେନାର ଜଣେ ପରିଚିତ ନାଁଛ ଉତ୍ତର ପୂର୍ବ ରାଜ୍ୟରେ ଭୟଙ୍କର ବନ୍ୟା ବେଳେ ସେ ଦେଖାଇଥିବା ସାହାସ ସମସ୍ତଙ୍କୁ ଆଚମ୍ବିତ କରିଥିଲା । ଏଥିପାଇଁ ତାଙ୍କୁ ସମ୍ମାନୀତି ମଧ୍ୟ କରାଯାଇଥିଲା । ୨୦୦୪ରେ ସେ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲେ । ହେଲିକପ୍ଟରୀ ଉଡ଼ାଣରେ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହଙ୍କ ଯଥେଷ୍ଟ ଅଭିଜ୍ଞତା ରହିଛି । ସେ ଚେତକ ଓ ଚିତା ଭଳି ହେଲିକପ୍ଟର ଉଡ଼ାଇ ନିଜ ଦକ୍ଷତାର ପରିଚୟ ଦେଇଛନ୍ତି । ୨୦୧୭ରେ ତାଙ୍କୁ ୱିଙ୍ଗ କମାଣ୍ଡର ଭାବେ ପଦୋନ୍ନତି ମିଳିଥିଲା । ସ୍କୁଲ ବେଳରୁ ୱିଙ୍ଗ କମାଣ୍ଡ ବ୍ୟୋମିକା ଆକାଶରେ ଉଡ଼ିବାକୁ ମନ ବଳାଇଥିଲେ । ଏହି ସ୍ୱପ୍ନ ତାଙ୍କୁ ଭାରତୀୟ ବାୟୁ ସେନା ପ୍ରତି ଆକୃଷ୍ଟ କରିଥିଲେ । ତାଙ୍କ ନାଁ ବ୍ୟୋମିକା ହିଁ ସବୁ କିଛି ବୟାନ କରୁଛି । ଏହି ନାଁର ଅର୍ଥ ଯିଏ ସବୁବେଳେ ଆକାଶରେ ରହେ ବା ଆକାଶର ଝିଅ । ପିଲାଟି ବେଳକୁ ଆକାଶରେ ଉଡ଼ିବାକୁ ଚାହୁଁଥିବା ବ୍ୟୋମିକା ନିଜ ସ୍ୱପ୍ନ ପୂରଣ କରିବା ପାଇଁ ଏନସିସିରେ ଯୋଗଦେଇଥିଲେ ଓ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ । ସେ ତାଙ୍କ ପରିବାରର ପ୍ରଥମ ସଦସ୍ୟ ଭାବେ ଯିଏ ଭାରତୀୟ ସେନାରେ ଯୋଗ ଦେଇଛନ୍ତି । ପ୍ରଥମେ ବ୍ୟୋମିକା ହେଲିକପ୍ଟର ପାଇଲଟ ଭାବେ ଭାରତୀୟ ବାୟୁ ସେନାରେ ଯୋଗ ଦେଇଥିଲେ । ୨୦୧୯ ଡିସେମ୍ବର ମାସରେ ଫ୍ଲାଇଂ ବ୍ରାଞ୍ଚରେ ସ୍ଥାୟୀ ନିଯୁକ୍ତି ପାଇଥିଲେ । ବ୍ୟୋମିକା ୨୫୦୦ରୁ ଅଧିକ ଘଣ୍ଟା ବିମାନ ଉଡ଼ାଇ ସାରିଥିବା ବେଳେ ଅନେକ ମିଶନରେ ସାମିଲ ହୋଇଛନ୍ତି ।

## ଅପରେସନ ସିନ୍ଦୂରକୁ ରାହୁଲ, ଅଖିଳେଶଙ୍କ ସମର୍ଥନ



ନୂଆଦିଲ୍ଲୀ : ପାକିସ୍ତାନ ବିରୋଧରେ ଭାରତର ଅପରେସନ ସିନ୍ଦୂରକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଓ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ ସମର୍ଥନ କରିଛନ୍ତି । ପାକ୍ ଆତଙ୍କବାଦୀଙ୍କ ବିରୋଧରେ ଯେକୌଣସି କାର୍ଯ୍ୟାନୁଷ୍ଠାନକୁ ସେମାନେ ସମର୍ଥନ କରିବେବୋଲି ପୃଥକ ପୃଥକ ବିବୃତିରେ ଦଳ ପକ୍ଷରୁ କୁହାଯାଇଛି । ଦେଶର ସ୍ୱାର୍ଥକୁ କଦାପି ଆତଙ୍କବାଦୀଙ୍କ ନିକଟରେ ବଳି ଦିଆଯିବ ନାହିଁ । ଉଭୟ କଂଗ୍ରେସ ଓ ସମାଜବାଦୀ ପାର୍ଟିର ବରିଷ୍ଠ ଫୋରମରେ ଏନେଇ ଆଲୋଚନା ହୋଇଛି । ଆତଙ୍କବାଦର ମୁକାବିଲା ପାଇଁ ସରକାରଙ୍କ ଯେକୌଣସି ପ୍ରକାର ରଣକୌଶଳକୁ ସେମାନେ ସମର୍ଥନ କରିବେ ବୋଲି କୁହାଯାଇଛି ।

# ସୀମାନ୍ତ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଶାହାଙ୍କ ବୈଠକ

## ଅର୍ଦ୍ଧ ସାମରିକ ବାହିନୀ କର୍ମଚାରୀଙ୍କ ଛୁଟି ବାତିଲ

ନୂଆଦିଲ୍ଲୀ, ୭।୫ : ସୀମାନ୍ତବର୍ତ୍ତୀ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବୈଠକ କରିଛନ୍ତି । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳର ଏଲ୍‌ଜିମାନେ ଉପସ୍ଥିତ ଥିଲେ । ପାକିସ୍ତାନରେ ଥିବା ଆତଙ୍କୀ ଆଡ୍ଡା ଉପରେ ଆକ୍ରମଣ ପରେ ସୀମାନ୍ତବର୍ତ୍ତୀ ରାଜ୍ୟଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ନେଇ ଏହି ବୈଠକ କରାଯାଇଛି । ଏହାଛଡା ଅର୍ଦ୍ଧସାମରିକ ବାହିନୀ କର୍ମଚାରୀଙ୍କ ସମସ୍ତ ଛୁଟିକୁ ବାତିଲ କରିଦିଆଯାଇଛି । ସ୍ୱରାଷ୍ଟ୍ର ମନ୍ତ୍ରୀ ଜମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ସିକିମ୍, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ କରିଛନ୍ତି । ସେହିଭଳି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କାଶ୍ମୀର ଓ ଲଦାଖର ଏଲ୍‌ଜିମାନେ ଉପସ୍ଥିତ ଥିଲେ । ବୈଠକରେ ମୁଖ୍ୟ ସଚିବ ଓ ଡିଜିପି ମଧ୍ୟ ଉପସ୍ଥିତ ରହିଥିଲେ । ପାକିସ୍ତାନ ପକ୍ଷରୁ ଯଦି ଆକ୍ରମଣ କରାଯାଏ ସେ ନେଇ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ତେବେ ସୂଚନା ଅନୁଯାୟୀ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବାକୁ ମୁଖ୍ୟମନ୍ତ୍ରୀମାନଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ଯେ କୌଣସି ମୁହୂର୍ତ୍ତରେ ମୁକାବିଲା ଲାଗି ପ୍ରସ୍ତୁତ ରହିବାକୁ ମଧ୍ୟ କହିଛନ୍ତି । ତେବେ ବୈଠକ ପୂର୍ବରୁ ଶ୍ରୀ ଶାହା ଜମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କ ସହ କଥା ହୋଇଛନ୍ତି । ଭାରତ ଓ ପାକ୍ ମଧ୍ୟରେ ଯେଉଁ ଉତ୍ତେଜନା ପ୍ରକାଶ ପାଇଛି ଓ ଏହାପରେ ହୋଇଥିବା ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ଆଲୋଚନା କରାଯାଇଛି । ଶ୍ରୀ ଶାହା ମଧ୍ୟ ସୀମା ସୁରକ୍ଷାବାହିନୀର ମହାନିର୍ଦ୍ଦେଶକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି ।

# ଦେଶର ୧୮ ବିମାନବନ୍ଦର ଅସ୍ଥାୟୀ ଭାବେ ବନ୍ଦ

ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତୀୟ ସେନା ମଙ୍ଗଳବାର ରାତିରେ ଅପରେସନ ସିନ୍ଦୂର ଅଭିଯାନ କରିଥିଲା । ଏହି କାରଣରୁ, କେନ୍ଦ୍ର ସରକାର କିଛି ଅଞ୍ଚଳରେ ଆକାଶପଥ ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଲଗାଇଛନ୍ତି । ଏହି କାରଣରୁ, ଇଣ୍ଡିଗୋ ଏବଂ ଏୟାର ଇଣ୍ଡିଆ (୧୦ ମଇ, ୨୦୨୫) ସକାଳ ୫:୩୦ ପର୍ଯ୍ୟନ୍ତ ଅନେକ ବିମାନ ଉଡ଼ାଣ ବାତିଲ କରିଛନ୍ତି । ଏହି ନିଷେଧର ପ୍ରଭାବ ବିଶେଷକରି ଉତ୍ତର ଭାରତର ଅନେକ ବିମାନବନ୍ଦରରେ ଦେଖିବାକୁ ମିଳୁଛି । ଦେଶର ୧୮ଟି ବିମାନବନ୍ଦରକୁ ଅସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଛି । ଏଥିମଧ୍ୟରେ ଜାମ୍ମୁ, ଶ୍ରୀନଗର, ଲେହ, ଯୋଧପୁର, ଅମୃତସର, ଭୁଜ, ଚଣ୍ଡିଗଡ଼, ପଠାନକୋଟ, ଯୋଧପୁର, ଜୈସଲମେର, ଶିମଲା, ଧର୍ମଶାଳା, ଜାମନଗର, ନାନ୍ଦେଡ, କିଶାନଗଡ, ଆଦମପୁର, ହିଣ୍ଡନ ଏବଂ ରାଜକୋଟ ବିମାନବନ୍ଦର ରହିଛି । ଇଣ୍ଡିଗୋ ଏୟାରଲାଇନ୍ସ ଯାତ୍ରୀମାନଙ୍କୁ ସୂଚନା ଦେଇଛି ଯେ ଅମୃତସର, ବିକାନେର, ଚଣ୍ଡିଗଡ଼, ଧର୍ମଶାଳା, ଗ୍ୱାଲିୟର, ଜମ୍ମୁ, ଯୋଧପୁର, କିଶନଗଡ଼, ଲେହ, ରାଜକୋଟ ଏବଂ ଶ୍ରୀନଗର ଭଳି ସହରରୁ ଉଡ଼ାଣ ପ୍ରଭାବିତ ହୋଇଛି । ଏହି ସମସ୍ତ ଉଡ଼ାଣକୁ ୧୦ ମଇ ସକାଳ ୫:୨୯ ପର୍ଯ୍ୟନ୍ତ ବାତିଲ କରାଯାଇଛି । ଇଣ୍ଡିଗୋ ଏୟାରଲାଇନ୍ସ ଯାତ୍ରୀମାନଙ୍କୁ ବିମାନବନ୍ଦର ଅଭିମୁଖେ ଯିବା ପୂର୍ବରୁ ଏହାର ୱେବସାଇଟ୍ (www.goindigo.in) କିମ୍ବା ମୋବାଇଲ୍ ଆପ୍ ରେ ସେମାନଙ୍କର ଉଡ଼ାଣର ସ୍ଥିତି ଯାଞ୍ଚ କରିବାକୁ ନିବେଦନ କରିଛି । ଯେଉଁ ଯାତ୍ରୀମାନଙ୍କର ବିମାନ ବାତିଲ ହୋଇଛି, ସେମାନେ କୌଣସି ଅତିରିକ୍ତ ଶୁଳ୍କ ବିନା ପରବର୍ତ୍ତୀ ଉପଲବ୍ଧ ବିମାନରେ ସେମାନଙ୍କର ଯାତ୍ରା ପୁନଃର୍ନିର୍ଦ୍ଧାରିତ କରିପାରିବେ ।

# ମରିଯାଇଥିଲେ ଭଲ ହୋଇଥାନ୍ତା : ମାସୁଦ



ବାହାୱଲପୁର : ଭାରତର ଅପରେସନ ସିନ୍ଦୂରରେ କୁଖ୍ୟାତ ଆତଙ୍କବାଦୀ ମସୁଦ ଆଝାରର ସାରା ସଂସାର ଉଜୁଡ଼ିଯାଇଛି । ଆଝାର ପରିବାରର ପ୍ରାୟ ୧୦ ଜଣ ସଦସ୍ୟ ମୃତ୍ୟବରଣ କରିଛନ୍ତି । ଆଝାରର ୪ ଜଣ ସହଯୋଗୀ ମୃତ୍ୟୁବରଣ କରିଛନ୍ତି । ତାହାର ଭଉଣୀ ଓ ତାର ପରିବାର, ତା ଭାଇ ହାଜିଫୁଲ୍ଲା ଓ ତାହାର ପରିବାର, ଆଝାରର ସହଯୋଗୀ ଫାଜିଲ୍ ଭାଞ୍ଜେ ଓ ପତ୍ନୀ ମୃତ୍ୟୁବରଣ କରିଛନ୍ତି । ଏହି ଘଟଣାକୁ ନେଇ ଆଝାର ଏତେ ଭାଙ୍ଗିପଡ଼ିଛି ଯେ ସେ କହିଛି ଯେ ଏହି ଆକ୍ରମଣରେ ସେ ନିଜେ ମରିଯାଇଥିଲେ ଭଲ ହୋଇଥାନ୍ତା । ଏସବୁ ମୃତକଙ୍କ ଅନ୍ତିମ ସଂସ୍କାର ଆଜି ଅପରାହ୍ନରେ ବହାବଲପୁରରେ ହୋଇଛି । ସୂଚନାଯୋଗ୍ୟରେ ୧୯୯୯ ଏୟାର ଇଣ୍ଡିଆ ବିମାନ ଅପହରଣ କାଣ୍ଡ ପରେ ଭାରତ ସରକାର ମାସୁଦ ଆଝାରକୁ ମୁକ୍ତ କରିଥିଲେ । ଏହା ପରେ ସେ ଜୈସ-ଇ-ମହମ୍ମଦ ଆତଙ୍କୀ ସଂଗଠନ ଗଠନ କରି ଭାରତ ଉପରେ ବାରମ୍ବାର ଆକ୍ରମଣ କରିଥିଲା । ୨୦୦୧ ସଂସଦ ଆକ୍ରମଣ, ୨୦୦୭ ଆଜମେର ଦରଘା ବିସ୍ଫୋରଣ, ୨୦୧୬ ପଠାନକୋଟ ଏୟାରବେସ ଆକ୍ରମଣ, ୨୦୧୬ ଉରି ଆର୍ମିବେସ୍ ଆକ୍ରମଣ, ୨୦୧୯ ପୁଲୱାମା ଆକ୍ରମଣ ପଛରେ ମାସୁଦ ଆଝାର ମାଷ୍ଟରମାଇଣ୍ଡ ଥିଲା ।

# ଆତଙ୍କୀଙ୍କୁ ବୀରର ସମ୍ମାନ ଦେଉଛି ପାକ୍ ସେନା

ନୂଆଦିଲ୍ଲୀ: ଭାରତର ‘ଅପରେସନ ସିନ୍ଦୁର’ ଅଧୀନରେ ହୋଇଥିବା ଷ୍ଟ୍ରାଇକରେ ସଫା ହୋଇଯାଇଛନ୍ତି । ପାକିସ୍ତାନୀ ଆତଙ୍କବାଦୀ କଳ୍ପନା ବାହାରେ ଆକ୍ରମଣରେ ନିହତ ହୋଇଥିବା ଆତଙ୍କବାଦୀଙ୍କୁ କବର ଦେବା ସମୟରେ ଏକ ଅଜବ ଦୃଶ୍ୟ ଦେଖିବାକୁ ମିଳିଛି । ବିଶେଷ କରି ପାକିସ୍ତାନୀ ସେନାର ଯବାନମାନେ ଆତଙ୍କବାଦୀଙ୍କ ମୃତଦେହକୁ ଟେକି ଟେକି କବର ଦେବାକୁ ନେଇଥିବାବେଳେ ପାକିସ୍ତାନୀ ସେନାର ବରିଷ୍ଠ ଅଧିକାରୀମାନେ ଆସି ଶେଷ ବିଦାୟ ଜଣାଇଥିଲେ ।

ପାକିସ୍ତାନୀ ସେନା ଓ ସରକାରଙ୍କ ନଜରରେ ଭାରତ ବିରୋଧରେ ଲଢେଇ କରୁଥିବା ଆତଙ୍କବାଦୀମାନେ ହେଉଛନ୍ତି ଜଣେ ଜଣେ ବୀର । ଯେଉଁମାନେ ନିରୀହଙ୍କୁ ହତ୍ୟା କରିବା ଓ କାପୁରୁଷ ଭଳି ଲୁଚି ଛପି ଭାରତ ସୀମାରେ ପଶିବା ଭଳି କାମ କରନ୍ତି ନା ଭାରତୀୟ ସେନାକୁ ମୁହାଁମୁହିଁ କରିବାର ଶକ୍ତି ଅଛି ନା କୌଣସି ମାନବିକତା ଅଛି, ଆଉ ଏହି ଆତଙ୍କବାଦୀଙ୍କ ମୃତ୍ୟୁରେ ସେନା ଅଧିକାରୀମାନେ ଶୋକପ୍ରକାଶ କରିବା ସହ ଅନ୍ତିମ ଯାତ୍ରାରେ ସାମିଲ ମଧ୍ୟ ହେଉଛନ୍ତି ।



# ହନୁମାନଙ୍କ ପରି ଆକ୍ରମଣ କଲା ସେନା : ରାଜନାଥ

ନୂଆଦିଲ୍ଲୀ: ଭାରତୀୟ ସେନା ବୁଧବାର ରାତିରେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ନଅଟି ଆତଙ୍କବାଦୀ ଶିବିର ଉପରେ ବିମାନ ଆକ୍ରମଣ କରିଛି, ଯେଉଁଥିରେ ଅନ୍ତର୍ଭୁକ୍ତ ଥିଲା ଆତଙ୍କବାଦୀ ଗୋଷ୍ଠୀ ଲସ୍କର-ଏ-ତୈବା ଏବଂ ଜୈଶ-ଏ-ମହମ୍ମଦର ମୁଖ୍ୟାଳୟ । ଏହି ସମୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ସେନା ଶତ୍ରୁକୁ ଉପଯୁକ୍ତ ଜବାବ ଦେଇଛି । ସେ କହିଥିଲେ ଯେ ଭାରତୀୟ ସେନା ନିଜର ବୀରତ୍ୱ ଏବଂ ସାହସ ପ୍ରଦର୍ଶନ କରି ଏକ ନୂତନ ଇତିହାସ ଲେଖିଛି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଭାରତୀୟ ସେନା ସଠିକତା, ସତର୍କତା ଏବଂ ସମ୍ବେଦନଶୀଳତାର ସହିତ କାର୍ଯ୍ୟ କରିଛି । ଆମେ ଯେଉଁ ଟାର୍ଗେଟ୍ ସ୍ଥିର କରିଥିଲୁ, ତାହା ଯୋଜନାବଦ୍ଧ ଯୋଜନା ଅନୁଯାୟୀ ସଠିକତାର ସହିତ ଧ୍ୱଂସ କରାଯାଇଛି । କୌଣସି ସାଧାରଣ ନାଗରିକ ରହୁଥିବା ସ୍ଥାନକୁ ଟାର୍ଗେଟ କରାଯାଇ ନାହିଁ । ଏହାର ଅର୍ଥ ହେଉଛି ସେନା ଏକ ପ୍ରକାର ସଠିକତା, ସତର୍କତା ଏବଂ ମାନବିକତା ଦେଖାଇଛି । କ୍ରମଣ ବେଳେ ଆମେ ହନୁମାନ ଜୀଙ୍କ ଆଦର୍ଶକୁ ଅନୁସରଣ କରିଛୁ, ଯାହା ସେ ଅଶୋକ ବାଟିକାକୁ ଧ୍ୱଂସ କରିବା ସମୟରେ ଅନୁସରଣ କରିଥିଲେ, ଶ୍ରୀରାମ ଚରିତ ମାନସର ଏକ ଚୌପାଇକୁ ଉଦ୍ଧାର କରି ସେ କହିଛନ୍ତି ଜିନ୍ ମୋହି ମାରା, ତେ ମେଁ ମାରେ ଅର୍ଥାତ ଆମେ କେବଳ ସେମାନଙ୍କୁ ହତ୍ୟା କରିଛୁ ଯେଉଁମାନେ ଆମର ନିର୍ଦ୍ଦୋଷଙ୍କୁ ହତ୍ୟା କରିଥିଲେ । ସେ ଆହୁରି ମଧ୍ୟ କହିଛନ୍ତି ଯେ ଆମେ କେବଳ ସେମାନଙ୍କୁ ହତ୍ୟା କରିଥିଲୁ ଯେଉଁମାନେ ଆମର ନିର୍ଦ୍ଦୋଷ ଲୋକଙ୍କୁ ହତ୍ୟା କରିଥିଲେ । ଭାରତୀୟ ସେନା ହନୁମାନଙ୍କ ପରି ଆକ୍ରମଣ କରିଥିଲା । ମୁଁ ଭାରତୀୟ ସେନାର ସାହସକୁ ସଲାମ କରୁଛି ।



## ଯୁଦ୍ଧ ପୂର୍ବବର୍ତ୍ତୀ ସତର୍କତା

# ସୁରକ୍ଷା ନେଇ ସଚେତନ କଲା ମକ୍‌ଡ୍ରିଲ୍



ଭୁବନେଶ୍ୱର, (ସବ୍ୟୁ) : ଯୁଦ୍ଧ ସଚେତନତା ପାଇଁ ରାଜ୍ୟର ୧୨ଟି ସ୍ଥାନରେ ମକ୍‌ଡ୍ରିଲ୍ ହେବାକୁ ଥିବାବେଳେ ଭୁବନେଶ୍ୱରରେ ବୁଧବାର ମକ୍‌ଡ୍ରିଲ୍ ହୋଇଥିଲା । ରାଜମହଲ ଛକଠାରେ ଅନୁଷ୍ଠିତ ମକ୍‌ଡ୍ରିଲ୍‌ରେ ଓଡ୍ରାଫ୍, ଅଗ୍ନିଶମ, ପୋଲିସ, ମେଡିକାଲ ଟିମ୍, ଏନ୍‌ସିସି, ସ୍କାଉଟ୍ସ-ଗାଇଡ୍ସ, ରେଡ୍‌କ୍ରସ ପ୍ରଭୃତି ଅନୁଷ୍ଠାନର ଅଫିସର ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏମାନଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସାମିଲ ହୋଇଥିବା ବେଳେ ସାଧାରଣ ଲୋକଙ୍କୁ ଯୁଦ୍ଧ ସମୟରେ କିପରି ନିଜେ ସତର୍କ ରହି ନିଜକୁ ସୁରକ୍ଷା ଦେବା ସହ ପାଖରେ ଥିବା ଲୋକଙ୍କୁ ସହାୟତା ଦେଇପାରିବେ ସେ ନେଇ ମକ୍‌ଡ୍ରିଲ୍‌ର ସନ୍ଦେଶ ଥିଲା । ଏହି ସନ୍ଦେଶ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଦେଶ ପ୍ରେମରେ ଉଦ୍‌ବୃଦ୍ଧ କରାଇବ । ଭୁବନେଶ୍ୱର ଷ୍ଟେସନରେ ମଧ୍ୟ ମକ୍‌ଡ୍ରିଲ୍ ପ୍ରଦର୍ଶିତ ହୋଇଥିଲା ।

ବୁଧବାର ଅପରାହ୍ନ ୪ଟା ୫ରେ ସାଇରନ୍ ବାଜିଥିଲା । ସାଇରନ୍ ବାଜିବା ପରେ କ୍ୟାଡେଟ୍‌ମାନେ ସତର୍କ ହେବା ଦୃଶ୍ୟ ପ୍ରଦର୍ଶନ କରିଥିଲେ । ୪ଟା ୩୦ରେ ଶେଷ ସାଇରନ୍ ବାଜିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା । ଭୁବନେଶ୍ୱର ରାଜମହଲ ଛକରୁ ଶିଶୁଭବନ ଛକ ମଧ୍ୟରେ ଅନୁଷ୍ଠିତ ମକ୍‌ଡ୍ରିଲ୍‌ରେ ସାମିଲ ଥିବା କ୍ୟାଡେଟ୍‌ମାନେ ଏୟାର ଷ୍ଟ୍ରାଇକ୍ ହେଲେ କିପରି ନିଜକୁ ସୁରକ୍ଷା ଦେଇପାରିବେ ତାହା ପ୍ରଦର୍ଶିତ କରିଥିଲେ । ଏୟାର ଷ୍ଟ୍ରାଇକ୍ ସମୟରେ ଯଦି କେହି ବାହାରେ ଥାଆନ୍ତି ରାସ୍ତାରେ ଶୋଇ ରହିବା ସହ କାନକୁ ବନ୍ଦ କରିବା ପାଇଁ ଦେଖାଇଥିଲେ କ୍ୟାଡେଟ୍‌ମାନେ । କ୍ୟାଡେଟ୍‌ମାନଙ୍କ ମଧ୍ୟରୁ କେତେକ ଆହତ ହେବା ଦୃଶ୍ୟ ମଧ୍ୟ ପ୍ରଦର୍ଶନ କରିଥିଲେ । ଶେଷ ସାଇରନ୍ ବାଜିବା ପରେ ଆହତମାନଙ୍କୁ ମେଡିକାଲ ଟିମ୍ ଧରି ଆସିଥିବା ଆମ୍ବୁଲାନ୍ସରେ ଉଦ୍ଧାର କରି ନିଆଯାଇଥିଲା । ମକ୍‌ଡ୍ରିଲ୍‌ରେ ଆକର୍ଷଣୀୟ ଦୃଶ୍ୟ ଥିଲା ଯଦି ଆମ୍ବୁଲାନ୍ସ ବ୍ୟବସ୍ଥା ନଥାଏ କିମ୍ବା ମେଡିକାଲ ଦୂରରେ ହୋଇଥାଏ ତେବେ ଆହତଙ୍କୁ କିପରି ପିଠିରେ ପକାଇ ନେବାକୁ ହେବ । ଯାହା ପ୍ରଦର୍ଶିତ କରାଗଲା ତାହା ସବୁ ସାଧାରଣ ଲୋକଙ୍କ ସଚେତନତା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ କହିଛନ୍ତି । ବୋମା ଫୁଟିବା ଓ ନିଆଁ ଲାଗିବା ଦୃଶ୍ୟ ମଧ୍ୟ ପ୍ରଦର୍ଶନ କରାଯାଇଥିଲା । ବୋମା ଫୁଟିଲେ କ'ଣ କରିବେ ଓ ନିଆଁ ଲାଗିଲେ ତାହାକୁ କିପରି ଲିଭାଇବେ ତାହା ମଧ୍ୟ ପ୍ରଦର୍ଶନ କରାଯାଇଥିଲା । ଏପରିକି ଯଦି ଯୁଦ୍ଧ ସମୟରେ ଶତ୍ରୁପକ୍ଷ ଗ୍ରେନେଡ୍ ପଡିଥାଏ, ତେବେ ସେ ସମୟରେ କିପରି ସତର୍କ ରହିବାକୁ ହେବ କ୍ୟାଡେଟ୍‌ମାନେ ପ୍ରଦର୍ଶିତ କରିଥିଲେ ।

ଯଦି ପାଖରେ ଥିବା ଜଣେ କେହି ଗୁରୁତର ଆହତ ହୋଇଥାନ୍ତି, ନିଜେ ଆହତ ହୋଇଥିଲେ ମଧ୍ୟ ଗୁରୁତର ଆହତଙ୍କୁ କିପରି ସାଙ୍ଗରେ ନେଇ ଘଟଣାସ୍ଥଳରୁ ଯିବେ ତାହା ମକ୍‌ଡ୍ରିଲ୍‌ରେ ଦେଖାଇଥିଲେ କ୍ୟାଡେଟ୍ । ଗୁରୁତର ଆହତକୁ ଅଳ୍ପ ଆହତ ହୋଇ ନିଜେ କିପରି ଘୁଷୁରି ଘୁଷୁରି ରାସ୍ତାରେ କିଛିବାଟ ନେବାକୁ ପଡିଥାଏ, ତାହା ଦେଖୁଥିଲେ ରାସ୍ତାରେ ଯାଉଥିବା ଲୋକମାନେ । ଏହି ୨୫ ମିନିଟ୍ ସମୟ ମଧ୍ୟରେ ରାଜମହଲ ଓ ଶିଶୁ ଭବନ ଓ କଳ୍ପନାରୁ ଏଜି ଛକ ପର୍ଯ୍ୟନ୍ତ ରାସ୍ତାରେ ଗାଡି ଚଳାଚଳ ବନ୍ଦ ରହିଥିଲା । କେତେକ ଟ୍ରାଫିକ୍ କର୍ମଚାରୀ ମଧ୍ୟ ମକ୍‌ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏୟାର ଷ୍ଟ୍ରାଇକ୍‌ରେ ୩ ମହଲା କୋଠା ଉପରୁ ରୋଗୀ କିମ୍ବା ଆହତଙ୍କୁ ଉଦ୍ଧାର କରାଯିବ ସେ ଦୃଶ୍ୟ ସମସ୍ତେ ସତର୍କତାର ସହ ନିରୀକ୍ଷଣ କରୁଥିଲେ । ତିନିମହଲା ଉପରୁ ଜଣେ ରୋଗୀକୁ କିପରି ଷ୍ଟ୍ରେଚରରେ ଦଉଡି ସାହାଯ୍ୟରେ ତଳକୁ ଅଣାଯାଇ ପାରିବ ତାହା ରାଜମହଲ ବ୍ରିଜ୍ ଉପରୁ ରାସ୍ତା ପର୍ଯ୍ୟନ୍ତ ଜଣେ କ୍ୟାଡେଟ୍‌କୁ ଅଣାଯାଇଥିଲା । ସେହିପରି ଆଉ ଜଣେ ଏନ୍‌ସିସି ଛାତ୍ରୀ ଗୋଟିଏ ଦଉଡିରେ ବ୍ରିଜ୍ ଉପରୁ ତଳକୁ ଖସି ଯୁଦ୍ଧ ସମୟରେ ଉଚ୍ଚ ସ୍ଥାନରୁ କିପରି ଆସି ଜୀବନ ରକ୍ଷା କରିପାରିବେ ପ୍ରଦର୍ଶିତ କରିଥିଲେ । ଅଗ୍ନିଶମ ବାହିନୀ କମାଣ୍ଡୋମାନେ ସିଡିରେ ଆହତକୁ କିପରି କାନ୍ଧେଇ ତଳକୁ ଆସୁଥିଲେ ତାହା ମଧ୍ୟ ଦେଖାଇଥିଲେ ସେମାନେ ।

ରାଜମହଲ ଛକରେ ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ସହ ଡିସିପି ଜଗମୋହନ ମିନା ଉପସ୍ଥିତ ଥିବାବେଳେ ବିଏମ୍‌ସି କଣ୍ଟ୍ରୋଲ ରୁମ୍‌ରେ ଜିଲ୍ଲାପାଳ, ଅଗ୍ନିଶମ ଡିଆଇଜି ଉମାଶଙ୍କର ଦାସ ଉପସ୍ଥିତ ରହି ସବୁ କ୍ୟାମେରା ମାଧ୍ୟମରେ ଏଲ୍‌ସିଡିରେ ଅନୁଧ୍ୟାନ କରୁଥିଲେ । ବରିଷ୍ଠ ପୋଲିସ ଅଧିକାରୀ ମଧ୍ୟ କଣ୍ଟ୍ରୋଲ ରୁମ୍‌କୁ ଘଟଣାସ୍ଥଳକୁ ଯାତାୟାତ କରି ସମନ୍ୱୟ ରକ୍ଷା କରୁଥିଲେ । ଡିଆଇଜି ଶ୍ରୀ ଦାସଙ୍କ କହିବାନୁଯାୟୀ ଯେଉଁ ଏଜେନ୍ସି ମକ୍‌ଡ୍ରିଲ୍‌ରେ ସାମିଲ ଥିଲେ ସେମାନଙ୍କ ମଧ୍ୟରେ କିପରି ସମନ୍ୱୟ ଥିଲା ତାହା ଏଲ୍‌ସିଡି ମାଧ୍ୟମରେ କଣ୍ଟ୍ରୋଲ ରୁମ୍‌ରୁ ନିରୀକ୍ଷଣ କରାଯାଉଥିଲା । କାରଣ ଏୟାର ଷ୍ଟ୍ରାଇକ୍ ହେଲେ ଉଦ୍ଧାର ଓ ଜୀବନ ରକ୍ଷା ପାଇଁ ସମନ୍ୱୟର ଆବଶ୍ୟକତା ରହିଛି । କେତେକ ବିଭାଗର ସରକାରୀ କର୍ମଚାରୀ ମଧ୍ୟ ମକ୍‌ଡ୍ରିଲ୍‌ରେ ସାମିଲ ଥିବା ଲକ୍ଷ୍ୟ କରାଯାଇଥିଲା । ଏହି ମକ୍‌ଡ୍ରିଲ୍ ରାଜ୍ୟରେ ଏକ ସପ୍ତାହ ଧରି ଚାଲୁ ରହିବ । ଡିସିପି ଶ୍ରୀ ମିନାଙ୍କ କହିବାନୁଯାୟୀ ସବୁ ଥାନା ଅଞ୍ଚଳରେ ପିସିଆର୍ ସହାୟତାରେ ମକ୍‌ଡ୍ରିଲ୍ ପ୍ରଦର୍ଶନ କରାଯିବ । ସାଧାରଣ ଲୋକ ଯୁଦ୍ଧ ସମୟରେ ନିଜକୁ ବଞ୍ଚାଇବା ଓ ଅନ୍ୟକୁ ସହାୟତା କରିବାର କୌଶଳ ମକ୍‌ଡ୍ରିଲ୍‌ରେ ପ୍ରଦର୍ଶିତ କରାଯାଉଥିବା ବହୁ ଅଫିସର ମତ ଦେଇଛନ୍ତି ।

## ଆତ୍ମରକ୍ଷା କୌଶଳ ଶିଖାଇଲେ ସିଭିଲ ଡିଫେନ୍ସ କର୍ମୀ















TPCODL
TP CENTRAL ODISHA
DISTRIBUTION LIMITED

PUBLIC NOTICE

To provide relief to our consumers during the ongoing summer, TP Central Odisha Distribution Limited (TPCODL) will not plan power outages for routine maintenance up to 15th June 2025. Power outages for essential works such as new service connections, addressing unsafe conditions and urgent project related activities will be taken with prior announcement.

For You, With You, Always
www.tpcentralodisha.com | 24x7 Toll-free Call Centre: 1912 / 1800-345-7122

## ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲ ଛାତ୍ର ସଂସଦର ବାର୍ଷିକ ଉତ୍ସବ

# କଲେଜରେ ନୂଆ 'ହୋମିଓପାଥି ଗବେଷଣା ଓ ବିଶ୍ଳେଷଣ ବିଭାଗ' ଖୋଲିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ସ୍ଥିତ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ର ସଂସଦର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସେଠାରେ ଏକ ନୂତନ ଏମରଜେନ୍ସି ୟୁନିଟର ଶିଳାନ୍ୟାସ କରିବା ହୋମିଓପାଥିକ୍ ଚିକିତ୍ସାର ଲୋକପ୍ରିୟତା ବୃଦ୍ଧି ଦିଗରେ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଅବଦାନ ଅତୁଳନୀୟ । ଏହି କଲେଜ୍ ରାଜ୍ୟର ଏକ ପ୍ରତିଷ୍ଠିତ କଲେଜ୍ । ହୋମିଓପାଥିକ୍ ଶିକ୍ଷା, ଗବେଷଣା ଓ ପ୍ରଶିକ୍ଷଣ କ୍ଷେତ୍ରରେ ଏହା କେବଳ ରାଜ୍ୟ କାହିଁକି, ସାରା ଦେଶର ଏକ

## ● ନୂତନ ଏମରଜେନ୍ସି ୟୁନିଟର ଶିଳାନ୍ୟାସ
## ● ୩ ଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବେ: ମୁଖ୍ୟମନ୍ତ୍ରୀ

ସହିତ କଲେଜରେ ଏକ ହୋମିଓପାଥି ଗବେଷଣା ଓ ବିଶ୍ଳେଷଣ ବିଭାଗ ଖୋଲାଯିବ ବୋଲି ଘୋଷଣା କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ରକ୍ତଦାନ ଶିବିରର ଉଦ୍‌ଘାଟନ ମଧ୍ୟ କରିଛନ୍ତି ।

ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଓଡିଶାରେ ହୋମିଓପାଥିକ୍ ଶିକ୍ଷାର ପ୍ରସାର ଓ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ । ଦୀର୍ଘ ୫୬ ବର୍ଷ ଧରି ଏହା ଅବିରତ ଭାବେ ଶିକ୍ଷାର ପ୍ରସାର କରି ଚାଲିଛି ଏବଂ ଅନେକ ସୁନାମଧନ୍ୟ ଡାକ୍ତର ସୃଷ୍ଟି କରିଛି । ରାଜ୍ୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ରାଜ୍ୟ ସରକାର କ୍ରମାଗତ ଭାବେ ଉଦ୍ୟମ କରିଚାଲିଛନ୍ତି । ଅନୁସନ୍ଧାନରୁ ଜଣାଯାଇଛି ଯେ, ସାରା ଭାରତର ଆୟୁଷ ଅର୍ଥନୀତିର ପ୍ରାୟ ୧୫ ପ୍ରତିଶତ



ହୋମିଓପାଥିକ ଚିକିତ୍ସା ବ୍ୟବସ୍ଥା ଦ୍ୱାରା ପରିଚାଳିତ । ରାଜ୍ୟରେ ବର୍ତ୍ତମାନ ଏହି ମହାବିଦ୍ୟାଳୟକୁ ମିଶାଇ ୪ଟି ସରକାରୀ ହୋମିଓପାଥିକ୍ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଅଛି । ଏହା ସହିତ ୫୬୨ ଟି ସରକାରୀ ହୋମିଓପାଥିକ୍ ଡାକ୍ତରଖାନା ମଧ୍ୟ ଅଛି । ଆୟୁଷ ଚିକିତ୍ସାର ଉନ୍ନତି ପାଇଁ ରାଜ୍ୟ ସରକାର ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱର ଠାରେ ତିନୋଟି ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ କହିଥିଲେଯେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥିକ ଚିକିତ୍ସା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ଏବଂ ଡଃ ଅଭିନଚନ୍ଦ୍ର ହୋମିଓପାଥିକ୍ ମେଡିକାଲ କଲେଜ ଓ ହସ୍ପିଟାଲର ଛାତ୍ରଛାତ୍ରୀ ମାନେ ଏହି ପ୍ରାମାଣିକ ଚିକିତ୍ସା ପଦ୍ଧତିକୁ ଆହୁରି ଜନାଭିମୁଖୀ କରିଛନ୍ତି । ଓଡିଶାରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଡବଲ ଇଞ୍ଜିନ ସରକାର ଜୋରଦାର୍ ଉଦ୍ୟମ ଆରମ୍ଭ କରିଛନ୍ତି । ତେଣୁ, ଏ କ୍ଷେତ୍ରରେ ଆମେ ଆମର ଧାର୍ଯ୍ୟ ଲକ୍ଷ୍ୟକୁ ଅତିକ୍ରମ କରିବୁ ବୋଲି ମୋର ଦୃଢ ବିଶ୍ୱାସ । ଉକ୍ତ କାର୍ଯ୍ୟକ୍ରମରେ ବିଧାୟକ, ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗ ସଚିବ ଅଶ୍ୱଥି ଏସ, ପଦ୍ମଶ୍ରୀ ଡକ୍ଟର ଅଶୋକ ମହାପାତ୍ର, ମୁଖ୍ୟବକ୍ତା, ଡକ୍ଟର ଏଲ୍. କେ. ନନ୍ଦ ମଞ୍ଚାସୀନ ଥିବା ବେଳେ ମହାବିଦ୍ୟାଳୟର ଅଧକ୍ଷା ଡଃ ପୁଷ୍ପାଞ୍ଜଳି ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଲିପକ ମହାପାତ୍ର ବିବରଣୀ ପାଠ କରିଥିଲେ ଏବଂ ଛାତ୍ର ସଂସଦର ସାଧାରଣ ସମ୍ପାଦକ ସୌମ୍ୟ ଦର୍ଶନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

# ପୁରୀରେ ସିଭିଲ୍ ଡିଫେନ୍ସ ପକ୍ଷରୁ ମକ୍‌ଡ୍ରିଲ

ପୁରୀ,(ସବ୍ୟୁ): ବୁଧବାର ଅପରାହ୍ନରେ ପୁରୀ ବଡ଼ଦାଣ୍ଡ ମାର୍କେଟ ଛକ,ପୁରୀ ହୋଟେଲ ସମ୍ମୁଖ ବେଳାଭୂମି ଓ ପେଣ୍ଟକଟା ବହୁମୁଖୀ ଆଶ୍ରୟ ସ୍ଥଳରେ ମକ ଡ୍ରିଲ କରାଯାଇଛି । ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଆଶଙ୍କା ଘନେଇଥିବାବେଳେ ସତର୍କତା ଓ ସୁରକ୍ଷା ପାଇଁ ଏହି ସିଭିଲ ଡିଫେନ୍ସ ମକ୍ ଡ୍ରିଲ କରାଯାଉଛି । ଠିକ୍ ଅପରାହ୍ନ ୪ ଟାରେ ବାଜିଥିଲା ସାଇରନ । ଶତ୍ରୁ ଆକ୍ରମଣ କଲେ କ'ଣ କରିବେ ସେ ନେଇ ମକ୍ ଡ୍ରିଲ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଛି । ଶତ୍ରୁ ବିମାନ ଆସିଲେ ସାଇରନ ବଜାଇ ସତର୍କ କରାଯିବ । ସାଇରନ ଶୁଣି କଂକ୍ରିଟ୍ ଛାତ ଥିବା ଘରକୁ ଲୋକ ଯିବେ । ଆକ୍ରମଣ ସରିଲା ପରେ ପୁଣି ସାଇରନ ବାଜିଥିଲା । ଆକ୍ରମଣ ବେଳେ ଜରୁରୀ ପରିସ୍ଥିତି ଉପୁଜିବା କ୍ଷଣି ଲୋକଙ୍କୁ ଉଦ୍ଧାର କରିବାର ଯୋଜନାକୁ ଅପଡେଟ କରାଯାଇ ତାର ଅଭ୍ୟାସ ବି ହୋଇଥିଲା । ପୁରୀ ବେଳାଭୂମିରେ ମଧ୍ୟ ଆତଙ୍କବାଦୀ ଆକ୍ରମଣର ମୁକାବିଲା କରିବା ପାଇଁ ପର୍ଯ୍ୟଟକ ମାନଙ୍କୁ ସତର୍କ କରାଯାଇଥିଲା । ସାଇରନ ବାଜିବା ପରେ ବେଳାଭୂମିରେ ଥିବା ସମସ୍ତ ପର୍ଯ୍ୟଟକ ମାନଙ୍କୁ ହୋଟେଲ୍ ଭିତରକୁ ସୁରକ୍ଷିତ ଅଣାଯିବା ସହ ରାସ୍ତାର ଉଭୟ ପାର୍ଶ୍ୱକୁ ବନ୍ଦ କରାଯାଇଥିଲା । ଏହାସହ ଏୟାରଷ୍ଟ୍ରାଇକ ହେଲେ ଯେଉଁଭଳି ନିଆଁ ଲାଗିଥାଏ ଠିକ୍ ସେହିଭଳି ଅଗ୍ନିଶମ ବିଭାଗ ଅଧିକାରୀ ମାନେ ତାହାର ଡେମୋ ଦେଖାଇବା ସହ ଯୁଦ୍ଧକାଳୀନ ଭିତ୍ତିରେ କିଭଳି ଦମକଳ ଗାଡି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବ ତାହା ଦେଖାଇଥିଲେ । ଏଭଳି ଅଭିନବ ପ୍ରୟାସକୁ ପର୍ଯ୍ୟଟକ ମାନେ ସ୍ୱାଗତ କରିଥିବା ବେଳେ ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ପର୍ଯ୍ୟଟକ ମାନେ କିଭଳି ନିଜକୁ ସୁରକ୍ଷିତ ରଖିବେ ସେନେଇ ଏ ମକଡ୍ରିଲ୍ ର ଉଦେଶ୍ୟ ।

# ଲୁଟ ସୁନା, ରୁପା ଅଳଙ୍କାର ଜବତ: ୨ ଗିରଫ



ଖୋର୍ଦ୍ଧା,(ସବ୍ୟୁ): ବାଲୁଗାଁ ବଜାର ସ୍ଥିତ ଏକ ଗହଣା ଦୋକାନ ତାଲା ଭାଙ୍ଗି ଶୁକ୍ରବାର ବିଳମ୍ବିତ ରାତ୍ରିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ ଘଟଣାରେ ବାଲୁଗାଁ ପୋଲିସ ସମ୍ପୃକ୍ତ ଦୁଇ ଲୁଟେରାଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଚୋରି ୫ କିଲୋ ଓଜନର ରୁପା ଏବଂ ୭୦ ଗ୍ରାମ ସୁନା ଅଳଙ୍କାର ଜବତ ହୋଇଛି । ଗିରଫ ଦ୍ୱୟ ହେଲେ କଟକ ଜିଲ୍ଲା କାନପୁରର କାହ୍ନୁ ଦାଶ (୪୧) ଏବଂ ବାଲୁଗାଁ ଗୋପୀନାଥ ଛକରେ ରହୁଥିବା କାଳିଆ ଦାଶ (୨୩) ।

ପ୍ରକାଶ ଥାଉକି, ବାଲୁଗାଁ ବଜାର ସ୍ଥିତ ମହାବୀର ଜୁଏଲର୍ସ ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଆଜବେଷ୍ଟସ ଭାଙ୍ଗି ଶୋ କେସରୁ ୨୦୦ ଗ୍ରାମ ଓଜନର ସୁନା ଓ ୫ କିଲୋ ରୁପା ଅଳଙ୍କାର ସମେତ କ୍ୟାସ ବାକ୍ସରୁ ନଗଦ ୩ ହଜାର ଟଙ୍କା ଚୋରି ହୋଇଥିବା ନେଇ ମାଲିକ ଲକ୍ଷ୍ମୀଧର ନାୟକ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏ ନେଇ ତଦନ୍ତ କରିବା ସହ ଅପରାହ୍ନରେ ସାଇଁଟିଫିକ ଟିମ ପହଁଚି ସରଜମିନ ତଦନ୍ତ କରିଥିଲେ । ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡାଙ୍କ ତତ୍ତ୍ୱାବଧାନରେ ଏକ ଟିମ ଏବଂ ଜିଲ୍ଲା ପୁଲିସ ର ସ୍ୱତନ୍ତ୍ର ଟିମ୍ ଘଟଣାର ସିସି କ୍ୟାମେରା ଫୁଟେଜକୁ ଯାଂଚ କରି ସମ୍ପୃକ୍ତ ଦୁଇ ଲୁଟେରାକୁ ଧରି ପଚରାଉଚରା କରିବାରେ ସେମାନେ ଚୋରି କରିଥିବା ସ୍ୱୀକାର କରିଥିଲେ । ସେମାନଙ୍କ ବୟାନ କ୍ରମେ ମାଟି ତଳେ ପୋତାଯାଇଥିବା ୭୦ଗ୍ରାମ ସୁନା ଏବଂ ୫ କିଲୋ ଓଜନର ରୁପା ଅଳଙ୍କାର ଜବତ କରାଯାଇଥିଲା । ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି । ଏହି ଲୁଟେରା ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟ ମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ଆଜି ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି ।

# ୧୨ରେ ଶପଥ ନେବେ ଜଷ୍ଟିସ୍ ଡି.କେ ଶ୍ରୀପଦ

କଟକ,(ସବ୍ୟୁ): ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଜଷ୍ଟିସ୍ ଦୀକ୍ଷି କୃଷ୍ଣ ଶ୍ରୀପଦ ଆସନ୍ତା ୧୨ ତାରିଖ ସୋମବାର ଶପଥ ନେବେ । ଜଷ୍ଟିସ୍ ଶ୍ରୀପଦଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟର ବିଚାରପତିଙ୍କ ସଂଖ୍ୟା ୧୯ରେ ପହଞ୍ଚିବ ।

ଗତ ମାସ ୧୫ ଓ ୧୯ ରେ ଅନୁଷ୍ଠିତ କଲେଜିୟମ ବୈଠକରେ ଜଷ୍ଟିସ୍ ଡି.କେ. ଶ୍ରୀପଦ୍‌ଙ୍କ ସହ ମୋଟ ୭ଜଣ ବିଚାରପତିଙ୍କୁ ବିଭିନ୍ନ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ୍ କରାଯାଇଥିଲା । ଏହି ସୁପାରିସକୁ କେନ୍ଦ୍ର ସରକାର ଗତ ୨ ତାରିଖରେ ଅନୁମୋଦନ କରିଥିଲେ । ଉଲ୍ଲେଖଯୋଗ୍ୟ, ଜଷ୍ଟିସ୍ ଶ୍ରୀପଦ ୨୦୧୮ ମସିହା ଫେବ୍ରୁଆରୀ ୧୪ ତାରିଖରେ କର୍ଣାଟକ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ । ୨୦୨୦ ଜାନୁଆରୀ ୭ ରେ ସେ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇ ସେବେଠାରୁ କାର୍ଯ୍ୟ କରିଆସୁଥିଲେ ।

## ବିଜୁ ବାବୁଙ୍କ ଅବଦାନକୁ ସମ୍ମାନ ଜଣାଇ

# ରୁଷ ଦୂତାବାସରେ ଉନ୍ମୋଚିତ ହେଲା ସ୍ମାରକୀ ଫଳକ

ଭୁବନେଶ୍ୱର,(ସବ୍ୟୁ): ନାଜିବାଦ ବିରୁଦ୍ଧରେ ରୁଷର ବିଜୟର ଅଶୀ ତମ ବାର୍ଷିକୀ ଉତ୍ସବ ପାଳନ ଆରମ୍ଭ ହୋଇଛି । ଏଥିପାଇଁ ମଇ ୯ ତାରିଖରେ ମସ୍କୋରେ ବିଶାଳ ଆୟୋଜନ ଚାଲିଛି । ଏହି ଆୟୋଜନ ରେ ଜଣେ ମହାନ ଓଡ଼ିଆଙ୍କ ଅବଦାନକୁ କୃତଜ୍ଞତା ସହ ମନେ ପକାଇଛି ରୁଷ । ସେ ଓଡ଼ିଆ ବୀର ହେଉଛନ୍ତି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୁ ବାବୁଙ୍କ ସାହସ ଶୌର୍ଯ୍ୟ ଓ ପରାକ୍ରମର ଗାଥା ଆଜି ପୁଣି ଗୁଞ୍ଜରିତ ହୋଇଥିଲା ନୂଆଦିଲ୍ଲୀର ରୁଷ ଦୁତାବାସ, ରୁଷିଆ ହାଉସର



## ● ଦିଲ୍ଲୀରେ ରୁଷ ବିଜୟର ୮୦ ତମ ବାର୍ଷିକୀ ପାଳିତ
## ● ମୁଖ୍ୟଅତିଥି ଭାବେ ଯୋଗ ଦେଲେ ନବୀନ ପଟ୍ଟନାୟକ

ବର୍ଣାଢ୍ୟ ପରିବେଶରେ ଷ୍ଟାଲିନ ଗ୍ରାଡ୍ ଅଭିଯାନ ରେ ବିଜୁବାବୁଙ୍କ ଅବଦାନକୁ ସମ୍ମାନ ଜଣାଇ ବାକୁ ରୁଷିଆ ହାଉସରେ ବୁଧବାର ସକାଳେ ଆୟୋଜିତ ହୋଇଥିଲା ଏକ ଭବ୍ୟ ଉତ୍ସବ । ଏଥରେ ମୁଖ୍ୟଅତିଥି ଭାବେ ବିଜୁ ବାବୁଙ୍କ ସୁପୁତ୍ର ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଭାରତରେ ରୁଷର ରାଷ୍ଟ୍ରଦୂତ ମହାମହିମ ମିଃ ଡେନିସ ଅଲିପୋଭଙ୍କ ମହାର୍ଘ୍ୟ ଉପସ୍ଥିତିରେ ବିଜୁ ବାବୁଙ୍କ ଉଦେଶ୍ୟରେ ସମର୍ପିତ ସ୍ମାରକୀ ଫଳକ ଉନ୍ମୋଚନ କରିଥିଲେ । ଏହି ଅବସରରେ ମହାନାୟକ ବିଜୁ ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରି ନବୀନ ପଟ୍ଟନାୟକ କହିଥିଲେ ଯେ ବିଜୁ ବାବୁଙ୍କ ସାହସ ଓ ପରାକ୍ରମ ପାଇଁ ସାରା ଦେଶ ଗର୍ବିତ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଜଣେ ପାଇଲଟ ଭାବରେ ବିଜୁ ବାବୁ ଯେଭଳି ଅତୁଳନୀୟ ସାହସ ପ୍ରଦର୍ଶନ କରି ଷ୍ଟାଲିନ ଗ୍ରାଡ଼ ରେ ଅବରୁଦ୍ଧ ରୁଷ ସେନାକୁ ଅସ୍ତ୍ର ଶସ୍ତ୍ର ଯୋଗାଇ ନାଜି ବିରୁଦ୍ଧରେ ରୁଷ ର ବିଜୟ କୁ ସୁଗମ କରି ବିଶ୍ୱ କୁ ବିପର୍ଯ୍ୟୟ ରୁ ବଞ୍ଚାଇଥିଲେ ଥିଲେ ତାହା ଅନନ୍ୟ । ବିଜୁ ବାବୁଙ୍କ ଏହି ସାହସ ଓ ପ୍ରତିବଦ୍ଧତା ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଏହି କାର୍ଯ୍ୟକ୍ରମରେ ରୁଷ ଦୁତାବାସର ଉଚ୍ଚ ଅଧିକାରୀ ମାନଙ୍କ ସମେତ ବହୁ ଗଣ୍ୟ ମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ବେଗୁନିଆରେ ବିଶାଳ ମିଶ୍ରଣ ପର୍ବ

## ଅପରାଜିତାଙ୍କ ଉପସ୍ଥିତିରେ ପଦ୍ମଧରିଲେ ଶତାଧିକ ନେତା ଓ କର୍ମୀ



ଭୁବନେଶ୍ୱର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆରେ ବୁଧବାର ଏକ ବିଶାଳ ସମାବେଶ ଓ ମିଶ୍ରଣ ପର୍ବ ହୋଇଯାଇଛି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ହୋଇଥିଲା । ଯେଉଁଥିରେ ବେଗୁନିଆର ଶତାଧିକ ନେତା ଓ ରାଜନୈତିକ କର୍ମୀ, ସମିତି ସଭ୍ୟ ପ୍ରକାଶ ବଳିୟାରସିଂଙ୍କ ସହିତ ବିଜେପିରେ ସାମିଲ ହୋଇଛନ୍ତି । ଏହି ଅବସରରେ ପୂର୍ବତନ ଆଇନଜୀବୀ, ଯୁବନେତା, ମହିଳା ମୋର୍ଚ୍ଚାର ଅନେକ ନେତା ମଧ୍ୟ ପଦ୍ମ ଧରିଥିବା ଦେଖିବାକୁ ମିଳିଛି । ୩ ହଜାରରୁ ଅଧିକ ଲୋକଙ୍କୁ ନେଇ ବେଗୁନିଆ ପୋଷ୍ଟ ଅଫିସ ଠାରୁ ସାଂସଦ ଅପରାଜିତାଙ୍କୁ ସ୍ୱାଗତ କରିଥିଲା ଏକ ବିଶାଳ ପଦଯାତ୍ରା । ପରେ ଆୟୋଜନ ହୋଇଥିଲା ରାଜନୈତିକ ସଭା ଓ ମିଶ୍ରଣ ପର୍ବ । ଏହି ମିଶ୍ରଣ ପର୍ବରେ ୮ ହଜାରରୁ ଅଧିକ ଲୋକ, ଯୋଗ ଦେଇଥିଲେ । ବିଜେପିରେ ସାମିଲ ହୋଇଥିବା ପ୍ରତ୍ୟକ ନେତା ଓ କର୍ମୀଙ୍କୁ ଭୁବନେଶ୍ୱର ସାଂସଦ ଦଳୀୟ ଉପଢୌକନ ଓ ଟୋପି ଦେଇ ଦଳକୁ ସ୍ୱାଗତ କରିଥିଲେ । ସାଂସଦ ଅପରାଜିତା କହିଥିଲେ, ରାଜନୀତିରେ ମୋର ମୂଳମନ୍ତ୍ର ହେଉଛି ପ୍ରଥମେ ବିକାଶ, ଦ୍ୱିତୀୟରେ ସେବା, ତୃତୀୟରେ ଅଭିଯୋଗ ଶୁଣାଣି ଏବଂ ଚତୁର୍ଥରେ ଏହାର ସମାଧାନ । ଏହାକୁ ଆଧାର କରି ମୁଁ ଆଜି ମଧ୍ୟ ରାଜନୀତି ମୈଦାନରେ ଚାଲୁଛି । ୨୦୧୯ରୁ ପ୍ରଥମ ଥର ନିର୍ବାଚିତ ହେବା ପରେ ମୁଁ ଚିନ୍ତା କରିଥିଲି, ମୋ ସାଂସଦୀୟ କ୍ଷେତ୍ର ମଧ୍ୟରେ କୌଣସି ଲୋକ ଯେପରି ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନାରୁ ଯେପରି ବଂଚିତ ନହୁଏ । ସେଥିପାଇଁ ମୁଁ ରାଜ୍ୟ ସରକାର ଓ କେନ୍ଦ୍ରର ଅଧିକାରୀଙ୍କ ସହିତ ଆଲୋଚନା କରି, ଆପଣଙ୍କ ନିକଟରେ ବିଜୁଳି ଆଲୁଅ ପହଁଚି ପାରିନି, ସୌରଶକ୍ତି , ସ୍ୱେରେଜ, ପ୍ରତ୍ୟକ ଘରେ ପିଇବା ପାଣି, କଚ୍ଚା ଘରରୁ ପକ୍କା ଘର, ମାଆ ମାଉସୀଙ୍କ ଭତ୍ତା ପହଁଚାଇବାକୁ ଚେଷ୍ଟା କରିଛି । ଆଜି ମଧ୍ୟ ମୋ ନିର୍ବାଚନ ମଣ୍ଡଳିରେ କେହି କଚ୍ଚା ଘରେ ନରହୁ, ସେ ନେଇ ଉଦ୍ୟମ କରୁଛି । ଏହି ବିଶାଳ ମିଶ୍ରଣ ପର୍ବ ଏବଂ ସଭାରେ ଖୋର୍ଦ୍ଧା ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସହିତ ବିଧାୟକ ପ୍ରଶାନ୍ତ ଜଗଦେବ, ବେଗୁନିଆ ପ୍ରମୁଖ ଉପସ୍ଥିତ ରହିଥିଲେ ।

# କାର୍ଯ୍ୟକାରୀ ହେଉନି ଓଡ଼ିଶା ପାଠାଗାର ନିୟମାବଳୀ, ଜବାବ ଦାଖଲ ପାଇଁ ମହଲତ ନେଲେ ସରକାର

କଟକ,(ସବ୍ୟୁ): ଓଡ଼ିଶା ସାର୍ବଜନୀକ ପାଠାଗାର ନିୟମ ( ଓଡ଼ିଶା ପବ୍ଲିକ୍ ଲାଇବ୍ରେରିଜ୍ ଆକ୍ଟ) ଆଧାରରେ ବିଭିନ୍ନ ପଦକ୍ଷେପ ନିଆଯାଇ ନ ଥିଲାବେଳେ ଏନେଇ ରୁଜୁ ମାମଲାରେ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଆଜି ରାଜ୍ୟ ସରକାର ଜବାବ ଦାଖଲ କରି ନପାରି ମହଲତ ଲୋଡିଥିଲେ । ହାଇକୋର୍ଟ ଏହା ପ୍ରାର୍ଥନାକୁ ଗ୍ରହଣ କରି ମାମଲାର ଶୁଣାଣି ଆସନ୍ତା ଜୁନ୍ ୧୮କୁ ଧାର୍ଯ୍ୟ କରିଛନ୍ତି । ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶା ସାର୍ବଜନୀକ ପାଠାଗାର ଅଧିନିୟମ-୨୦୦୧ ପ୍ରଣୀତ ହୋଇଥିଲା । କିନ୍ତୁ ଏହାର ବହୁବର୍ଷ ପରେ ଅର୍ଥାତ ୨୦୧୬ରେ ଓଡ଼ିଶା ସାର୍ବଜନୀକ ପାଠାଗାର ନିୟମାବଳୀ ଆସିଲା । ଏହି ନିୟମ ଆଧାରରେ ରାଜ୍ୟ ସରକାର ୨୦୨୩ ଅକ୍ଟୋବରରେ ଓଡ଼ିଶା ପାଠାଗାର ନିର୍ଦ୍ଦେଶକ ନିଯୁକ୍ତି ପାଇଁ ପଦକ୍ଷେପ ନେଲେ । କିନ୍ତୁ ଅଧିନିୟମର ଅନ୍ୟ ବ୍ୟବସ୍ଥା ଗୁଡ଼ିକ କାର୍ଯ୍ୟକାରୀ କରିବାରେ ଅବହେଳା କଲେ । ଓଡ଼ିଶା ପାଠାଗାର ପରିଷଦ, ଓଡ଼ିଶା ପାଠାଗାର କର୍ତ୍ତୃପକ୍ଷ ଗଠିତ ହେଲାନାହିଁ । ଓଡ଼ିଶା ପାଠାଗାର ପାଣ୍ଠି ମଧ୍ୟ ଗଠନ କରାଗଲା ନାହିଁ । ଜିଲ୍ଲା ସ୍ତରରେ ସାର୍ବଜନୀକ ପାଠାଗାର ମଧ୍ୟ ଗଠିତ ହୋଇନାହିଁ । କେବଳ ସେତିକି ନୁହେଁ ରାଜ୍ୟର ସାର୍ବଜନୀକ ପାଠାଗାର ସମୂହରେ ଅନେକ ଅନୁମୋଦିତ ପଦବି ମଧ୍ୟ ଖାଲି ପଡ଼ିଛି । ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ୫୮ଟି ଅନୁମୋଦିତ ପଦ ମଧ୍ୟରୁ ୪୩ ପଦ ଖାଲି ପଡ଼ିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସାର୍ବଜନୀକ ପାଠାଗାର ଅଧିନିୟମ ଓ ନିୟମାବଳୀକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ସହିତ ରାଜ୍ୟ ସ୍ତରୀୟ ପାଠାଗାର ପରିଷଦ, ପାଠାଗାର କର୍ତ୍ତୃପକ୍ଷ, ପାଠାଗାର ପାଣ୍ଠି ଗଠନ କରିବାକୁ, ଜିଲ୍ଲା ପାଠାଗାର କମିଟି ଗଠନ କରିବାକୁ ତଥା ରାଜ୍ୟର ସମସ୍ତ ସାର୍ବଜନୀକ ପାଠାଗାରରେ (ରାଜ୍ୟ ପାଠାଗାର ସମେତ) ଖାଲି ପଦରେ ନିଯୁକ୍ତି ଦେବାକୁ ଆବେଦନକାରୀ ପ୍ରବୀର କୁମାର ଦାସ ପ୍ରାର୍ଥନା କରିଥିଲେ । ନିଜେ ଶ୍ରୀ ଦାସ ଏହି ମାମଲା ପରିଚାଳନା କରୁଛନ୍ତି ।

## ୫ଟି ଆଇଆଇଟି ଭିତ୍ତିଭୂମିର ସମ୍ପ୍ରସାରଣ ସହ କ୍ୟାବିନେଟ ନିଷ୍ପତ୍ତିକୁ ସ୍ୱାଗତ

# ଭୁବନେଶ୍ୱରରେ ଦକ୍ଷତା ବିକାଶ ପାଇଁ ପ୍ରତିଷ୍ଠା ହେବ ଜାତୀୟ ଉତ୍କର୍ଷ କେନ୍ଦ୍ର: ଧର୍ମେନ୍ଦ୍ର

ଭୁବନେଶ୍ୱର,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଭାରତରେ ଧନ୍ଦାମୂଳକ ଶିକ୍ଷାରେ ପରିବର୍ତ୍ତନ ଆଣିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ମୋଟ୍ ୬୦,୦୦୦ କୋଟି ଟଙ୍କା ବ୍ୟୟରେ ଜାତୀୟ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଆଇଟିଆଇ)ର ଉନ୍ନତିକରଣ ଯୋଜନା ଏବଂ ଦକ୍ଷତା ବୃଦ୍ଧି ପାଇଁ ପାଞ୍ଚଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠାକୁ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ ଅନୁମୋଦନ ମିଳିଛି, ଯାହାକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି । ଏହି ଯୋଜନାରେ ୧୦୦୦ ସରକାରୀ ଆଇଟିଆଇର ଉନ୍ନତିକରଣ ଉପରେ ଗୁରୁତ୍ୱ ଦିଆଯିବ ଏବଂ ଏହି ଅନୁଷ୍ଠାନଗୁଡ଼ିକରେ ଦକ୍ଷତା ପାଇଁ



ପାଞ୍ଚଟି ଜାତୀୟ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ସହିତ ଶିଳ୍ପ ସଂଯୁକ୍ତ ସଂଶୋଧିତ ଟ୍ରେଡ୍ (ପାଠ୍ୟକ୍ରମ) ଏବଂ ୫ଟି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ଅନୁଷ୍ଠାନର ଦକ୍ଷତା ବୃଦ୍ଧି ଉପରେ ଆଲୋଚନା କରାଯିବ । ଏହି ଯୋଜନା ଅଧୀନରେ ଭୁବନେଶ୍ୱର, ଚେନ୍ନାଇ, ହାଇଦ୍ରାବାଦ, କାନପୁର ଓ ଲୁଧିଆନା ଭଳି ଜାତୀୟ ଦକ୍ଷତା ପ୍ରଶିକ୍ଷଣ ପ୍ରତିଷ୍ଠାନରେ ପ୍ରଶିକ୍ଷକଙ୍କ ଉନ୍ନତ ପ୍ରଶିକ୍ଷଣ ପାଇଁ ଭିତ୍ତିଭୂମି ଉନ୍ନତିକରଣ କରାଯିବ । ଏଥିସହ ୫୦ ହଜାର ପ୍ରଶିକ୍ଷକଙ୍କୁ ପ୍ରାକ୍ ସେବା ଓ ଚାକିରିକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଏହି ନିଷ୍ପତି ଦକ୍ଷତା ବିକାଶ ପରିସଂସ୍ଥାନକୁ ପ୍ରୋତ୍ସାହିତ କରିବ । ଦୀର୍ଘଦିନର ଚ୍ୟାଲେଞ୍ଜର ସମାଧାନ ହେବ । ପାରମ୍ପରିକ ଏବଂ ନୂତନ ଯୁଗର ବାଣିଜ୍ୟରେ ଶିଳ୍ପ-କର୍ମଚାରୀ ବ୍ୟବଧାନ ଦୂର ହେବ । ଆମ ଆଇଟିଆଇଗୁଡ଼ିକୁ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିବ । ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ୨୦ ଲକ୍ଷରୁ ଅଧିକ ଯୁବକଙ୍କୁ ଦକ୍ଷତା ଏବଂ ଉନ୍ନତ ଦକ୍ଷତା ପ୍ରଦାନ କରିବା ଦିଗରେ ବିଶେଷ ସହାୟକ ହେବ ।

ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ୫ଟି ଆଇଆଇଟି ତଥା ଆଇଆଇଟି ତିରୁପତି, ଆଇଆଇଟି ପଲକ୍କଡ, ଆଇଆଇଟି ଭିଲାଇ, ଆଇଆଇଟି ଜମ୍ମୁ ଏବଂ ଆଇଆଇଟି ଧାରୱାଡ଼ର ଶୈକ୍ଷିକ ଏବଂ ଭିତ୍ତିଭୂମି ସମ୍ପ୍ରସାରଣ ପାଇଁ ମୋଟ ୧୧ ହଜାର ୮୨୮.୭୯ କୋଟି ଟଙ୍କା ଅନୁମୋଦନ କରିଛନ୍ତି । ବିଶ୍ୱସ୍ତରୀୟ ଶିକ୍ଷା, ନବସୃଜନ ଏବଂ ଗବେଷଣାର ଅଧିକ ସୁଯୋଗ ସହିତ ଭାରତର ଯୁବକମାନଙ୍କୁ ସଶକ୍ତ କରିବା ଦିଗରେ ଏହି ପଦକ୍ଷେପ ନେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପ୍ରଧାନ ଏକ୍ସରେ ଏହି ନିଷ୍ପତିକୁ ସ୍ୱାଗତ କରିବା ସହ କହିଛନ୍ତି ଯେ ଏହା ଦ୍ୱାରା ଏହି ଆଇଆଇଟିଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬,୫୦୦କୁ ବୃଦ୍ଧି ପାଇବ । ୫ଟି ନୂତନ ଅତ୍ୟାଧୁନିକ ଗବେଷଣା ପାର୍କ ପାଇଁ ରାସ୍ତା ପ୍ରଶସ୍ତ ହେବ । ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ । ଉଦ୍ଭାବନ ଓ ପ୍ରଗତିକୁ ପ୍ରୋତ୍ସାହନ ମିଳିବ ଏବଂ ସ୍ଥାନୀୟ ଅର୍ଥନୀତିକୁ ଗତି ମିଳିବ । ସେ ଆହୁରି କହିଛନ୍ତି ଯେ ବିଗତ ଏକ ଦଶନ୍ଧି ମଧ୍ୟରେ ମୋଦୀ ସରକାରରେ ୨୩ଟି ଆଇଆଇଟିରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୦୦ ପ୍ରତିଶତ ବୃଦ୍ଧି ହୋଇଛି । ସେତେବେଳେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୬୫,୦୦୦ ଥିବା ବେଳେ ଏବେ ତାହା ବଢି ୧ ଲକ୍ଷ ୩୫ ହଜାରରେ ପହଞ୍ଚିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ଯୁବାକାଂକ୍ଷାକୁ ପୂରଣ କରିବା ସହ ସେମାନଙ୍କ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ଉପଯୁକ୍ତ ପ୍ଲାଟଫର୍ମ ପ୍ରଦାନ କରିଛନ୍ତି । ସେହିପରି ଶିକ୍ଷାଗତ ସାମଞ୍ଜସ୍ୟକୁ ଦୂର କରିବା, ଯୁବଶକ୍ତିଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ତଥା ନବସୃଜନ-ନେତୃତ୍ୱାଧୀନ ଅଭିବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ବଦ୍ଧ ପରିକର ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି ।

## ପୋଖରୀରେ ବୁଡ଼ି ବାଳକର ମୃତ୍ୟୁ

ବୁଗୁଡା ,(ସବ୍ୟୁ): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଗୌଡିଆବୋରଦା ଗ୍ରାମରେ ପୋଖରୀରେ ବୁଡି ଜଣେ ବାଳକର ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତ ବାଳକ ଜଣକ ହେଲେ ତାଳସାକର ଗ୍ରାମର ସାଇରାମ ସ୍ୱାଇଁ(୯) । ପ୍ରକାଶ ଯେ, ବାପାମାଆ ଛେଉଣ୍ଡ ସାଇରାମ ମାମୁଁ ଘର ଡାକରାବାଡିରେ ରହି ସେହି ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଚତୁର୍ଥ ଶ୍ରେଣୀରେ ପଢୁଥିଲା। ସେ ଅଜାଆଈଙ୍କ ସହ ମିଶି ଗୌଡିଆବୋରଦା ଗ୍ରାମକୁ ଏକ ବାହାଘର ଭୋଜିକୁ ଆସିଥିଲା। ତେବେ ବୁଧବାର ସକାଳେ ସେହି ଗ୍ରାମର ଏକ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା ବଶତଃ ସେ ବୁଡି ଯାଇଥିଲା। ଗାଁ ଲୋକେ ତାକୁ ସେଠାରୁ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ କେସ୍ ୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

# ତ୍ରୟୋଦଶ ଦିବସରେ ପଞ୍ଚ ଠାକୁରାଣୀ ଯାତ୍ରା

## ବିରାଟ ପଟୁଆରରେ ମା'ଙ୍କ ଘଟ ପରିକ୍ରମା

ବୁଗୁଡ଼ା ,(ସବ୍ୟୁ): ବୁଧବାର ବୁଗୁଡ଼ା ପଞ୍ଚ ଠାକୁରାଣୀ ଯାତ୍ରା ଆଜି ତ୍ରୟୋଦଶ ଦିବସରେ ପହଞ୍ଚିଥିବା ବେଳେ ସ୍ଥାନୀୟ ଶ୍ରୀ ତ୍ରିନାଥ ସ୍ୱାମୀ ପରିବା ବଜାର ବ୍ୟବସାୟୀ ସଂଘ ପକ୍ଷରୁ ପଞ୍ଚ ଠାକୁରାଣୀଙ୍କ ଘଟ ପରିକ୍ରମା ସହ ଆଜିର ଯାତ୍ରା କାର୍ଯ୍ୟକ୍ରମ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ବଡଦାଣ୍ଡସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ଯଥା ବିଧି ପୂର୍ବକ ପଞ୍ଚ ପୁରୋହିତ ମା'ଙ୍କ ପୂଜାର୍ଚ୍ଚନା ସମ୍ପାଦନ କରିଥିବା ବେଳେ ସନ୍ଧ୍ୟାରେ ୧୦୮ ଆଳତି ପରେ ଘଟ ପରିକ୍ରମାର ଶୁଭାରମ୍ଭ ହୋଇଥିଲା ।ପଞ୍ଚ ମାନସିକଧାରୀ ମହିଳା ସଙ୍ଗୀତା ଦଳେଇ , ସଞ୍ଜୁଲତା ସ୍ୱାଇଁ ,



ରଶ୍ମିତା ପ୍ରଧାନ , ଶାନ୍ତିଲତା ପ୍ରଧାନ , ନର୍ମଦା ପ୍ରଧାନ ପ୍ରମୁଖ ଘଟ ଧାରଣ ପୂର୍ବକ ବଳଦେବ ମନ୍ଦିର ପଥ , ଥାନା ରୋଡ , ହାଇସ୍କୁଲ ଛକ , ନୂଆଁ ବସଷ୍ଟାଣ୍ଡ , ମଦନ ମୋହନ ଛକ, ପରିବା ମାର୍କେଟ୍ , ବୁଦ୍ଧଖୋଲ ଗେଟ୍ , ପୋଲସରା ରୋଡ ଆଦି ପରିକ୍ରମା କରି ସ୍ୱଆସ୍ଥାନକୁ ଫେରିଥିଲେ । ମା'ଙ୍କ ଭ୍ରମଣି ଯାତ୍ରା କାଳରେ ଘଣ୍ଟତାଳ, ଢୋଲ ବାଦ୍ୟ ଏବଂ ଆତସବାଜିର ଶବ୍ଦରେ ପରିବେଶ ପ୍ରକମ୍ପିତ ହୋଇଥିଲା ବେଳେ ଶିବ-ପାର୍ବତୀ, ନବଦୁର୍ଗା, ରାମ-ଲକ୍ଷ୍ମଣ-ସୀତା , ହନୁମାନ, ରାବଣ, ଜଟାୟୁ ଆଦି ବେଶ ଧାରଣ ପଟୁଆର ଲୋକଙ୍କୁ ବହୁତ ଆକୃଷ୍ଟ କରିଥିଲା । ଅନ୍ୟପକ୍ଷରେ ଆଜି କୁମ୍ଭାର ସାହିର ଶିବ ଲିଙ୍ଗ ମେଢ,ପୋଲସରା ରୋଡ ନୂଆସାହିର ଶିବ-କାର୍ତ୍ତିକ-ଗଣେଶ ମେଢ ଏବଂ ବ୍ଲକ କଲୋନୀର ଅନନ୍ତ ଶୟନ ମେଢ ଲୋକାର୍ପିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ନିୟୋଜିତ ରହିଥିଲେ।

## ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରାବାସରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଛତ୍ରପୁର ,(ସବ୍ୟୁ) : ସ୍ଥାନୀୟ ବ୍ଲକ ଅନ୍ତର୍ଗତ କାଳିଆବାଲି ଛକ ସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନରେ ଜଣେ ଛାତ୍ରଙ୍କ ସନ୍ଦେହ ଜନକ ଭାବେ ମୃତ ଦେହ ଉଦ୍ଧାର ହୋଇଛି ।ମୃତ ଛାତ୍ର ଜଣକ ଛତ୍ରପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମର ଡି.ପୁରୁଷୋତ୍ତମ ରେଡ୍ଡୀ ବୋଲି ସୂଚନା ମିଳିଛି । ପୁରୁଷୋତ୍ତମ ରେଡ୍ଡୀଙ୍କ ମଙ୍ଗଳବାର ରାତ୍ରରେ ମୃତ୍ୟୁହୋଇଥିବା ବେଳେ ବିଳମ୍ବିତ ରାତ୍ରରେ ତାଙ୍କ ପରିବାରକୁ ଖବର ଦିଆଯାଇଥିଲା । ପରେ ତାଙ୍କୁ ଛତ୍ରପୁର ମେଡିକାଲ ଅଣାଯାଇଥିଲା।ଛ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୂଚନା ଥାଉ କି, ପୁରୁଷୋତ୍ତମ ଗତକାଲି ନିଜ ପରିବାର ସହ କଥା ହୋଇଥିଲେ । କଥା ହେଲା ବେଳେ ସେଭଳି କିଛି ପରିସ୍ଥିତି ନଥିଲା।ପରେ କିପରି ତାଙ୍କ ମୃତ୍ୟୁ ହେଲା ବୋଲି ତାଙ୍କ ପରିବାର ପ୍ରଶ୍ନ କରିବା ସହିତ ସଠିକ୍ ତଦନ୍ତ ପାଇଁ ଚମାଖଣ୍ଡି ଥାନାରେ ଅଭିଯୋଗ କରାଯାଇଛି । ସୂଚନା ଥାଉ କି, ପୁରୁଷୋତ୍ତମ ଦୀନ ଦୟାଲ ଉପାଧ୍ୟେୟ ଯୋଜନାରେଉକ୍ତ ଘରୋଇ ଶିକ୍ଷାନୁଷ୍ଠାନରେ ଫିଟର ଟ୍ରେଡ୍ ରେ ଟ୍ରେନିଙ୍ଗ ନେଉଥିଲେ ।ତାଙ୍କରି ମୃତ୍ୟୁ କୁ ନେଇ ପରିବାର ବର୍ଗ ଦୁଃଖରେ ଭାଙ୍ଗି ପଡିଥିବା ବେଳେ ସଠିକ୍ ତଦନ୍ତ ପାଇଁ ଲକ୍ଷ୍ମୀପୁର ପୂର୍ବତନ ସମିତିସଭ୍ୟ ଏନ୍. ଦୁର୍ଯ୍ୟୋଧନ ରେଡ୍ଡୀ, ଯୁବନେତା ମାଗୁଣି ବିଷୋୟୀଙ୍କ ସମେତ ଗ୍ରାମବାସୀ ମାନେ ଦାବି କରିଛନ୍ତି ।ଏନେଇ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ତେବେ ପୁରୁଷୋତ୍ତମ ଙ୍କ ମୃତ୍ୟୁର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

## ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

ବ୍ରହ୍ମପୁର,(ସବ୍ୟୁ) : ସ୍ଥାନୀୟ ତହସିଲ ପକ୍ଷରୁ ମଙ୍ଗଳବାର ଦିନ ହିଲପାଟଣାସ୍ଥିତ ସଂସ୍କୃତି ଭବନ ପରିସରରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ଯୋଗଦେଇ ୫୫୩ ହିତାଧିକାରୀଙ୍କୁ ଘରବାରି ପଟ୍ଟା ବଣ୍ଟନ କରିଥିଲେ।ପଟ୍ଟା ପାଇବା ପରେ ହିତାଧିକାରୀ ବ୍ୟକ୍ତିଗତ ଭାବେ ଏହି ବିକାକିଣା କାର୍ଯ୍ୟ କରିପାରିବେ।କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଦେବବ୍ରତ ପଣ୍ଡା, ଉପଜିଲାପାଳ ଦିନା ଦସ୍ତଗିର ଓ ବ୍ରହ୍ମପୁର ତହସିଲଦାର ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ତହସିଲ ପକ୍ଷରୁ ୬୨୫ ଗ୍ରାମ କଣ୍ଠ ପଟ୍ଟା ପ୍ରସ୍ତୁତି କରାଯାଇଥିଲା। ଉପସ୍ଥିତ ଥିବା ୪୨୧ ହିତାଧିକାରୀଙ୍କୁ ଏହା ବଣ୍ଟନ କରାଯାଇଥିଲା। ସେହିପରି ୨ୟ ଖାନା ସଂଶୋଧନ ପଟ୍ଟା ୧୯୮ଟି ପ୍ରସ୍ତୁତ କରାଯାଇଥିବାବେଳେ ୧୩୨ଜଣଙ୍କୁ ପ୍ରଦାନ କରାଯାଇଛି। ବଳକା ୨୭୦ ହିତାଧିକାରୀ ଅନୁପସ୍ଥିତ ଯୋଗୁ ସେମାନଙ୍କୁ ପଟ୍ଟା ବଣ୍ଟନ କରାଯାଇପାରିନାହିଁ। ଆଗାମୀ ଦିନରେ ସେମାନଙ୍କୁ ତହସିଲ କାର୍ଯ୍ୟାଳୟକୁ ଡକାଯାଇ ପଟ୍ଟା ବଣ୍ଟନ କରାଯିବ ବୋଲି ବିଭାଗ ସୂତ୍ରରୁ ଜଣାପଡିଛି। ଏ ସଂକ୍ରାନ୍ତରେ ତହସିଲଦାରଙ୍କୁ ପଚାରିବାରୁ ସେ କହିଲେ ଯେ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗ୍ରାମକଣ୍ଠ ଓ ୨ୟ ଖାନା ସଂଶୋଧନ ପଟ୍ଟା ବର୍ତ୍ତମାନ ଆବେଦନକାରୀଙ୍କୁ ବଣ୍ଟନ କରାଯାଇଛି। ବର୍ତ୍ତମାନ ଆବେଦନକାରୀମାନେ ଉକ୍ତ ଘରଗୁଡିକୁ ହସ୍ତାନ୍ତର ବା ବିକ୍ରିଯୋଗ୍ୟ କରିପାରିବେ। ଆଗାମୀ ଦିନରେ ଯେଉଁମାନେ ପଟ୍ଟା ପାଇନାହାନ୍ତି ସେମାନେ କାର୍ଯ୍ୟାଳୟକୁ ଆସି ନେଇପାରିବେ ବୋଲି ସେ କହିଥିଲେ।



# ଗୋପାଳପୁର ପୋର୍ଟ ଓ ଆଇଆରଇଏଲ କମ୍ପାନୀରେ ମକଡ୍ରିଲ

ଛତ୍ରପୁର (ସବ୍ୟୁ): ଭାରତ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶ ମୁତାବକ ଓଡିଶା ସରକାରଙ୍କ ପକ୍ଷରୁ ସମଗ୍ର ଓଡିଶାବାସୀଙ୍କ ଜନଜୀବନ ସୁରକ୍ଷା ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଆଜି ସାରା ଭାରତ ବର୍ଷରେ ମକଡ୍ରିଲ ମଧ୍ୟ କରାଯାଇଛି।ଯୁଦ୍ଧ ସମୟରେ କିଛି ବିପର୍ଯ୍ୟୟ ପଡିଲେ କିପରି ଜନଜୀବନ ସୁରକ୍ଷିତ କରାଯାଇପାରିବ ସେନେଇ ଏକ ମକ୍ରଡିଲ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ କରାଯାଇଛି । ସନ୍ଧ୍ୟା ଠିକ୍ ୪ ଟା ସମୟରେ ଛତ୍ରପୁର ବ୍ଲକର ଗୋପାଳପୁର ପୋର୍ଟ ଓ ଆଇଆରଇଏଲ କମ୍ପାନୀ ସମ୍ମୁଖରେ ଏହି ମକଡ୍ରିଲ କରାଯାଇଥିବା ବେଳେ ସାଇରନ ବାଜିବା ମାତ୍ରକେ କିପରି ଲୋକେ ସୁରକ୍ଷିତ ରହିପାରିବେ, ଜରୁରୀକାଳୀନ ଅବସ୍ଥାରେ ଆହାତ ବ୍ୟକ୍ତିଙ୍କୁ କିପରି ଆମ୍ବୁଲାନ୍ସ ମାଧ୍ୟମରେ ଉଦ୍ଧାର କରାଯାଇପାରିବ, ହଠାତ୍ ନିଆଁ ଲାଗିଲେ କିପରି ଦମକଳ ବାହିନୀ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇପାରିବ ସେନେଇ ଆଜି ମକଡ୍ରିଲ କରାଯାଇଥିଲା। ଜିଲ୍ଲା ପ୍ରଶାସନ, ଅଗ୍ନିଶ୍ରମ ବିଭାଗ, ପୋଲିସ୍ ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ ଓ ସ୍ଥାନୀୟ ବାସିନ୍ଦା ମାନେ ସାମିଲ ହୋଇ ଏହି ମକଡ୍ରିଲ ମଧ୍ୟରେ ସଚେତନ କରିଥିଲେ ।ଆଇଆରଇଏଲ କମ୍ପାନୀ ପରିସରରେ ଆୟୋଜିତ ଏହି ମକଡ୍ରିଲ ରେ ଛତ୍ରପୁର ବିଡିଓ ତଥା ଭାରପ୍ରାପ୍ତ ତହସିଲଦାର ସମ୍ବିତ ସଂଗ୍ରାମଜିତ ସାହୁ, ଚମାଖଣ୍ଡି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଅଗ୍ନିଶ୍ରମ ବିଭାଗର କର୍ମଚାରୀ ସନ୍ତୋଷ କୁମାର ନାୟକ, ଆଇଆରଇଏଲ କମ୍ପାନୀରେ କାର୍ଯ୍ୟରତ ପୂର୍ବତନ ସେନା କର୍ମଚାରୀ ଡି. ଆର. ସାମନ୍ତ, ଆଇଆରଇଏଲର କମ୍ପାନୀ କର୍ତ୍ତୃପକ୍ଷ ମାନେ ସାମିଲ ହୋଇଥିବା ବେଳେ ଗୋପାଳପୁର ପୋର୍ଟ ପରିସରରେ ଆୟୋଜିତ ଏହି ମକଡ୍ରିଲରେ ଛତ୍ରପୁର ଏସଡିପିଓ ଚନ୍ଦନ ଘଡେଇ, ଆର୍ଯ୍ୟପଲ୍ଲୀ ଥାନାଧିକାରୀ ବିଦ୍ୟା ଭାରତୀ ନାୟକଙ୍କ ସମେତ କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ମାନେ ସାମିଲ ଥିଲେ । ଅନ୍ୟପଟେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି ମକଡ୍ରିଲ ସଫଳତାର ସହ ଶେଷ ହୋଇଛି । ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସିପଲ୍ଲୀ, ମାଟିଖାଲ ସ୍ଥିତ ଆଇଆରଇଏଲ କମ୍ପାନୀ ଓ ଆର୍ଯ୍ୟପଲ୍ଲୀ ସ୍ଥିତ ଗୋପାଳପୁର ପୋର୍ଟରେ ଏହି ମକଡ୍ରିଲକୁ ପ୍ରଶାସନ ପକ୍ଷରୁ ସଫଳତାର ସହ କରାଯାଇଥିବା ନେଇ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ )ଦେବଦତ୍ତ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।



## ମହିଳାଙ୍କ ସୁନା ଅଳଙ୍କାର ଲୁଟି ନେଲା ନକଲି ପୋଲିସ

ବ୍ରହ୍ମପୁର,(ସବ୍ୟୁ) :ବଡ଼ ବଜାର ଥାନା ଅନ୍ତର୍ଗତ ହନୁମାନ କ୍ଲବ ନିକଟରେ ତିନିଜଣ ଯୁବକ ପୋଲିସ ସାଜି ଅଭିନବ ଉପାୟରେ ଜଣେ ମହିଳାଙ୍କ ଠାରୁ ସୁନା ଅଳଙ୍କାର ଲୁଟ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରୁଛି। ସ୍ଥାନୀୟ ଜଉରା ସାହିର ମହିଳା ଏମ. ଶୋଭା(୬୩) ଠାକୁରାଣୀ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିଲେ । ସେ ହନୁମାନ କ୍ଲବ ନିକଟରେ ଦେଇ ଚାଲି ଚାଲି ଯାଉଥିବା ବେଳେ ଜଣେ ଯୁବକ ତାଙ୍କ ସମ୍ମୁଖକୁ ଆସି ସାର ଡାକୁଛନ୍ତି ବୋଲି କହିଥିଲେ ।ମହିଳା ଜଣଙ୍କ ପ୍ରଶ୍ନ କରିବାରୁ ସେ ନିଜକୁ ପୋଲିସ ବୋଲି ପରିଚୟ ଦେଇଥିଲା । ପୋଲିସ ଡାକୁଥିବା ଜାଣି ମହିଳା ଜଣଙ୍କ ସେହି ଯୁବକଙ୍କ ସହ ନିକଟରେ ଥିବା ଏକ ଭଙ୍ଗାଘର ନିକଟକୁ ଯାଇଥିଲେ । ସେଠାରେ ପୂର୍ବରୁ ଆଉ ୩ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ବ୍ୟକ୍ତିମାନେ ଆଗରେ ଚୋରି ହେଉଛି ତେଣୁ ଏତେ ସୁନା ଅଳଙ୍କାର କାହିଁକି ପିନ୍ଧି ଚାଲିଚାଲି ଯାଉଛ ବୋଲି ମହିଳାଙ୍କୁ ପ୍ରଶ୍ନ କରିଥିଲେ ।ଶୋଭା ନିଜର ସୁନା ଚେନ, ମୁଦି ଓ କାନଫୁଲ ସହ ପ୍ରାୟ ୪୫ ଗ୍ରାମ ଓଜନର ସୁନା ଅଳଙ୍କାର ବାହାର କରି ଏକ କାଗଜରେ ଗୁଡାଇ ସେହି ବ୍ୟକ୍ତିମାନଙ୍କୁ ଦେଇଥିବା ବେଳେ ଯୁବକମାନେ ହେରାଫେରି କରି ସେଠାରୁ ଚମ୍ପଟ ମାରିଥିଲେ।ଲୁଟର ଶିକାର ହୋଇଥିବା ଜାଣିବା ପରେ ସେ ଥାନାକୁ ଯାଇ ଅଭିଯୋଗ କରିଛନ୍ତି।

## ତହସିଲ ଆଗରେ ଜନ ଅଧିକାର ମଞ୍ଚର ବିକ୍ଷୋଭ

ଆସିକା ,(ସବ୍ୟୁ) :ଜନ ଅଧିକାର ମଞ୍ଚ ପକ୍ଷରୁ ଆସିକା ତହସିଲ ସମ୍ମୁଖରେ ପ୍ରଶାସନର ରାଜ୍ୟ ସରକାର ଙ୍କ ଜନ ବିରୋଧୀ କାର୍ଯ୍ୟ ବିରୁଦ୍ଧରେ ବିକ୍ଷୋଭ ଓ ପ୍ରତିବାଦ ସଭା ବୁଧବାର ରେ ଅନୁଷ୍ଠିତ ହୋଇଛି।ସଂଗଠନ ର କର୍ମକର୍ତ୍ତା ତଥା ବରିଷ୍ଠ ଓକିଲ ଲଳିତ ମୋହନ ଦାସ, ରାଘବ ସିଆ ଓ ଅନ୍ୟ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଶତାଧିକ ଆନ୍ଦୋଳନକାରୀ ପ୍ଲାକାର୍ଡ ଧରି ବସଷ୍ଟାଣ୍ଡ ରୁ ସରକାରୀ ବିରୋଧୀ ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇ ସଭା କରିଥିଲେ।ବକ୍ତାମାନେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତିକୁ ନୂଆଁ ସରକାର ଭୁଲି ଯାଇଥିବା ଅଭିଯୋଗ କରି ଆଇନକୁ ଖୋଲା ଖୋଲି ଉଲଂଘନ କରି ପୁରୁଷାନୁକ୍ରମେ ଭୋଗ ଦଖଲରେ ଥିବା ଜନ ବସତିକୁ ପ୍ରଶାସନ ବେଆଇନ ଭାବେ ଉଚ୍ଛେଦ କରିବା ପାଇଁ ନେଇଥିବା ନିଷ୍ପତ୍ତି ପ୍ରତ୍ୟାହାର, ସମବାୟ ୟୁ ଏ ସି ,ଫାର୍ମାସୀକୁ ବିକ୍ରୀ କରିଦେବା ମସୁଧା ବନ୍ଦ କରିବା ,ବିଦ୍ୟୁ ଉପଭୋକ୍ତାମାନଙ୍କ ଉପରେ ଟାଟା କମ୍ପାନୀର ଜୁଲୁମ ଓ ଶୋଷଣ ବନ୍ଦ କରିବା,ସବୁ ଚାଷୀ ଓ ଗରିବ ଲୋକଙ୍କୁ ମାଗଣା ବିଦ୍ୟୁତ ଯୋଗାଇ ଦେବା,ବାସହୀନଙ୍କୁ ଘର ଓ ଦଖଲରେ ଥିବା ସରକାରୀ ଜମିର ପଟ୍ଟା ପ୍ରଦାନ ସହ ସବୁ ଚାଷୀ ଓ ଗରିବଙ୍କୁ ମାସିକ ଟ. ୩୦୦୦/- ପେନସନ୍ ଦିଆଯାଇ ଗତ ୨୦୦୬ ରୁ ବିକ୍ରି ହୋଇଥିବା ଶିଳ୍ପ ଆସିକା ସୁତାକଳକୁଚାଲୁ କରି ବେକାରୀ ଯୁବକମାନଙ୍କୁ ନିଯୁକ୍ତି ଦାବିକରିଥିଲେ। ବହୁ ସଂଖ୍ୟାରେ ଚାଷୀ, ଶ୍ରମିକ, ଖଟିଖିଆ, ଗରିବ ହରିଜନ ଉକ୍ତ ପ୍ରତିବାଦ ସଭା ଓ ହରତାଳରେ ସାମିଲ ହୋଇଥିଲେ।ଏହି ଅବସରରେ ସଂଗଠନ ପକ୍ଷରୁ ଆଠ ଦଫା ଦାବୀ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ସୁଶ୍ରୀ ସଙ୍ଗୀତା ସେନଙ୍କୁ ବିକ୍ଷୋଭକାରୀ ମାନେ ପ୍ରଦାନ କରିଥିଲେ।



## ପୁରୁଣା କୋଠାରେ ଚାଲିଛି ତହସିଲି କାର୍ଯ୍ୟାଳୟ

ଭଞ୍ଜନଗର, (ସବ୍ୟୁ) :ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ଘୁମୁସର ତହସିଲ କାର୍ଯ୍ୟାଳୟ ବହୁ ପୁରୁଣା କୋଠା ଘରେ ଚାଲିଛି। ବ୍ରିଟିଶ ଅମଳରେ ନିର୍ମିତ ଏହି ପୁରୁଣା କୋଠାକୁ ବାରମ୍ବାର ମରାମତି ଓ ରଙ୍ଗ କରି କାର୍ଯ୍ୟାଳୟକୁ ଚକାଚକ କରାଯାଇ ନୂତନ କୋଠା ନିର୍ମାଣ ଦିଗରେ ଏଯାବ୍ ପଦକ୍ଷେପ ଗ୍ରହଣ କରାଯାଇପାରିନି। ବ୍ରିଟିଶ୍ ସରକାର ରାଜସ୍ୱ କାର୍ଯ୍ୟ ପାଇଁ ୧୮୯୪ ମସିହାରେ ଭଞ୍ଜନଗରରେ ତହସିଲ ଅଫିସ୍ ନିର୍ମାଣ କରିଥିଲେ। ସେହି ସମୟରେ ଏହାର ଭୌଗୋଳିକ କ୍ଷେତ୍ର ଦୀର୍ଘ ଅଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ରହିଥିଲା। କିନ୍ତୁ ବର୍ତ୍ତମାନ ତାହା ଭଞ୍ଜନଗର ମଧ୍ୟରେ ହିଁ ସୀମିତ ରହିଛି। ତେବେ ବର୍ତ୍ତମାନ ପରିସ୍ଥିତିରେ ଅତ୍ୟାଧୁନିକ ବ୍ୟବସ୍ଥା ସହ କର୍ମଚାରୀ ବସିବା ଓ ରେକର୍ଡ଼ପତ୍ର ରଖିବା ଲାଗି ଅଧିକ ଜାଗା ବିଶିଷ୍ଟ ନୂତନ କୋଠା ନିର୍ମାଣର ନିତାନ୍ତ ଆବଶ୍ୟକତା ରହିଛି।ସେହିପରି ଭୂ-ବନ୍ଦୋବସ୍ତ ଅଫିସ ମଧ୍ୟ ଏଠାରେ ଖୋଲିବାକୁ ଦାବି ଉଠିଛି।ଏହି ତହସିଲ ଅଧୀନରେ ବଡ଼କୋଦଣ୍ଡା, ବାହାଡ଼ାପଦର,ମୁଜାଗଡ଼,କୁଲାଡ଼,ଗଡ଼ୁଆ,ଗାଳେରୀ ଓ ଲେମ୍ବେଇ ଭଳି ୮ ଟି ରାଜସ୍ୱ ସର୍କଲ ରହିଥିବା ବେଳେ ୧୪୨ ଟି ରାଜସ୍ୱ ଗ୍ରାମ ରହିଛି। ଜନସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଆଉ ୬ଟି ସ୍ଥାନରେ ନୂତନ ରାଜସ୍ୱ ସର୍କଲ ଗଠନ କରିବାକୁ ପ୍ରସ୍ତାବ ମଧ୍ୟ ରହିଛି। ତେବେ ସୀମିତ ଜାଗା ଭିତରେ ଏହି କାର୍ଯ୍ୟାଳୟରୁବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରୀ ଓ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ ଆଦି କାର୍ଯ୍ୟ ଜାରି ରହିଛି। ଆଉଓ ଅପଡେଟ୍ ତଥା ମ୍ୟୁଟେସନ୍, ଜମିପଟ୍ଟା ସହ ଜାତିଗତ ଏବଂ ଆବାସ ପ୍ରମାଣପତ୍ର ନିମନ୍ତେ ପ୍ରତିଦିନ ବହୁ ଜନସାଧାରଣ ଏଠାକୁ ଆସୁଛନ୍ତି। ଏଥିସହ ବର୍ତ୍ତମାନ ଗ୍ରାମକଣ୍ଠକ ପଟ୍ଟା ଆବେଦନର ଯାଞ୍ଚ ସହ ସଂଶୋଧନ ପ୍ରକ୍ରିୟା ମଧ୍ୟତହସିଲ କାର୍ଯ୍ୟାଳୟ ପକ୍ଷରୁ ଜାରି ରହିଛି।କିନ୍ତୁ ତହସିଲ କାର୍ଯ୍ୟାଳୟରେ କିଛି ଭିତ୍ତିଭୂମି ଓ ମାନବସମ୍ବଳ ସମସ୍ୟା ଲାଗି ରହିଛି। ଏକ କମନ୍ ଶୌଚାଳୟ ରହିଥିବା ବେଳେ କର୍ମଚାରୀ ଓ ଅଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ବ୍ୟବସ୍ଥା ନଥିବା ଜଣାପଡ଼ିଛି। ରେକର୍ଡ଼ପତ୍ର ରଖିବାକୁ ପର୍ଯ୍ୟାପ୍ତ ଜାଗା ମଧ୍ୟ ନାହିଁ। ଅନ୍ୟପକ୍ଷରେ ଭଞ୍ଜନଗର ତହସିଲରେ ଗତ ଫେବ୍ରୁଆରି ମାସରୁ ତହସିଲଦାର ପଦବି ଖାଲି ପଡ଼ିଥିବା ବେଳେ ଅତିରିକ୍ତ ତହସିଲଦାର ଏହି ଦାୟିତ୍ୱରେ ରହିଥିବା ବେଳେ ୨ ସେକ୍ସନ୍ ଅଧିକାରୀଙ୍କ ମଧ୍ୟରୁ ଜଣଙ୍କୁ ଓ ୭ଜଣ ବରିଷ୍ଠ ରାଜସ୍ୱ ସହାୟକଙ୍କ ମଧ୍ୟରୁ ୪ ଜଣଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଯାଇଛି। ୧୩ କନିଷ୍ଠ ରାଜସ୍ୱ ସହାୟକ ପଦବି ରହିଥିବା ବେଳେ ବର୍ତ୍ତମାନ ୧୨ ଜଣ ରହିଛନ୍ତି।ସେଥିମଧ୍ୟରୁ ୨ ଜଣଙ୍କୁ ଅନ୍ୟତ୍ର ଡେପୁଟେସନରେ ପଠାଯାଇଛିଛ ଆର୍ଆଇ ଓ ସୁପରଭାଇଜର ଆବଶ୍ୟକ ଅନୁଯାୟୀ ରହିଥିବା ବେଳେ ୪ ଏଆର୍ଆଇ,୨ଟି ଅମିନ ଓ ୧୬ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବି ଖାଲିପଡ଼ିଛି। ସେହିପରି ଜମିଜମା ସଂକ୍ରାନ୍ତିୟ କୋଣସି କାମ ଥିଲେ ଲୋକେ ଜିଲ୍ଲା ମୁଖ୍ୟାଳୟ କୁ ଯାଇ ହନ୍ତସନ୍ତ ହେଉଛନ୍ତି ଏହି କାର୍ଯ୍ୟାଳୟ ଆସୁଥିବା ଜନ ସାଧାରଣ ଅଭିଯୋଗ ହୋଇଛି।

## ଗଞ୍ଜାମ ଜିଲ୍ଲା କୃଷି ଅଧିକାରୀଙ୍କ ରାଜ୍ୟପାଳଙ୍କୁ ଅଣଦେଖା

ବ୍ରହ୍ମପୁର,(ସବ୍ୟୁ) :ଏହା ଗୋଟେ ଆଶ୍ଚର୍ଯ୍ୟ ଜନକ ଘଟଣା ହୋଇଥିଲେ ବି ସତ୍ୟ।ଗଞ୍ଜାମ ଜିଲ୍ଲା କୃଷି ଅଧିକାରୀଙ୍କ ବେପରୁଆ ମନୋଭାବକୁ ନେଇ ଚର୍ଚ୍ଚା ଜୋର ଧରିବାରେ ଲାଗିଛି।ଘଟଣା ସୂତ୍ରରୁ ପ୍ରକାଶ ଯେ, ଗତ ୩୦ତାରିଖ ଦିନ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକ ର ଗୋଳନ୍ଥରା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ଓଡିଶା ରାଜ୍ୟପାଳ କେ, ହରିବାବୁ ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା କାର୍ଯ୍ୟକ୍ରମରେ ଯୋଗ ଦେଇ ଅଖି ମୁଠି ଅନୁକୂଳ କରିଥିଲେ ଏବଂ ଉକ୍ତ କାର୍ଯ୍ୟକ୍ରମ ରେ ଅନ୍ୟତମ ଅତିଥି ଭାବେ ଖଣି, ଇସ୍ପାତ ଏବଂ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ବି ଯୋଗ ଦେଇଥିଲେ।ଉକ୍ତ ସରକାରୀ କାର୍ଯ୍ୟକ୍ରମ ଟି କୁ ଜିଲ୍ଲା କୃଷି ଅଧିକାରୀଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା।ଗଞ୍ଜାମ ଜିଲ୍ଲା କୃଷି ଅଧିକାରୀ ଉକ୍ତ କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ କିଛି ନିମନ୍ତ୍ରଣ ପତ୍ର ଅଞ୍ଚଳ ର ଅଗ୍ରଣୀ ଚାଷୀ ଏବଂ କିଛି ଲୋକ ପ୍ରତିନିଧି ମାନଙ୍କୁ ବଣ୍ଟନ କରିଥିଲେ।ମାତ୍ର ଉକ୍ତ ନିମନ୍ତ୍ରଣ ପତ୍ର ରେ ଖଣି, ଇସ୍ପାତ ଏବଂ ପରିବହନ ମନ୍ତ୍ରୀଙ୍କ ନାମ ଥିବା ବେଳେ ମୁଖ୍ୟ ଅତିଥି ଥିବା ରାଜ୍ୟପାଳ ଙ୍କ ନାଁ ଉକ୍ତ ନିମନ୍ତ୍ରଣ ପତ୍ର ରେ ଉଲ୍ଲେଖ ନାହିଁ। ଯାହା ରାଜ୍ୟପାଳ ଙ୍କ ପ୍ରୋଟୋକଲ ଉଲଂଘନ ଏବଂ ତାଙ୍କ ସମ୍ବିଧାନ ପଦ ମର୍ଯ୍ୟାଦାକୁ କ୍ଷୁଣ୍ଣ କରୁଛି। କିଭଳି ପରିସ୍ଥିତି ରେ ଜଣେ ସରକାରୀ କର୍ମଚାରୀ ଏପରି ଏକ ଦାୟିତ୍ୱ ହୀନ କାର୍ଯ୍ୟ କରିପାରିଲେ ଅଞ୍ଚଳ ର ବୁଦ୍ଧିଜୀବୀ ଏବଂ ସଚେତନ ନାଗରିକଙ୍କୁ ଚକିତ କରୁଛି ।ଏଣୁ ସାମ୍ବିଧାନିକ ପଦ ରେ ଅବସ୍ଥାପିତ ରାଜ୍ୟପାଳଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ ଶୃଙ୍ଖଳା ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏନ. ଡମ୍ବୁରୁ ରେଡିଙ୍କ ସମେତ ବହୁ ବୁଦ୍ଧିଜୀବୀ ଦାବୀ କରିଛନ୍ତି।



## ସାମ୍ବାଦିକଙ୍କୁ ଆକ୍ରମଣ ଅଭିଯୋଗ

ଆସିକା /ଧରାକୋଟ ,(ସବ୍ୟୁ) :ବେଆଇନ୍ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ର ଖବର ସଂଗ୍ରହ କରିବାକୁ ଯାଇ ମାଫିଆ ଙ୍କ ଆକ୍ରୋଶ ର ଶିକାର ହୋଇଛନ୍ତି ଗଣମାଧ୍ୟମ ପ୍ରତିନିଧି।ଅଭିଯୁକ୍ତ ଙ୍କ ବିରୋଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଥାନା ରେ ମାମଲା ରୁଜୁ ହୋଇଥିବା ଜଣାଯାଇଛି।ପ୍ରକାଶ ଥାଉକି ଧରାକୋଟ ଥାନା ଅଞ୍ଚଳ ରେ ବେଆଇନ ଓ ବେଧଡ଼କ ଭାବେ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣକୁ ନେଇ ଗତ କିଛି ଦିନ ଧରି ଲଗାତାର ଅଭିଯୋଗ ହେବା ପରେ ଖବର ସଂଗ୍ରହ ନିମନ୍ତେ ଗ୍ରାଉଣ୍ଡ ଜିରୋରେ ପହଞ୍ଚିଥିଲେ ଜୈନିକ ଗଣମାଧ୍ୟମ ପ୍ରତିନିଧି ।ସେଠାରେ ଉପସ୍ଥିତ ଚୋରାଚାଲାଣ କାରି ମାଫିଆ କବିରାଜ ସାହୁ ତାଙ୍କ ପୁଅ ରଜନୀକାନ୍ତ ସାହୁ ହଠାତ୍ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରକୁ ଆକ୍ରମଣ କରି ତାଙ୍କୁ ଗଳା ଧକ୍କା ମାରି ଥିଲେ ।ଯାହାଦ୍ୱରା ତାଙ୍କ ପାଟିରୁ ରକ୍ତ ବାହାରି ଥିଲା ଓ ପରେ ଉକ୍ତ ଚୋରା ମୋରମ ପଡୁଥିବା ଜାଗା ମାଲିକ ସଞ୍ଜୟ ପଣ୍ଡା ନିଜ ନିକଟରେ ଥିବା ଏକ ବନ୍ଧୁକରେ ଗଣମାଧ୍ୟମ ପ୍ରତିନିଧିଙ୍କ ଛାତିକୁ ମରିବା ସହିତ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହିତ ଜୀବନ ରେ ମାରିଦେବାକୁ ଧମକ ଦେଇଥିବା ନେଇ ଉକ୍ତ ଗଣମାଧ୍ୟମ ପ୍ରତିନିଧି ଜଣଙ୍କ ଧରାକୋଟ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଘଟଣାରେ ଖୋଦ ଜିଲ୍ଲା ଏସ୍ ପି ହସ୍ତକ୍ଷେପ କରିବା ସହ ଦିନ ଦ୍ୱିପ୍ରହର ରେ ସରକାରଙ୍କ ରାଜସ୍ୱ କୁ ହଡପ କରି ଗଣମାଧ୍ୟମର କଣ୍ଠରୋଧ କରିବାକୁ ଉଦ୍ୟମ କରୁଥିବା ମାଫିଆଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି ହୋଇଛି।

## ୫ଜଣିଆ ଆଇପିଏଲ ବୁକି ଗିରଫ : ମୋବାଇଲ, ନଗଦ ଟଙ୍କା ଜବତ




ବ୍ରହ୍ମପୁର,(ସବ୍ୟୁ): ଚଳିତ ଆଇପିଏଲ ସିଜନରେ ବେଆଇନ ଭାବେ କୋଟି କୋଟି ଟଙ୍କାର ଆଇପିଏଲ ବେଟିଂହେଉଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା। ବୈଦ୍ୟନାଥପୁର ଭ ଟାଉନ ଥାନା ପୋଲିସ ମିଳିତ ଭାବେ ଚଢଉ କରି ଜିଲାରେ ଆଇପିଏଲ ବେଟିଂ ଚଳାଉଥିବା ୫ ଜଣିଆ ବୁକି ଗ୍ୟାଙ୍ଗକୁ ଗିରଫ କରିଛି। ଅଭିଯୁକ୍ତ ମାନେ ହେଲେ ହରଡାଖଣ୍ଡି ଲକ୍ଷ୍ମୀନୃସିଂହ ସାହିର ବୃନ୍ଦାବନ ପାଣିଗ୍ରାହୀ ଓରଫ ମଲ୍ଲ(୪୨), ରଙ୍ଗୁଣିବନ୍ଧ ସାହି ସ୍ଥିତ ଶାସ୍ତ୍ରୀନଗରର ରମାକାନ୍ତ ସାମନ୍ତରା ଓରଫ ମଣ୍ଟୁ(୪୨), ଦେଶିବେହେରା ସାହିର ପି. ସନ୍ତୋଷ କୁମାର(୪୦), ନୂଆଁଖଜୁରିଆର ମୁରଲୀଧର ବିଶ୍ୱାଳ(୪୦) ଓ ବାଳକୃଷ୍ଣ ବଡଦାଣ୍ଡ ସାହିର ଶ୍ରୀଧର ସାହୁ (୨୬) ଛ ପୋଲିସ ସେମାନଙ୍କ ନିକଟରୁ ୬ଟି ମୋବାଇଲ, ୩ଟି ବାଇକ ,ନଗଦ ୭୦ ହଜାର ଟଙ୍କା ଜବତ କରାଯାଇଛି ବୋଲି ବହ୍ମପୁର ଏସପି ଡା. ସର୍ବଣା ବିବେକ ଏମଙ୍କ ସୂଚନା ଦେଇଛନ୍ତି। ନିକଟରେ ଗୁଜରାଟ ଟାଇଟାନ୍ ବନାମ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଆଇଇପିଏଲ ମ୍ୟାଚ ଚାଲିଥିବା ବେଳେ ବୁକି ଓ ଗ୍ରାହକମାନେ ସ୍କାଏ ଏକ୍ସଚେଞ୍ଜ ନାମକ ୱେବସାଇଟ ଏବଂ ଅନ୍ୟାନ୍ୟ ମୋବାଇଲ ଆପ ଓ ଲାପଟପ୍ ବ୍ୟବହାର କରି ଆଇପିଏଲ ଖେଳରେ ଲକ୍ଷ ଲକ୍ଷ ଟଙ୍କା ବାଜି ଲଗାଇଥିବା ଜଣାପଡିଥିଲା।ଏହି ଆପ ଓ ୱେବସାଇଟ ବ୍ୟବହାର କରୁଥିବା ଉପରୋକ୍ତ ୫ ଜଣ ବୁକି ଙ୍କୁ କାବୁ କରାଯାଇ ଜେରା ପରେ ଜଣାପଡିଥିଲା । ଉପରୋକ୍ତ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ସେମାନେ ବେଆଇନ ଭାବେ ଆଇପିଏଲ ବେଟିଂ କରୁଥିବା ସ୍ୱୀକାର କରିବା ସହ ଏହି ନେଟୱାର୍କ ବିଷୟରେ ପୋଲିସକୁ ସୂଚନା ଦେଇଥିଲେ ।ତେବେ ପୋଲିସ ଅଭିଯୁକ୍ତଙ୍କ ଆକାଉଣ୍ଟରେ ଥିବା ଲକ୍ଷ ଲକ୍ଷ ଟଙ୍କାକୁ ଅଚଳ କରିବାକୁ ସଂପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛି।

## ବିଦ୍ୟୁତ ତାର ନିକଟରେ ଅନଧିକୃତ ନିର୍ମାଣ

# ୧୨୨୯ ଉପଭୋକ୍ତାଙ୍କୁ ଟିପିଏସ୍ଓଡିଏଲ୍ ପକ୍ଷରୁ ନୋଟିସ ଜାରି

ବ୍ରହ୍ମପୁର, (ସବ୍ୟୁ) ଦକ୍ଷିଣ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଓଭରହେଡ ବିଜୁଳି ତାର ନିକଟରେ ଅନଧିକୃତ ନିର୍ମାଣ କରିଥିବା ୧୨୨୯ ଜଣ ଉପଭୋକ୍ତା ଏବଂ ପ୍ରତିଷ୍ଠାନକୁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍ଓଡିଏଲ୍) ପକ୍ଷରୁ ନୋଟିସ ଜାରି କରାଯାଇଛି। ବିଦ୍ୟୁତ ଭିତ୍ତିଭୂମି ଏବଂ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉଦ୍ଦେଶ୍ୟ ନେଇ କମ୍ପାନୀ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଟିପିଏସ୍ଓଡିଏଲର ସୁରକ୍ଷା ଓ ଅନୁପାଳନ ଅଭିଯାନ ଅନୁଯାୟୀ ସମଗ୍ର ୮ ଟି ଜିଲ୍ଲାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୬୫୫ଟି ନୋଟିସ ଜାରି ହୋଇଥିବା ବେଳେ କୋରାପୁଟରେ ୧୬୦, ମାଲକାନଗିରିରେ ୧୩୧, ଗଜପତିରେ ୧୦୪, ନବରଙ୍ଗପୁରରେ ୮୩, ରାୟଗଡାରେ ୫୫ ଏବଂ ବୌଦ୍ଧ ଜିଲ୍ଲାରେ ୩୮ ଜଣଙ୍କୁ ନୋଟିସ ଦିଆଯାଇଛି। ବିଦ୍ୟୁତ ତାର ନିକଟରେ ଅନଧିକୃତ ନିର୍ମାଣ କାର୍ଯ୍ୟ ଯୋଗୁଁ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେବା ସହ ମରାମତି ଓ ରକ୍ଷଣାବେକ୍ଷଣ ତଥା ଜରୁରୀକାଳୀନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥାଏ। ବିଦ୍ୟୁତ ଅଧିନିୟମ ୨୦୦୩ ଏବଂ ସିଇଏ ସୁରକ୍ଷା ନିୟମ ୨୦୨୩ ଅନୁଯାୟୀ ଟିପିଏସ୍ଓଡିଏଲ୍ ଏହି ପଦକ୍ଷେପ ଗ୍ରହଣ କରିଛିଛ ଉପରୋକ୍ତ ଅଧିନିୟମ ଅନୁସାରେ ବିନା ଅନୁମତିରେ ଓଭରହେଡ ବିଜୁଳି ତାର ନିକଟରେ କୌଣସି ବିଲ୍ଡିଂ କିମ୍ବା ନିର୍ମାଣ କାର୍ଯ୍ୟ କରାଯାଇପାରିବ ନାହିଁ, ଏଥିରେ ଖିଲାପ କଲେ ବିଦ୍ୟୁତ ଯୋଗାଣ ବିଚ୍ଛିନ୍ନ ହୋଇପାରେ କିମ୍ବା ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ।ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ଜନସାଧାରଣ ଏବଂ ଆମ କର୍ମଚାରୀଙ୍କ ସୁରକ୍ଷା ହେଉଛି ଆମର ସର୍ବୋଚ୍ଚ ପ୍ରାଥମିକତା।ବିଦ୍ୟୁତ ତାର ନିକଟରେ ବେଆଇନ ନିର୍ମାଣ ବିପଦଜନକ ଏବଂ ଆଇନର ଅବମାନନା ଅଟେ। ଲୋକଙ୍କୁ ସଚେତନ କରିବା ସହ ଆଇନର ଅନୁପାଳନ କରିବା ଦିଗରେ ଆମେ ପ୍ରତିବଦ୍ଧ। ବିଦ୍ୟୁତ ଲାଇନ୍ ନିକଟରେ ନିର୍ମାଣ କାର୍ଯ୍ୟ ନ କରିବା ଏବଂ ପୂର୍ବରୁ ଆବଶ୍ୟକୀୟ ଅନୁମତି ନେବାକୁ ସମସ୍ତଙ୍କୁ ଅନୁରୋଧ କରୁଛୁ।ଏହି ବିପଦଜନକ ପରିଣାମ ସମ୍ପର୍କରେ ଉପଭୋକ୍ତାଙ୍କୁ ସଚେତନ କରିବା ପାଇଁ ଟିପିଏସ୍ଓଡିଏଲ୍ ଏକ ସଚେତନତା ଅଭିଯାନ ମଧ୍ୟ ଆରମ୍ଭ କରିଛି। ବିଶେଷ କରି ଗ୍ରାମାଞ୍ଚଳ ଏବଂ ସହର ଉପକଣ୍ଠରେ ଗ୍ରାମ ସଭା, ଦୃଶ୍ୟଶ୍ରାବ୍ୟ ଭ୍ୟାନ୍, ପୋଷ୍ଟର, ପଥପ୍ରାନ୍ତ ନାଟକ ଏବଂ ଘରକୁ ଘର ବୁଲି ସଚେତନତା ଅଭିଯାନ କରାଯାଉଛି। ବିଦ୍ୟୁତ ଲାଇନ୍ ନିକଟରେ କୌଣସି ନିର୍ମାଣ କାମ ଆରମ୍ଭ କରିବା ପୂର୍ବରୁ କର୍ତ୍ତୃପକ୍ଷଙ୍କଠାରୁ ଆଗୁଆ ଅନୁମୋଦନ ନେବାକୁ ଟିପିଏସ୍ଓଡିଏଲ୍ ପକ୍ଷରୁ ସମସ୍ତ ଉପଭୋକ୍ତାଙ୍କୁ ଅନୁରୋଧ କରାଯାଇଛି ଏବଂ ଏସବୁ ଅନଧିକୃତ ନିର୍ମାଣ କାର୍ଯ୍ୟରୁ ଦୂରେଇ ରହିବା ପାଇଁ କୁହାଯାଇଛି। ନିୟମ ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟିପିଏସ୍ଓଡିଏଲ୍ ସୂଚନା ଦେଇଛି।ନୋଟିସ୍ ପାଇଥିବା ଉପଭୋକ୍ତାମାନେ ତୁରନ୍ତ ଏହାକୁ ସୁଧାରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ନୋଟିସର ଅବମାନନା କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ସର୍ପାଘାତରେ ଯୁବକ ମୃତ

ଦାନଗଦି, (ସବ୍ୟୁ): କଳିଙ୍ଗନଗର ଥାନା ଅନ୍ତର୍ଗତ ଗୋଲାଗାଁ ଗ୍ରାମର କଳାକର ବେହେରାଙ୍କ ପୁଅ କୁମାରେଶ୍ୱର (୨୮) ମଙ୍ଗଳବାର ରାତିରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡିବା ଯୋଗୁଁ ତାର ମୃତ୍ୟୁ ହୋଇଥିଲା । ଲିଖିତ ଅଭିଯୋଗ ମିଳିବାପରେ କଳିଙ୍ଗନଗର ଥାନାଅଧିକାରୀ ପ୍ରକାଶ କୁମାର ସାହୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏଏସଆଇ ଦମୟନ୍ତୀ ମଲ୍ଲିକଙ୍କୁ ତଦନ୍ତଭାର ପ୍ରଦାନ କରିଥିଲେ । ତଦନ୍ତ ଅଧିକାରୀ ଶବ ଜବତ କରିବା ସହିତ ଶବ ବ୍ୟବଚ୍ଛେଦକରି ତାର ପରିବାରକୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଥିବା ପ୍ରକାଶ ।

## ଜିଲ୍ଲାର ୨୦ ମଣ୍ଡିରେ କିଣାହେବ ବିରି, ମୁଗ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲାର ୨୦ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ବିରି, ମୁଗ କ୍ରୟ ପାଇଁ ନିଷ୍ପତି ନିଆଯାଇଛି । ଭାରପ୍ରାପ୍ତ ଜିଲ୍ଲପାଳ ଅଜାମ୍ବର ମହାନ୍ତିଙ୍କ ଅଧକ୍ଷତା ରେ ଜିଲ୍ଲା ସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଗ କେଜି ୮୬.୮୨ ପଇସା ଓ ବିରି କେଜି ୭୪ ଟଙ୍କା ହାରରେ ଚାଷୀ ମାନଙ୍କ ଠାରୁ କ୍ରୟ କରାଯିବ । ପ୍ରତି ବ୍ଲକରେ ୨/୩ ଟି କରି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ମୁଗ, ବିରି କ୍ରୟ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ପ୍ରତ୍ୟେକ ଚାଷୀ ଏକର ପିଛା ୨ କ୍ୱିଣ୍ଟାଲ କରି ମୁଗ ଓ ବିରି ମଣ୍ଡିରେ ବିକ୍ରୟ କରିପାରିବେ । ସେମାନଙ୍କ ଆକାଉଣ୍ଟ କୁ ୪ ଦିନ ମଧ୍ୟରେ ବିକ୍ରୟ ଅର୍ଥ ପଠାଯିବ ବୋଲି ଭାରପ୍ରାପ୍ତ ମାରଫେଡ ଅଧିକାରୀ ପ୍ରଶା' କୁମାର ରାଉତ ସୂଚନା ଦେଇଛନ୍ତି । ଆତ୍ମାର ସହକାରୀ ନିର୍ଦ୍ଦେଶକ ନିରନ ରାଉତ ବୈଠକ ପରିଚାଳନା କରିଥିଲେ ।

## ସୀମାନ୍ତରେ ଦେଶ ପାଇଁ ଲଢୁଛନ୍ତି ଡାଙ୍ଗମାଳର ଦୁଇ ବୀରପୁତ୍ର

ରାଜନଗର ,(ସବ୍ୟୁ) : ପାକିସ୍ତାନୀ ଆତଙ୍କବାଦୀଙ୍କ ବର୍ବୋରଚିତ ଗୁଳିକାଣ୍ଡରେ ପହଲଗାମରେ ୨୮ ଜଣ ଭାରତୀୟ ପର୍ଯ୍ୟଟକ ସହିଦ ହୋଇଛନ୍ତି । ଆତଙ୍କବାଦୀଙ୍କୁ ମୂଳପୋଛ କରିବା ଓ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ପାକିସ୍ତାନ ଉପରେ ଗତକାଲି ବିଳମ୍ବିତ ରାତିରେ ଭାରତୀୟ ବୀର ଯବାନମାନେ ଆକ୍ରମଣ କରିଛନ୍ତି । ଡାଙ୍ଗମାଳର ଦୁଇ ବୀର ଯବାନ ଜାମୁ କାଶ୍ମିରୀର ନିୟୋଜିତ ରହିବା ସହ ଯୁଦ୍ଧରେ ନିୟୋଜିତ ଥିବାରୁ ଗାଁରେ ଓ ପରିବାରରେ ଖୁସିର ଲହରୀ ଖେଳିଯାଇଛି । ଡାଙ୍ଗମାଳ ଗାଁର ସଦାଶିବ ବେଦୀ ଓ ଶ୍ୟାମାମଣି ବେଦୀଙ୍କ ବିର ପୁତ୍ର ଶଶିକାନ୍ତ ବେଦୀ (୨୪) ଶଶିକାନ୍ତ ଦୁଇ ବର୍ଷ ହେଲା ସେନାବାହିନୀରେ ବିଏସଏଫ ଯବାନ ଭାବେ ଭାରତ ମାଆର ସେବା କରୁଛନ୍ତି । ପହଲଗାମ ଆକ୍ରମଣ ପରେ ସେଠାରେ ସର୍ଚ୍ଚ ଅପରେସନ ଓ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଥିଲେ । କାଶ୍ମୀର ବାରବୁଲାର ପହଲଗାମରେ ସେ ନିୟୋଜିତ ଅଛନ୍ତି । ସେହିପରି ଡାଙ୍ଗମାଳ ଗାଁର ପ୍ରିୟବ୍ରତ ବେହୁରା ( ୪୫ ) ଙ୍କର କାଶ୍ମୀରୀର କୁପୂୱାଡାକୁ ବଦଳି ହୋଇଛି । ସେଠାରେ ବିଏସଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ , କମ୍ପାନୀ କମାଣ୍ଡର ଭାବେ କାର୍ଯ୍ୟ କରୁଛନ୍ତି । ଭାରତ ମାଆର ସେବା ପାଇଁ ସେ ନିୟୋଜିତ ଅଛନ୍ତି । ଭାଇ ପାଇଁ ପୁରା ପରିବାର ଗର୍ବିତ ବୋଲି ତାଙ୍କ ସାନଭାଇ ପ୍ରୀତି ରଞ୍ଜନ କହିଛନ୍ତି । ଡାଙ୍ଗମାଳ ଗାଁର ଦୁଇ ବୀର ଯବାନ ଦେଶ ପାଇଁ ଯୁଦ୍ଧରେ ସାମିଲ ଅଛନ୍ତି ,ଭାରତ ମାଆର ସେବା କରୁଛନ୍ତି ।ଭାରତର ବିଜୟ ହେବ ସେଥିପାଇଁ ଅଞ୍ଚଳର ଆରାଧ୍ୟ ଦେବୀ ମାଆ ଜୟଦୂର୍ଗାଙ୍କ ପୀଠରେ ଦୀପଦାନ ଓ କୀର୍ତ୍ତନ କରାଯାଉଛି ବୋଲି ଗାଁର ମୁରବି ଲକ୍ଷ୍ମୀଧର ବାରିକ , ପ୍ରଭାତ କୁମାର ବେହେରା , ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ବେହେରା କହିଛନ୍ତି ।

# ହାଟ ପଡ଼ିଆରୁ ଗଛ କଟାକୁ ବିରୋଧ

ଧର୍ମଶାଳା,(ସବ୍ୟୁ) : ଧର୍ମଶାଳା ତହସିଲ ଅଧୀନ ହାଟ ପଡ଼ିଆର ଥିବା ବିଶାଳ ଚାକୁଣ୍ଡା ଗଛ ଗୁଡ଼ିକକୁ ଆଜି କାଟାଯାଇ ବୋହି ନିଆଯାଉଥିବା ଦେଖିବାକୁ ମିଳିଛି। ଏଠାରେ ଥିବା ମୁନସୀ ମେଲଣ କମିଟି ଓ ହାଟ କମିଟି ଅଗୋଚରରେ କିଭଳି ଗଛ କଟା ଯାଉଛି ତାହା ସମସ୍ତଙ୍କୁ ବିସ୍ମିତ କରିଛି।ପ୍ରକାଶ ଥାଉ କି, ଏହି ପଡିଆରେ ୧୪୭ ବର୍ଷର ପ୍ରସିଦ୍ଧ ମୁନିସୀ ମେଲଣ ଅନୁଷ୍ଠିତ ହୋଇଆସୁଛି। ଦୋଳପୂର୍ଣ୍ଣିମାରେ ବିଭିନ୍ନ ଅଂଚଳରୁ ବହୁ ବିମାନ ଏହି ମେଲଣକୁ ଆସିଥାନ୍ତି। ମେଲଣ ଅବସରରେ ଏଠାରେ ଦୋକାନ ବଜାର ଖୋଲିଥାଏ। ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ବହୁ ଲୋକଙ୍କ ସମାଗମ ହୋଇଥାଏ। ପଡିଆରେ ଗଛ ରହିଥିବାରୁ ଏଠାରେ ଛାଇ ହେବା ଫଳରେ ହାଜାର ହଜାର ଲୋକ ବୁଲି ମେଲଣ ଦେଖିଥାନ୍ତି। ସେହିପରି ପ୍ରତି ସପ୍ତାହରେ ଶୁକ୍ରବାର ହାଟ ବସିଥାଏ। ହାଟ ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ବସିଥାଏ। ବିଭିନ୍ନ ଅଂଚଳରୁ ବ୍ୟବସାୟୀ ମାନେ ଆସି ଏହି ପଡିଆରେ ବେପାର କରିଥାଆନ୍ତି। ସ୍ଥାନୀୟ ଲୋକମାନେ ଏହି ହାଟ ଉପରେ ନିର୍ଭର କରିଥାନ୍ତି। କିଛିବର୍ଷ ହେବ ଏଠାରେ ମହାପ୍ରଭୁଙ୍କ ମାଉସୀ ମା' ମନ୍ଦିର ନିର୍ମାଣ କରାଯାଇଛି। ପ୍ରତିବର୍ଷ ଶ୍ରୀ ଗୁଣ୍ଡିଚାରେ ଭାଲୁଖାଇ ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧା ମୂର୍ତୀ ରଥାରୁଢ଼ ହୋଇ ହଜାର ହଜାର ଭକ୍ତଙ୍କ ଗହଣରେ ହାଟ ପଡିଆରେ ଥିବା ମାଉସୀ ମା ମନ୍ଦିରକୁ ଆସିଥାନ୍ତି। ଏଠାରେ ୯ଦିନ ଧର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ବିଭିନ୍ନ ସଂସ୍କୃତିକୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଦୈନଦିନ ମଧ୍ୟାହ୍ନ ଓ ରାତି ସମୟରେ ଶହଶହ ଭକ୍ତ ଓ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥାନ୍ତି। ବହୁ ଲୋକଙ୍କ ସମାଗମ ହୋଇଥାଏ । ଏଭଳି ପ୍ରସିଦ୍ଧ ସ୍ଥାନରେ ବହୁ ପୁରାତନ ଗଛ ରହିଥିବାରୁ ଖରାବର୍ଷା ଦାଉରୁ ରକ୍ଷା ପାଇବା ସହ ବିଭିନ୍ନ ସମୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି। ଏଠରେ ଥିବା ବହୁ ବର୍ଷର ପୁରୁଣା ଗଛକୁ କିଏ କଟିବାକୁ ନିର୍ଦ୍ଦେଶ ଦେଲା ତାହା ଜଣାପଡୁନାହିଁ। ତେବେ ଏତିହାସିକ ହାଟ ପଡିଆରେ ଥିବା ଶହେ ଶହ ବର୍ଷର ବିଶାଳ ଗଛ ଗୁଡିକ କିଭଳି ସୁରକ୍ଷିତ ରହିପାରିବ ସେ ଦିଗରେ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



# ସୀତାପରି ନାରୀ ବିଶ୍ୱରେ ସୃଷ୍ଟି ହୋଇ ନାହାଁନ୍ତି

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ବ୍ଲକର ଗୋପାଳପୁର ପଂଚାୟତସ୍ଥିତ ପଲ୍ଲୀ ସାଂସ୍କୃତିକ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସୀତା ନବମୀ ଅବସରରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଦୁଲାରପୁର, ଗୋପାଳପୁର.କଟକ ପକ୍ଷରୁ ଏକ ଆଲୋଚନାଚକ୍ର ଓ କବିତାପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିମାନେ ଜଗନ୍ନାଥଙ୍କ ଫଟୋଚିତ୍ରରେ ଧୂପ ପୁଷ୍ପ ଅର୍ପଣ କରିଥିଲେ । ଜ୍ୟୋତିରଂଜନ ମହାନ୍ତି ଶ୍ଳୋକ ଆବୃତି କରିଥିଲେ । ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରାଧ୍ୟାପକ ବିରୂପାକ୍ଷ ରାୟ, ଡ. ଏକାଦଶୀ ପ୍ରଧାନ, ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶାରଦା ପ୍ରସାଦ ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ପାଲା ଗାୟକ ସତ୍ୟାନନ୍ଦ ଦାଶ, ଡ. ନିଖିଳେଶ ମହାନ୍ତି, ଡ. ଜନାର୍ଦ୍ଦନ ରାଉତ, ପରିବେଶବିତ୍ ପ୍ରମୋଦ କୁମାର ଦାଶ, କବି କୁଳମଣି ସାହୁ ପ୍ରମୁଖ ଅଂଶ ଗ୍ରହଣ କରି ଲୀଳା ସହଯୋଗୀ ଜନକ ନନ୍ଦିନୀଙ୍କ ସଂପର୍କରେ ଆଲୋକପାତ କରିବା ସହ ସୀତାପରି ନାରୀ ବିଶ୍ୱରେ ସୃଷ୍ଟି ହୋଇ ନାହାଁନ୍ତି ବୋଲି ମତବ୍ୟକ୍ତ କରିବା ସହ ରାମାୟଣରେ ସୀତାଙ୍କ ଚରିତ୍ର ସଂପର୍କରେ ଆଲୋକପାତ କରିଥିଲେ । ସଂସଦର ଉପଦେଷ୍ଟା ଶ୍ରୀନିବାସ ସାହୁ ଉଦ୍ଘାଟନୀ ଭାଷଣ ପ୍ରଦାନ କରିଥିଲେ । ସୀତା ନବମୀ ଉପଲକ୍ଷେ ବକ୍ତାମାନେ ନିଜ ନିଜର ବକ୍ତବ୍ୟରେ ବହୁ ଗୁଢ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ସଂସଦର ସଂପାଦକ ଗୌତମ ଚରଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଡ. ଅଭୟ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ କବି ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ସିଂ, ପ୍ରଫୁଲ୍ଲ କୁମାର ସାହୁ, ଦିଲ୍ଲୀପ ଗ୍ରହାଚାର୍ଯ୍ୟ, ଅଧ୍ୟାପକ ସହଦେବ ଜେନା, କବି ରାଜକିଶୋର ମିଶ୍ର, ଖଗେଶ୍ୱର ମହାନ୍ତି, ରାମଚନ୍ଦ୍ର ସାହୁ, କଲ୍ଲୋଳ ମହାନ୍ତି ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ । ଏହି ଅବସରରେ ଅତିଥିମାନେ ଡ. ଭାବଗ୍ରାହୀ ରାଉତଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ପୂର୍ବକ ଦ୍ୱିତୀୟ ଭଞ୍ଜ ସାରସ୍ୱତ ସମ୍ମାନ ପ୍ରଦାନ କରିଥିଲେ । ସୁଧାକର ଜେନା, ନମିତା ମଲିକ, ବିଜନବାଳା ପ୍ରଧାନ, ଦୀପ୍ତିମୟୀ ଜେନା, ଆରତୀ ଲେଙ୍କା, ଟିକି ସାମଲ, ସୁରେନ୍ଦ୍ର କୁମାର ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଶେଷରେ କବୟତ୍ରୀ ପ୍ରତିଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ

## ବଗପାଟିଆ ପୁନର୍ବାସ ଥଇଥାନ ଅଞ୍ଚଳର ଉନ୍ନତିକରଣ ପାଇଁ ବୈଠକ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ରାଜନଗର ସମୁଦ୍ର କୂଳ ସାତଭାୟା ଗ୍ରାମ ପଂଚାୟତର ବଗପାଟିଆ ବିସ୍ଥାପିତ ଅଂଚଳରେ ଥଇଥାନ କରାଯାଇଥିବା ବାସିନ୍ଦା ମାନଙ୍କ ବସତି ସ୍ଥାପନ ହେବାପରେ ସେ ଅଂଚଳର ଉନ୍ନତିକରଣ ପାଇଁ ଏକ ଉଚ୍ଚ ସ୍ତରୀୟ ବୈଠକ ଜିଲ୍ଲପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସଂପୃକ୍ତ ଥଇଥାନ ଅଂଚଳ ବଗପାଟିଆ ଠାରେ ବିସ୍ଥାପିତ ଜନ ସାଧାରଣଙ୍କ ଉନ୍ନତମାନର ଜୀବନ ଯାପନ ଓ ଆବଶ୍ୟକତା ଦୃଷ୍ଟିରୁ ପାନୀୟ ଜଳ ଯୋଗାଣ, ରାସ୍ତା ନିର୍ମାଣ, ଖେଳ ପଡିଆ ନିର୍ମାଣ ଓ ଉନ୍ନତି କରଣ, କଲ୍ୟାଣ ମଣ୍ଡପ ନିର୍ମାଣ, କମ୍ୟୁନିଟି ସେଣ୍ଟର ନିର୍ମାଣ, ପଂଚାୟତ କାର୍ଯ୍ୟାଳୟ ନିର୍ମାଣ ଓ ମା ପଂଚୁ ବରାହୀଙ୍କ ମନ୍ଦିର ଚତୁପାର୍ଶ୍ୱର ଉନ୍ନତି କରଣ ସହିତ ନିର୍ମାଣ ହେବାକୁ ଥିବା ରାସ୍ତାର ଉଭୟ ପାର୍ଶ୍ୱରେ ହାଇମାକର୍‌ସ ଲାଇଟ ଓ ଷ୍ଟ୍ରିଟ ଲାଇଟ ଲଗାଇବା ଓ ସବଷ୍ଟେସନ ସ୍ଥାପନ କରିବା, ସ୍କୁଲର ସଂପ୍ରସାରଣ ଓ ଅଧିକ ଶ୍ରେଣୀ ଗୃହ ନିର୍ମାଣ କରିବା, ବାୟୋଁକ ମାଛ ଚାଷ, ଗୋ ଓ ଛେଳି ପାଳନ ପାଇଁ ଏବଂ ଖାଲୁଆ ଅଂଚଳରେ ମାଟି ପକାଇ ଉଚ୍ଚା କରିବା ଓ ମତ୍ସ୍ୟଚାଷ ପାଇଁ ୧୦ଟି ବଡ ପୋଖରୀ ନିର୍ମାଣ ଆଦି ବିଷୟରେ ବୈଠକରେ ଆଲୋଚନା ହୋଇଥିଲା । କିନ୍ତୁ କେତେକ ଅଧିକାରୀ ନିଜର କର୍ତ୍ତବ୍ୟକୁ ଠିକ୍ ଭାବରେ ପାଳନ କରୁନଥିବାରୁ ସେଠାକାର ଉନ୍ନୟନ ମୂଳକ କାର୍ଯ୍ୟ ଅଗ୍ରଗତିରେ ବାଧା ସୃଷ୍ଟି ହୋଇଛି। ଏ ନେଇ ଆବାହକ ଶ୍ରୀ ରାଉତ ଭାରପ୍ରାପ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲ୍ଲିକ ଓ ଅନ୍ୟ ଅଧିକାରୀମାନଙ୍କୁ ଭେଟି କାର୍ଯ୍ୟଗୁଡିକୁ ତଦାରଖ କରିବା ସହିତ ଅଧିକାରୀମାନଙ୍କୁ ତୁରନ୍ତ ଉନ୍ନୟନ ମୂଳକ କାର୍ଯ୍ୟ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ବିଧାୟକ

ପାଣିକୋଇଲି,(ସବ୍ୟୁ) :କୋରେଇ ନିର୍ବାଚନ ମଣ୍ଡଳୀର ବିଧାୟକ ଆକାଶ ଦାସନାୟକ କୋରେଇ ବ୍ଲକ୍ ଅନ୍ତର୍ଗତ ଧନେଶ୍ୱର ଗ୍ରାମପଂଚାୟତ ହଳଦୀଗଡିଆ ଗ୍ରାମପଂଚାୟତରେ ୪ଟି ପ୍ରକଳ୍ପର ଶୁଭ ଭିତିପ୍ରସ୍ତର ସ୍ଥାପନ ଓ ଗୋଟିଏ ପ୍ରକଳ୍ପର ଶୁଭ ଉଦ୍ଘାଟନ କରିଥିଲେ । ସକାଳ ୧୦ ଘଟିକା ସମୟରେ ଧନେଶ୍ୱର ଗ୍ରାମପଂଚାୟତର ଆଂଚଳିକ ଉଚ୍ଚ ବିଦ୍ୟାପୀଠ ଅତିରିକ୍ତ ଶ୍ରେଣୀ ଗୃହର ଶୁଭ ଉଦ୍ଘାଟନ କରିଥିଲେ । ଏହି ଶ୍ରେଣୀରେ ଅଟକଳ ପରିମାଣ ୧୭ ଲକ୍ଷ ଟଙ୍କା । ସେଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ପଣ୍ଡୁଲା ଛକ ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପଣ୍ଡୁଲା ଛକ ଠାରୁ ଖଣ୍ଡୁଆଳୀ ଉଚ୍ଚ ବିଦ୍ୟାଳୟ, ଭାୟା – ମାଲଦା, ଖାଁବାଗ, ପାଟୁଳି, ବାରଦା ରାସ୍ତା ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ରାସ୍ତାର ଅଟକଳ ପରିମାଣ ୩ କୋଟି ୬୦ ଲକ୍ଷ । ସେଠାରୁ ସେହି ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଯାଇ ହଳଦୀଗଡିଆ ପଂଚାୟତ ଅଫିସ ପାଖରେ ହଳଦୀଗଡିଆ ପ୍ରାଥମିକ କୃଷି ସମବାୟ ସମିତି ନୂତନ ମଣ୍ଡିର ଶୁଭଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ମଣ୍ଡିର ଅଟକଳ ପରିମାଣ ୫୦ ଲକ୍ଷ ଟଙ୍କା । ସେହିଠାରେ ହଳଦୀଗଡିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ସ୍ୱାସ୍ଥ୍ୟ ଆରୋଗ୍ୟ ଉପକେନ୍ଦ୍ର ଅଟକଳ ପରିମାଣ ୪୫ ଲକ୍ଷ ଟଙ୍କା । ସେହିଠାରୁ ସେହିପରି ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ଆସି ଶାଳକଣା ଛକ ଠାରେ କୋରେଇ ବରୁଣ୍ଡେଇ ପୂର୍ତବିଭାଗ ରାସ୍ତା ଠାରୁ ତରପଦା, ଭାୟା – ବନ୍ତଳା, ପଦୀ ରାସ୍ତା ନିର୍ମାଣରଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ରାସ୍ତାର ଅଟକଳ ପରିମାଣ ୨ କୋଟି ୮୫ ଲକ୍ଷ ଟଙ୍କା।

## ଭୂମିହୀନଙ୍କୁ ଦିଆଯିବ ଜମି ପଟା, ଉଚ୍ଛେଦ ହେବ ଜବରଦଖଲ

କେନ୍ଦ୍ରାପଡା,(ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ରାଜସ୍ୱ ବିଭାଗର ଏକ ସମୀକ୍ଷା ବୈଠକ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ପରିସର ରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀ, ୯ଟି ତହସିଲ ର ତହସିଲଦାର, ଅତିରିକ୍ତ ତହସିଲଦାର, ସୁପର ଭାଇଜର ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ବସୁନ୍ଧରା ଯୋଜନାରେ ଭୂମିହୀନ ମାନଙ୍କୁ ଚିହ୍ନଟ କରି ଯୋଗ୍ୟ ହିତାଧିକାରୀ ମାନଙ୍କୁ ୨ ରୁ ୪ ଡିସିମିଲ ପର୍ଯ୍ୟ' ଜମି ପଟା ପ୍ରଦାନ ପାଇଁ ସମୀକ୍ଷା କରିଥିଲେ । ପ୍ରତ୍ୟେକ ଗ୍ରାମ ସର୍ଭେ କରି ଯୋଗ୍ୟ ହିତାଧିକାରୀ ମାନଙ୍କୁ ତାଲିକା ପ୍ରସ୍ତୁତ କରିବା ସହ ଜବରଦଖଲ ରେ ଥିବା ଭୂମୀକୁ ଉଦ୍ଧାର କରିବା ଓ ଆବଶ୍ୟକ ସ୍ଥଳେ କୌଣସି ନିର୍ମାଣ କରାଯାଇ ଥିଲେ, ତାହାକୁ ଭାଙ୍ଗିବା କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଚୋରା ଲଘୁ ଖଣିଜ ପଦାର୍ଥ ଚାଲାଣ ରୋକିବା ସହ ଜିଲ୍ଲା ଖଣି ଅଧିକାରୀଙ୍କ ସହ ସମସ୍ତ ତହସିଲଦାର ଚୋରା ବାଲି ପରିବହନ କରୁଥିବା ଯାନ ବାହାନକୁ ଜବତ କରିବା ଓ ଜରିମାନା ଆଦାୟ କରିବା ସଂପର୍କରେ ସରକାରଙ୍କ ନିର୍ଦ୍ଦେଶନାମା ଉପରେ ଆଦେଶନାମା କରା ଯାଇଥିଲା ।



## ଭାବଗ୍ରାହୀ କଳା ନିକେତନରେ ଶ୍ରୀ ହନୁମାନ ଏବଂ ମାଆ ଶାରଳାଙ୍କ ମହୋତ୍ସବ

କେନ୍ଦ୍ରାପଡ଼ା ,(ସ୍ୱପ୍ର )କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ।ରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନରେ ବିଶ୍ୱର କଲ୍ୟାଣ ପାଇଁ ଶ୍ରୀ ସଙ୍କଟ ମୋଚନ ହନୁମାନ ଏବଂ ଜଗଜ୍ଜନନୀ ମା ଶାରଳାଙ୍କ ମେଳା ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ପଣ୍ଡିତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଏବଂ ବିଘ୍ନେଶ୍ୱର ଆଚାର୍ଯ୍ୟ ପୁରୋଧା ଭାବରେ ଉଭୟ ମେଳା କାର୍ଯ୍ୟ ସମାହିତ କରିବା ସହିତ ହୋମଯଜ୍ଞ, ହନୁମାନ ଚାଳିଶା ପାଠ, ଚଣ୍ଡୀପାଠ ଏବଂ ଅନ୍ୟାନ୍ୟ ପୂଜାର୍ଚ୍ଚନା କରିଥିଲେ । ଇଂଜିନିୟର ବିଶ୍ୱଜିତ ପରିଡା ଏବଂ ସୁଶ୍ରୀ ସଙ୍ଗୀତା ଜେନା କର୍ତ୍ତା ଓ କର୍ତ୍ତ୍ରୀ ଭାବରେ ଅଂଶ ଗ୍ରହଣ କରିଥିଲେ । ସିଦ୍ଧ ମହାପୁରୁଷ ମଠର ସଙ୍କୀର୍ତ୍ତନ ଦଳ ଭଜନ ଓ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାସନ୍ତୀ ମହାପାତ୍ର, ବିଜୟ ପରିଡା, ବିକ୍ରମ କେଶରୀ ପରିଡା, ବିପିନ ବିହାରୀ ପରିଡା, ବିକାଶ ପରିଡା, ବିଚିତ୍ର ପରିଡା, କୈବଲ୍ୟ ପରିଡା, ପୁଷ୍ପାଞ୍ଜଳି ପରିଡା, ଦିବ୍ୟଜ୍ୟୋତି ପରିଡା, ଇତିଶ୍ରୀ ଖୁଣ୍ଟିଆ, ବିଶାଳ ପରିଡା, ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଧୀରାମଣି ପରିଡା, ପ୍ରଭାତ ବେହେରା, କାଞ୍ଚନାଳା ନାୟକ, ବ୍ରଜ ସୁନ୍ଦର ଜେନା, ମମତା ପରିଡା, ପ୍ରଭାତ ନଳିନୀ ପରିଡା, ରେଣୁବାଳା ପରିଡା ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ଶ୍ରଦ୍ଧାଳୁମାନେ ପୁଷ୍ପାଞ୍ଜଳି ଅର୍ପଣ କରିବା ପରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା ।ବିମଳ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ରାଜକନିକା,(ସବ୍ୟୁ) : ଉଚ୍ଚ ଶିକ୍ଷା କ୍ଷେତ୍ରରେ ବହୁ ପ୍ରତିଭା ସୃଷ୍ଟି କରିଥିବା ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ, ରାଜକନିକା ୫୦ ବର୍ଷରେ ପଦାର୍ପଣ କରି ଛି। ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ସୁରେଖା ରାଉତଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରାତନ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରଫେସର ଅଜୟ କୁମାର ନାଥ, ସାମାଜିକ କର୍ମୀ ସତ୍ୟରଞ୍ଜନ ନାୟକ, ସାମ୍ବାଦିକ ଅଜୟ କୁମାର ରାଉତ, ଶିକ୍ଷକ ନେତା ଦିଲୀପ କୁମାର ରାଉତ, ବିଜୟ କୁମାର ଭୂୟାଁ ଙ୍କ ସମେତ ଅନାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ସୁବର୍ଣ୍ଣ ଜୟନ୍ତୀ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। କମିଟିର ଆବାହକ ଡ. ଅଜୟ କୁମାର କୁଣ୍ଡଙ୍କ ପ୍ରସ୍ତାବ ଅନୁଯାଇ ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ସରସ ସୁନ୍ଦର କରିବା ପାଇଁ ପୁରାତନ ଛାତ୍ର ଛାତ୍ରୀ ଙ୍କ ସମେତ କଲେଜ ସହିତ ଜଡିତ ସମସ୍ତ ଜନସାଧାରଣ ଙ୍କୁ ସାମିଲ କରାଇବାକୁ ପ୍ରସ୍ତାବ ରଖିଥିଲେ ।ବୈଠକର ନିଷ୍ପତି କ୍ରମେ ଏହି ମାସ (ମଇ )୧୧ ତାରିଖ ରବିବାର ସକାଳ ୧୦ ଟା ସମୟରେ କଲେଜ ପରିସରରେ ଏକ ବୈଠକ ବସି ସୁବର୍ଣ୍ଣ ଜୟନ୍ତୀ ପରିଚାଳନା କମିଟି ଗଠନ କରାଯିବ ।ଏଣୁ ଏହି କମିଟି ଗଠନରେ ସମସ୍ତେ ସହଯୋଗ କରିବାକୁ ମହାବିଦ୍ୟାଳୟ ଅଧକ୍ଷା ନିବେଦନ କରିଛନ୍ତି ।

## ବିଧାୟକଙ୍କ ହସ୍ତକ୍ଷେପ ପରେ ସଜଡ଼ା ହେଲା ଭୂତଳ ପାଇପ ଲାଇନ୍

ରଘୁନାଥପୁରବିଧାୟକ ର୍ତିତ୍ତୋଲ ବିଧାୟକ ଡଃ ରମାକାନ୍ତ ଭୋଇଙ୍କ ହସ୍ତକ୍ଷେପ ପରେ ରଘୁନାଥପୁର ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଗନ୍ନାଥପୁର ପଞ୍ଚାୟତର କଣ୍ଟାପଡ଼ା ଗ୍ରାମରେ ଭୂତଳ ପାଇପ ଲାଇନ୍ ର ମରାମତି କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି। ପ୍ରକାଶ ଥାଉକି, ରଘୁନାଥପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତର କଣ୍ଟାପଡ଼ା ଗ୍ରାମର ଗୋଟିଏ ସ୍ଥାନରେ ଭୂତଳ ପାଇପ ଲାଇନ୍ ଫାଟି ସେଥିରେ ଦୂଷିତ ପାଣି ମିଶୁଥିବା ଅଭିଯୋଗରେ ର୍ତିତ୍ତୋଲ ବିଧାୟକ ଡଃ ଭୋଇ ନିଜ ସମର୍ଥକଙ୍କ ସହିତ ଉକ୍ତ ସ୍ଥାନରେ ପହଁଚି ଥିଲେ । ଘଟଣା ସ୍ଥଳକୁ ସଂପୃକ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ଡକାଇ ଘଟଣାର ଅବଗତି ପରେ ଅପରାହ୍ନରେ ସଦଳବଳେ ରଘୁନାଥପୁର ବିଭାଗୀୟ କାର୍ଯ୍ୟାଳୟରେ ପହଞ୍ଚି ଉକ୍ତ ପ୍ରୋଜେକ୍ଟର ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ । ଯାଞ୍ଚ ସମୟରେ ୧୩ଲକ୍ଷ ଟଙ୍କାର ବିଲ୍ ଭାଉଚର ନପାଇ ସଂପୃକ୍ତ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରି ଫେରି ଯାଇଥିଲେ । କିନ୍ତୁ ସେଠାରେ ତାଙ୍କର ଦୁଇ ଅନୁଗତଙ୍କୁ ରଖି ବିଲ୍ ଭାଉଚର ନେଇ କରି ଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କିଛି ଘଣ୍ଟା ପରେ କନିଷ୍ଠଯନ୍ତ୍ରୀ ଉକ୍ତ ଦୁଇ ଅନୁଗାମୀଙ୍କୁ ଜିଲ୍ଲା କାର୍ଯ୍ୟାଳୟରୁ ବିଲ୍ ଭାଉଚର ମଗାଇ ଦେଇଥିଲେ । ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଜଗତସିଂହପୁର ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ରଘୁନାଥପୁର ପାନୀୟ ଜଳ ଓ ପରିମଳ ବିଭାଗର କିଛି କାଗଜପତ୍ର ଯାଞ୍ଚ ପାଇଁ ହେପାଜତକୁ ନିଆ ଯାଇଥିଲା । ଏହି ଘଟଣାର ଯାଞ୍ଚ ଚାଲୁ ରହିଥିବା ବେଳେ ଏପର୍ଯ୍ୟନ୍ତ କାଗଜପତ୍ରରେ କୌଣସି ତ୍ରୁଟି ପରିଲକ୍ଷିତ ହୋଇନଥିବା ଦୁର୍ନୀତି ନିବାରଣ ବିଭାଗର ଡିଏସପି ଅନୁପମା ସାହୁ କହିଛନ୍ତି । ତେବେ ବିଧାୟକଙ୍କ ହସ୍ତକ୍ଷେପରେ ପାଇପଲାଇନର ମରାମତି କାର୍ଯ୍ୟ ତୁରନ୍ତ ହୋଇଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ବିଧାୟକଙ୍କୁ ଅଶେଷ ସାଧୁବାଦ ଜଣାଯାଇଛି ।

## ଅବିକଳ ଚିତ୍ର ଆଙ୍କି ପ୍ରଶଂସା ସାଉଣ୍ଟୁଛନ୍ତି ସୁଶାନ୍ତ




ପାଣିକୋଇଲି,(ସବ୍ୟୁ) : କୋରେଇ ବ୍ଲକ ତଥା ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ଗ୍ରାମର ନିଳମଣୀ ସେଠୀଙ୍କ ପୁଅ ସୁଶାନ୍ତ ପେଷାରେ ଜଣେ ଚିତ୍ରକର । ବିଭିନ୍ନ ଚିତ୍ର କାର୍ଯ୍ୟକରି ନିଜର ପରିବାର ପ୍ରତିପୋଷଣ କରନ୍ତି । ଏହି ଚିତ୍ର କରୁ କରୁ ଅବିକଳ ନକଲ ଚିତ୍ର ଆଙ୍କିବାରେ ସେ ପାରଂଗମ ହୋଇଛନ୍ତି । ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ନିଚ୍ଛକ ଚିତ୍ର ଆଙ୍କି ପ୍ରଶଂସା ସାଉଁଟିଛନ୍ତି । ଏହି କ୍ରମରେ ପାଣିକୋଇଲି ଥାନାଧିକାରୀଙ୍କ ଏକ ଅବିକଳ ଚିତ୍ର ଆଙ୍କି ଆଜି ତାଙ୍କୁ ଉପହାର ଦେଇଛନ୍ତି । ସୁଶାନ୍ତଙ୍କ ସହିତ ଅମୃତିଆ ମା ହିଂଗୁଳା କମିଟିର ସଦସ୍ୟମାନେ ଥାନାରେ ପହଂଚି ଥାନାଧିକାରୀଙ୍କୁ ଫଟୋଚିତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟ ସୁଶାନ୍ତୁ ଆଗକୁ ବଢିବାକୁ ସୁଯୋଗ ସୃଷ୍ଟି କରିଛି । ବଣ ମଲ୍ଲୀ ବଣରେ ଫୁଟିଯାଉଥିବା ବେଳେ ଏବେ ସୁଶାନ୍ତ ଚିତ୍ର ଆଙ୍କି ବେଶ ପ୍ରଶଂସା ଯୋଗାଡ କରିବାରେ ସକ୍ଷମ ହୋଇଛନ୍ତି ।

# ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତି : ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ମକଡ୍ରିଲ

ପାରାଦୀପ, (ଜିପ୍ର) : ପାରାଦୀପ ସ୍ଥିତ ଷଣ୍ଢକୁଦ ବସ୍ତି ଅଞ୍ଚଳ ଏବଂ ନେହେରୁ ବଙ୍ଗଳା ନିକଟସ୍ଥ ଏକ ଉଚ୍ଚ ଅଟ୍ଟାଳିକାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ଯୁଦ୍ଧ ପରି ପରିସ୍ଥିତିର ପ୍ରସ୍ତୁତି ନିମନ୍ତେ ମକଡ୍ରିଲ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଜେ ସୋନାଲ ଏବଂ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନରେ ଷଣ୍ଢକୁଦରେ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ସମ୍ବିତ କୁମାର ରାଉତ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ଦିଗଦର୍ଶନରେ ଏହି ମକଡ୍ରିଲକୁ ସୂଚାରୁ ରୁପେ ସଂପାଦନ କରିବା ପାଇଁ ଉଦ୍ଧାର କାର୍ଯ୍ୟ ସମ୍ବନ୍ଧୀୟ ସମସ୍ତ କଳାକୌଶଳ ପ୍ରଦର୍ଶିତ ହୋଇଥିଲା। ପ୍ରଥମେ ଷଣ୍ଢକୁଦ ଜନବସତି ଅଞ୍ଚଳରେ ଆକାଶ ମାର୍ଗରୁ ଆକ୍ରମଣର ଛାୟା ଯୁଦ୍ଧ ପରି ପରିସ୍ଥିତି ସୃଷ୍ଟି କରିବା ପାଇଁ ଅପରାହ୍ନ ୩.୫୮ ମିନିଟରେ ଧୂଆଁ ସହ ଅଗ୍ନି ସଂଯୋଗର କୃତ୍ରିମ ପରିସ୍ଥିତ ନେଇ ୫ ମିନିଟ ପର୍ଯ୍ୟନ୍ତ ସାଇରନ୍ ବାଜିଥିଲା। ସମ୍ଭାବ୍ୟ ଯୁଦ୍ଧ ବିପତ୍ତି ପରି ପରିସ୍ଥିତି ବିଷୟରେ ସେଠାକାର ଜନବସତି ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳଗୁଡ଼ିକରେ ସତର୍କ ସୁଚନା ଦିଆଯିବା ସହ ଲୋକଙ୍କୁ ପ୍ରଥମେ ପୂର୍ବ ନିର୍ଦ୍ଧାରିତ ଆଶ୍ରୟ ସ୍ଥଳରେ ଆଶ୍ରୟ ନେବାକୁ କୁହାଯାଇଥିଲା। ଏହାପରେ ରେସ୍କ୍ୟୁ ଅପରେସନ ଆରମ୍ଭ କରାଯାଇ ପ୍ରଭାବିତ ଲୋକଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ବୃଦ୍ଧବୃଦ୍ଧା, ଭିନ୍ନକ୍ଷମମାନଙ୍କୁ ହୁଇଲ୍ ଚେୟାର ଦ୍ୱାରା ଆଶ୍ରୟ ସ୍ଥଳକୁ ଅଣାଯାଇଥିଲା। ସେଠାରେ ପ୍ରଭାବିତଙ୍କୁ ଶୁଖିଲା ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଇଥିଲା। ଗ୍ୟାସ୍ ଜନିତ ଅଗ୍ନିକୁ ନିର୍ବାପନର କଳାକୌଶଳ ପ୍ରଦର୍ଶନ ହୋଇଥିଲା। ରକ୍ଷାକାରୀମାନେ ଗ୍ୟାସ୍ ଟାଇଟ୍ ପୋଷାକ ପରିଧାନ କରି ଉଦ୍ଧାର କାର୍ଯ୍ୟର କୌଶଳ ଦେଖାଇଥିଲେ । ବମ୍ ଡିଫୁଜନ୍ ଟିମ୍ ଆସି ତଦାରଖ କରିଥିଲେ। ସେହିପରି ନେହେରୁ ବଙ୍ଗଳା ନିକଟସ୍ଥ ଏକ ସାତ ମହଲା ବିଶିଷ୍ଟ ଅଟ୍ଟାଳିକାରେ ମଧ୍ୟ ତଦନୁରୁପେ ମକଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରାଙ୍କ ଦିଗଦର୍ଶନରେ ସମ୍ଭାବ୍ୟ ଯୁଦ୍ଧ ପରି ପରିସ୍ଥିତି ସୃଷ୍ଟି କରାଯାଇ ପ୍ରଭାବିତ ଲୋକଙ୍କୁ ଉଦ୍ଧାର କରାଯାଇଥିଲା। ସୁଉଚ୍ଚ ଅଟ୍ଟାଳିକାରେ ଶତ୍ରୁ ଆକ୍ରମଣରେ ଆକାଶ ମାର୍ଗରୁ ଅଗ୍ନି ଲାଗିଲେ କିପରି ତାହାର ପ୍ରଶମନ କରାଯାଇ ପ୍ରଭାବିତ ମାନଙ୍କୁ ଉଦ୍ଧାର କରାଯିବ ସେହି ସମ୍ବନ୍ଧରେ ମକ୍ଡ୍ରିଲ ଅନୁଷ୍ଠିତ ହୋଇଥିଲା। ଅଟ୍ଟାଳିକାରେ ଲାଗିଥିବା ଅଗ୍ନିକୁ ଅଗ୍ନିଶମ ବିଭାଗ ଦ୍ୱାରା ପାଣି ସ୍ପ୍ରେ କରି ନିର୍ବାପିତ କରାଯାଇଥିଲା ଓ ପ୍ରଭାବିତମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ବ୍ୟକ୍ତିମାନଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ବିପତ୍ତି ସମୟରେ କୌଣସି କାରଣରୁ ରୁମରେ ଫସି ରହିଥିବା ବ୍ୟକ୍ତିମାନଙ୍କୁ ଝରକା ଦେଇ ଦଉଡ଼ି ସାହାଯ୍ୟରେ ଉଦ୍ଧାର କରିବାର କଳା କୌଶଳ ପ୍ରଦର୍ଶନ କରାଯାଇଥିଲା।ଏହି ମକଡ୍ରିଲ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଡେପୁଟୀ କଲେକ୍ଟର ଜିଲ୍ଲା ଜରୁରୀ ବିଭାଗ, ଅନିଶା ଦାସ, ନିର୍ବାହୀ ଅଧିକାରୀ ପାରାଦୀପ ପୌର ପରିଷଦ ଅଭିଷେକ ପଣ୍ଡା, ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା, ପୋଲିସ ବିଭାଗ, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗ, ସିଭିଲ୍ ଡିଫେନସ, ଓଡ୍ରାଫ, ସ୍ୱେଚ୍ଛାସେବୀ ସଙ୍ଗଠନ, ଏନସିସି କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ମକ୍ଡ୍ରିଲରେ ଭାଗ ନେଇଥିଲେ। ଶେଷରେ ପୁଣି ଥରେ ସାଇରନ ବାଜିବା ପରେ ସମସ୍ତେ ନିଜ ନିଜ ଘରକୁ ଫେରି ଯାଇଥିଲେ।



## ପାଣିରେ ବୁଡି ନାବାଳିକା ମୃତ

ଦାନଗଦି, (ସବ୍ୟୁ) :କଳିଙ୍ଗନଗର ଥାନା ଅନ୍ତର୍ଗତ ପିଙ୍ଗଲ ଗ୍ରାମର କ୍ଷେତ୍ରବାସୀ ରାଉତଙ୍କ ନାବାଳିକା ଝିଅ ସୁପ୍ରୀୟା (୧୨) ଆଜି ସକାଳେ ଗ୍ରାମ ନିକଟରେ ଥିବା ବ୍ରାହ୍ମଣୀ ନଦୀର ଶାଖା କେନାଲରେ ଗାଧୋଇବା ବେଳେ ପାଣିରେ ବୁଡି ମୃତ୍ୟୁ ବରଣ ହୋଇଥିଲା । ଅଭିଯୋଗ ମିଳିବା ପରେ କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଭାର ଏଏସ୍ଆଇ ଦମୟନ୍ତୀ ମଲ୍ଲିକଙ୍କୁ ପ୍ରଦାନ କରିଥିଲେ । ଶବ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରି ତଦନ୍ତ ଜାରି ରହିଥିବା ପ୍ରକାଶ ।

## ତାରାକୋଟ ମହୋତ୍ସବ ଉଦ୍‌ଘାଟିତ



କୋରେଇ,(ସବ୍ୟୁ) : କୋରେଇବ୍ଲକ ଅନ୍ତର୍ଗତ ତାରାକୋଟ ଗ୍ରାମ ଗୋପୀନାଥ ଜୀୟୁ ସାଂସ୍କୃତିକ କମିଟି ପକ୍ଷରୁ ୪ର୍ଥ ବାର୍ଷିକ ତାରାକୋଟ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଉଦଘାଟକ ଭାବେ ନାରୀନେତ୍ରୀ ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶନୀ, ମୁଖ୍ୟଅତିଥି ଭାବେ ଅଶୋକଦାସ ଫାଉଣ୍ଡେସନ ଅଦକ୍ଷ ଭବପ୍ରସାଦ ଦାସ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଶିବଚରଣ ମାଝୀ ,ସମାନିତ ଅତିଥି ଭାବେ ବିଯୁ ଜନତାଦଳ ରାଜ୍ୟ ପରିଷଦ ସଭ୍ୟ ଭକ୍ତ ବସ୍ଳଳ ସ୍ୱାଇଁ, ଯୁବନେତା ପ୍ରତାପ ମହାନ୍ତି, ସମାଜସେବୀ ରାମଚନ୍ଦ୍ର ବେହେରା, ଜିଲ୍ଲାପରିଷଦ ସଭ୍ୟ ଉମାକାନ୍ତ ମାଝୀ, ସମିତି ସଭ୍ୟା ଫରିଦା ବେଗମ ପ୍ରମୁଖ ଯୋଗ ଦେଇ ଏହାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପରେ ସାଂସ୍କୃତିକ କମିଟିର ସଭାପତି ମନମୋହନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷକ ରଙ୍ଗାଧର କାଣ୍ତି ସଭା ପରିଚାଳନା କରିଥିବାବେଳେ ସାଂସ୍କୃତିକ କମିଟିର ସମ୍ପାଦକ ମହମ୍ମଦ ଅସଗର ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ରମାକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ




ନୟାଗଡ଼, (ସବ୍ୟୁ): ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ଏଥିରେ ପ୍ରଜନନ, ପ୍ରସବ କାଳୀନ ମାତୃ ଓ ନବଜାତ ଶିଶୁ ଯତ୍ନ, କିଶୋର ସ୍ୱାସ୍ଥ୍ୟ, ପୋଷଣ ଦ୍ୱାରା ମାତୃ ଏବଂ ଶିଶୁ ମୃତ୍ୟୁହାର ହ୍ରାସ କରିବା ନେଇ ପ୍ରଭାବୀ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ସୂଚକାଙ୍କ ଆକଳନ ଆଧାରରେ ବର୍ଷ ଆରମ୍ଭରୁ ସମସ୍ୟା ଗୁଡିକୁ ଚିହ୍ନଟ କରିସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ରୋଗୀ ସେବାରେ ଗୁଣାତ୍ମକ ନିଶ୍ଚିତତା କାର୍ଯ୍ୟକଳାପ ଏବଂ ଏହାର ଅଗ୍ରଗତି ଉପରେ ବିଶ୍ଳେଷଣ କରିଥିଲେ ।ଏହା ସହ ଡାକ୍ତରଖାନା ସୀମା ବାହାରେ ଗୋଷ୍ଠୀ ସହଯୋଗିତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଅତି ଜରୁରୀ। ଡାକ୍ତରଖାନା ବର୍ଜ୍ୟବସ୍ତୁ ପରିଚାଳନା, ଚିକିତ୍ସା ଜନିତ ସଂକ୍ରମଣ ରୋକିବା ଆଦି ପଦକ୍ଷେପ ନେଲେ ଯାଇ ଗୁଣାବତ୍ତା ମୂଲ୍ୟାଙ୍କନରେ ସଫଳତା ପାଇ ପାରିବା ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁଶାନ୍ତ କୁମାର ଦାସ ବୁଝାଇ ଥିଲେ। ଅଂଶୁଘାତ ମୃତ୍ୟୁର କାରଣ ବିଷୟରେ ଆଲୋଚନା କରିବା ସମୟରେ ପୋଷ୍ଟ-ମୋର୍ଟମ୍ ରିପୋର୍ଟରେ ସଠିକ ଓ ମୂଲ୍ୟବାନ ସୂଚନା ପ୍ରଦାନ କରିବା ମୃତ୍ୟୁର କାରଣ ପ୍ରତିଷ୍ଠା କରିବାରେ କେବଳ ଏହା ନିଶ୍ଚିତ ନୁହେଁ। କିନ୍ତୁ କ୍ଲିନିକାଲ୍ ଅନୁସନ୍ଧାନ, ଅଞ୍ଚଳର ସାମ୍ପ୍ରତିକ ଉତ୍ତାପ ପରିସ୍ଥିତି ଏବଂ ଫଳାଫଳ ବିଷୟକୁ ଆଖି ଆଗରେ ରଖି ମୃତ୍ୟୁର କାରଣ ନିର୍ଣ୍ଣୟ କରାଯିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ଉପ-ଜିଲ୍ଲାପାଳ କର୍ଣ୍ଣ ଦେବ ସମାଦାର, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଙ୍କ ସହିତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ, ଗୋଷ୍ଠୀ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀମାନେ ଯୋଗ ଦେଇଥିଲେ।

## କରତ କଳ ଉପରେ ଭିଜିଲାନ୍ସ ଚଢ଼ାଉ

# ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ



ଅସ୍ତରଙ୍ଗ/କାକଟପୁର,(ସବ୍ୟୁ) :ବୁଦବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟିରେ ଚାଲୁଥିବା ଏକ ବେୟ ବହୁଳ ବେଆଇନ କରତକଳ ଉପରେ କଟକ ଭୁବନେଶ୍ୱର ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ, ଅସ୍ତରଙ୍ଗ ବନବିଭାଗ, କାକଟପୁର ପୋଲିସ ଓ ଅସ୍ତରଙ୍ଗ ବିଦ୍ୟୁତ ବିଭାଗ କର୍ମଚାରୀ ଙ୍କ ସହାୟତାରେ ଅଚାନକ ଚଢ଼ାଉ ହେବା ସହ ପାଖାପାଖି ୫ ଲକ୍ଷ ଟଙ୍କାର ମେସିନ ଓ କାଠ ଜବତ ହୋଇଛି ।ଅସ୍ତରଙ୍ଗ କାକଟପୁର ଅଞ୍ଚଳ ରେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ କରତକଳ ଚାଲିଛି, ଲକ୍ଷ ଲକ୍ଷ ଟଙ୍କାର ବେଆଇନ କାଠ କାଟିବା ସହ ବାହାରକୁ ଚାଲାଣ ମଧ୍ୟ ହେଉଛି। କୌଣସି ବିଶେଷ ସୂତ୍ରରୁ ଟ୍ୱିନ୍ ସିଟି ଭିଜିଲାନ୍ସ ଖବର ପାଇଁ କଟକ ଓ ଭୁବନେଶ୍ୱର ର ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ ର ୨ ମହିଳା ଏସିଏଫ ଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍, ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀଙ୍କ ସହାୟତା ରେ ଚଢ଼ାଉ କରି ଗ୍ୟାସ କଟର ରେ ସମସ୍ତ ମେସିନ କାଟିବା ସହିତ ମୂଲ୍ୟବାନ ଜାମୁ ସହିତ ଚାକୁଣ୍ଡା କାଠ ଜବତ କରିଛି ।ଏହି ଚଢ଼ାଉ ରେ ପାଖାପାଖି ୫୦ ରୁ ଉର୍ଦ୍ଧ ଫରେଷ୍ଟ ଓ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ ।ଏହି ବାବଦରେ ଉପସ୍ଥିତ ଭିଜିଲାନ୍ସ ଓ ବନାଞ୍ଚଳ ଅଧିକାରୀଙ୍କ ସୂଚନା ମୁତାବକ ଅସ୍ତରଙ୍ଗ ତହସିଲଦାରଙ୍କ ସହାୟତାରେ ଜାଗାର ରେକର୍ଡ ମଗାଯାଇ ଜାଗା ମାଲିକଙ୍କ ନାମରେ କେଶ ପଞ୍ଜିକରଣ କରାଯିବା ସହ ଜିଲ୍ଲା ଫରେଷ୍ଟ ଅଧିକାରୀଙ୍କ କୋର୍ଟରେ ବିଚାର କରାଯିବ । ବେଆଇନ ବିଦ୍ୟୁତ ସଂଯୋଗ, ବେ ଆଇନ ଗଛକଟା ଆଉ ଏହା ସହିତ ବେଆଇନ କରତକଳ ଉପରେ ଆଗକୁ ମଧ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଭାଗ ତରଫରୁ ସୂଚନା ଦିଆଯାଇଛି। ବଦ୍ୟୁତ ବିଭାଗ ମଧ୍ୟ ଏହି ଘଟଣା ଉପରେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି। ଏଠାରେ ପ୍ରକାଶ ଯୋଗ୍ୟ ଯେ ଅସ୍ତରଙ୍ଗ ରେଞ୍ଜ ଅଧୀନ କାକଟପୁର, ଅସ୍ତରଙ୍ଗ, ତୁଳଶିପୁର, ଚାରିଛକ ଆଦି ସ୍ଥାନରେ ବେ ଆଇନ କରତ କଳ ବର୍ତ୍ତମାନ ଚାଲୁଅଛି ।


# ଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା

କାକଟପୁର , (ସବ୍ୟୁ) :କାକଟପୁର ସାତେଙ୍ଗା ପାଟପୁରଠାରେ ଚାରିଦିନ ବ୍ୟାପୀ ମା ଚଣ୍ଡୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେଛ ନିକଟସ୍ଥ ପ୍ରାଚୀ ନଦୀରୁ ନୂଆ ମନ୍ଦିର ପର୍ଯ୍ୟନ୍ତ ଏକ କଳସ ଯାତ୍ରା ହୋଇଥିଲା। ବିଶିଷ୍ଟ ପଣ୍ଡିତଙ୍କ ଦ୍ୱାରା ବିଶ୍ୱଶାନ୍ତି ମହାଯଜ୍ଞ କରାଯିବା ସହିତ ପ୍ରଥମ ଦିନରେ ଅଙ୍କୁରାରୋପଣ ଓ ଧାନାଧିବାସ, ଦ୍ୱିତୀୟ ଦିନରେ ଜଳାଯାତ୍ରା ଓ ଅଗ୍ନିସ୍ଥାପନ, ତୃତୀୟ ଦିନରେ ମାଆଙ୍କୁ ୧୦୮ ସୁବାସିତ ଜଳରେ ମହାସ୍ନାନ କରାଯାଇଥିଲା। ଚତୁର୍ଥ ଦିନରେ ଠାକୁରାଣୀଙ୍କର ବିମାନ ଯାତ୍ରା ମହାଆଡମ୍ବର ସହିତ ଗାଁ ପରିଭ୍ରମଣ କରିଥିଲା। ସନ୍ଧ୍ୟାରେ ମାଆଙ୍କର ପ୍ରାଣ ପ୍ରତିଷ୍ଠା ଓ ପୂର୍ଣାହୁତି ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଭଜନ ସନ୍ଧ୍ୟା ଓ କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। ଶେଷ ଦିନ ପ୍ରସାଦ ସେବନ ସହିତ ପୂର୍ଣାହୁତି ହୋଇଥିଲା। ।ଗାଁର ଯୁବକ ମାନେ ଏକାଠି ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାରେ ବଡ଼ ଭୂମିକା ତୁଲାଇଥିଲେ। ଚଣ୍ଡୀମାତା ୟୁଥ କ୍ଲବର ମୁଖ୍ୟ ବିପ୍ଳବ ମହାନ୍ତି, ମଙ୍ଗରାଜ ମହାନ୍ତିଙ୍କ ଓ ଅନ୍ୟ ସଦସ୍ୟ ଙ୍କ ସହ ଗ୍ରାମବାସୀ ଙ୍କ ସହଯୋଗରେ ଏହି ମହାନ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଥିଲା।

# ୪୨ ମୌଜା ବିକାଶ ପରିଷଦର ମାଟ୍ରିକ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

ଫୁଲନଖରା,(ସବ୍ୟୁ): ୪୨ ମୌଜା ବିକାଶ ପରିଷଦ ତରଫରୁ ମାଟ୍ରିକ ପରୀକ୍ଷାରେ ୪୨ ମୌଜା ଅଞ୍ଚଳର ସର୍ବୋଚ୍ଚ ନମ୍ବର ରଖି ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୩ ଜଣ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ୪୨ ମୌଜା ଖରିପଡ଼ିଆ ନିବାସୀ ବ୍ରଜକିଶୋର ପଲେଇ ଓ ଶକୁନ୍ତଳା ପଲେଇଙ୍କ କନ୍ୟା ଜ୍ୟୋର୍ତିମୟୀ ପଲେଇ ୫୬୦ ନମ୍ବର,ପଟଣା ଗ୍ରାମର ତ୍ରିନାଥ ଆଚାର୍ଯ୍ୟ ଓ ସ୍ମୃତିରେଖା ଆଚାର୍ଯ୍ୟଙ୍କ କନ୍ୟା ତୃପ୍ତିସଂଚିତ ଆଚାର୍ଯ୍ୟ ୫୩୭ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ଦଧିବାମନପୁର ଗ୍ରାମର ହେମନ୍ତ କୁମାର ସାହୁ ଓ କୁସୁମ ସାହୁଙ୍କ କନ୍ୟା ହର୍ଷିତା ସାହୁ ୫୧୪ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଜ୍ୟୋର୍ତିମୟୀ ପାର୍ବତୀ ବିଦ୍ୟାପୀଠରେ ପଢୁଥିବା ବେଳେ ତୃପ୍ତିସଂଚିତ ଆଚାର୍ଯ୍ୟ ଶ୍ରୀ ଶିଶୁ ବିଦ୍ୟାମନ୍ଦିର ଶ୍ରୀରାମ ଓ ହର୍ଷିତା ସାହୁ ପାର୍ବତୀ ବିଦ୍ୟାପୀଠର ଛାତ୍ରୀ । ୪୨ ମୌଜା ବିକାଶ ପରିଷଦ ତରଫରୁ ସଂପାଦକ ସାହିତ୍ୟିକ ସନ୍ତୋଷ କୁମାର ପତି,ଉପଦେଷ୍ଟା ଅଧ୍ୟାପକ ଗଣେଶ୍ୱର ଦାଶ, ପ୍ରମୋଦ କୁମାର ମହାପାତ୍ର, ସାମ୍ବାର୍ଦିକ ବୁଲେଇ ବେହେରା, ସଂଯୋଜକ ନିକୁଞ୍ଜ ସ୍ୱାଇଁ, କୋଷାଧ୍ୟକ୍ଷ ଭଜକୃଷ୍ଣ ଲେଙ୍କା, ଦିନବନ୍ଧୁ ସାମଲ କୃତି ଛାତ୍ରୀମାନଙ୍କ ବାସଭବନରେ ପହଂଚି ଶୁଭେଚ୍ଛା ଜଣାଇବା ସହିତ ମେଧା ସମ୍ମାନ ଉତ୍ସବକୁ ନିମନ୍ତ୍ରଣ କରିଥିଲେ ।

# ଶ୍ୱେତପଦ୍ମା ସାହିତ୍ୟ, ସେବା ସଂସଦର ଆଲୋଚନାଚକ୍ର



ବୋଲଗଡ଼,(ସବ୍ୟୁ) : ବେଗୁନିଆ ସଦର ମହକୁମାସ୍ଥିତ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଶ୍ୱେତପଦ୍ମା ସାହିତ୍ୟ, ସେବା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀଜଗନ୍ନାଥ ସଂଗୀତାୟନ କକ୍ଷରେ ବିଶ୍ୱ ହସଦିବସ ଅବସରରେ ଏକ କବିତା ପାଠ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଭାଗୀରଥି ପରିଡ଼ା ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସତ୍ୟନାରାୟଣ ସାମନ୍ତରାୟ,ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଯୋଗେଶ୍ୱର ସୁନ୍ଦରାୟ,ସମ୍ମାନିତ ଅତିଥି ଭାବେ ଜନ କଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ ରଥ ଯୋଗଦାନ କରିଥିଲେ। କାଶୀନାଥ ପଟ୍ଟନାୟକଙ୍କ ସଂଯୋଜନା ରେ ଅନୁଷ୍ଠିତ କବିତା ପାଠୋତ୍ସବ ରେ ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦିକା ସୁଶ୍ରୀ ପ୍ରତିମା ପ୍ରଧାନ ଜୀବନରେ ହସର ଆବଶ୍ୟକତା ବିଷୟରେ ସମ୍ୟକ ସୂଚନା ଦେଇଥିଲେ।ଆଲୋଚ୍ୟ ପ୍ରସଙ୍ଗ ଜୀବନରେ ହସର ଆବଶ୍ୟକତା ବିଷୟରେ ସମସ୍ତ ଅତିଥି ଓ କବି କବୟିତ୍ରୀ ମାନେ ସ୍ୱରଚିତ କବିତା ପାଠ ଓ ଆଲୋଚନା କରିଥିଲେ।ଏହି ଅବସରରେ ବେଗୁନିଆ ମଣ୍ଡଳ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଦଶମ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ବେଗୁନିଆର ସୁନାମ ଅର୍ଜନ କରିଥିବା ଯମଜ ଛାତ୍ର ଦ୍ୱୟ ଦୁର୍ଗାପ୍ରସାଦ ଆଚାର୍ଯ୍ୟ ଓ ଭବାନୀ ପ୍ରସାଦ ଆଚାର୍ଯ୍ୟଙ୍କୁ ଅତିଥିମାନେ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଏହି କବିତା ଆସରରେ କବି ଦିବ୍ୟ ଲୋଚନ ଭାରୀମଲ୍ଲ, ଶୁଭଲକ୍ଷ୍ମୀ ପ୍ରଧାନ, କବିତା ରାଉତ, ଶ୍ରୀକୁମାର ସାହୁ,ପ୍ରଦୀପ କୁମାର ସାହୁ, ରାଜକିଶୋର ସାହୁ,ଲକ୍ଷ୍ମୀଧର ମହାରଣା, ଅଶ୍ୱିନୀ କୁମାର ପଟ୍ଟନାୟକ ,ରଜନୀ ବର୍ଲିଆରସିଂହ,ପିତାମ୍ବର ବେହେରା,ରଘୁନାଥ ସାହୁ,ପ୍ରତାପ ସାହୁ, ପ୍ରବାସୀ ସାମଲ ,ପବନ ଭୁଜବଳ, ମନୋରମା ସ୍ୱାଇଁ ,ପବନି ଭୁଜବଳ,ସତ୍ୟବାଦୀ ସାହୁ,ଭାଗବତ ପାତ୍ର ଯୋଗଦାନ କରିଥିଲେ। ଶେଷରେ କବି ଜଗଦୀଶ ଚନ୍ଦ୍ର ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଟ୍ରକ୍ ଧକ୍କାରେ ବୁଲେଟ ଆରୋହୀ ଗୁରୁତର

ଫୁଲନଖରା,(ସବ୍ୟୁ): କଟକ ସଦର ଥାନା ସମ୍ମୁଖରେ କଟକ ରୁ ଭୁବନେଶ୍ୱର ଆସୁଥିବା ଏକ ଦ୍ରୁତଗାମୀ ୬ ଚକିଆ ଆଇଚର ଟ୍ରକ ନମ୍ବର ଆଗରେ ଆସୁଥିବା ବୁଲେଟକୁ କଟକ ସଦର ଥାନା ଗେଟ ସମ୍ମୁଖରେ ଜୋରରେ ଧକ୍କା ଦେବା ଫଳରେ ଟ୍ରକର ଆଗ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଯିବା ଦ୍ୱାରା ରାସ୍ତାରେ ଓଲଟି ପଡିଥିଲା। ଯାହାଫଳରେ ରାସ୍ତାଟି କିଛି ସମୟ ପର୍ଯ୍ୟନ୍ତ ବନ୍ଦ ରହିଥିଲା।ଘଟଣା ସ୍ଥଳରେ ସଦର ଥାନା ଅଧିକାରୀ ଓମ ପ୍ରକାଶ ମହାନ୍ତି ଓ କର୍ମଚାରୀ ପହଂଚି ଦୁର୍ଘଟଣାରେ ଆହତ ହୋଇଥିବା ବୁଲେଟ ଆରୋହୀ ଙ୍କୁ ଉଦ୍ଧାର କରି କଟକ ମେଡିକାଲକୁ ସ୍ଥାନାନ୍ତରିତ କରିବାସହ ଓଲଟି ପଡ଼ିଥିବା ଟ୍ରକକୁ କ୍ରେନ ସାହାଯ୍ୟରେ ରାସ୍ତାରୁ ହଟେଇ ଭିଡ ନିୟନ୍ତ୍ରଣ କରିଥିଲେ।ଘଟଣା ସ୍ଥଳରୁ ଡ୍ରାଇଭରକୁ ଅଟକ ରଖି ଦୁର୍ଘଟଣା ବାବଦରେ ପଚରାଉଚରା କରିବାସହ କଣପାଇଁ ଏ ଦୁର୍ଘଟଣା ଘଟିଲା ଅଧିକରୁ ଅଧିକ ତଦନ୍ତ ଚଳାଇଛନ୍ତି।

## ଟ୍ରକ୍ ଧକ୍କାରେ ବାଇକ ଆରୋହୀ ମୃତ

ସାକ୍ଷୀଗୋପାଳ ,(ସବ୍ୟୁ) : ସତ୍ୟବାଦୀ ଥାନା ଅନ୍ତର୍ଗତ ଅଳଗୁମ ଶୁକଳ ରାସ୍ତାର ଗୋଲ ବିଂଝେଇ ପଡ଼ା ଛକ ନିକଟରେ ବୁଧବାର ସକାଳ ପ୍ରାୟ ୭ ଟା ଏକ ଦୁର୍ଘଟଣାରେ ଜଣେ ମୃତ୍ୟୁ ବରଣ କରିଥିଲା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି ।ବୁଧବାର ସକାଳ ପ୍ରାୟ ୭ ଟା ସମୟରେ ଗୋଲ ବିଂଝେଇ ପଡ଼ା ଗ୍ରାମର ଦୀନବନ୍ଧୁ ବରାଳ ଓ ଇଚ୍ଛା ପୁର ଗ୍ରାମର ଅକ୍ଷୟ କୁମାର ପ୍ରଧାନ ଏକ ବାଇକ ଯୋଗେ ଯାଉଥିଲେ । ଦୀନବନ୍ଧୁ ବରାଳ ବାଣ ପୁର ଛକରେ ନିଜ ଦୋକାନ ଖୋଲିବା ନିମନ୍ତେ ଯାଉଥିଲେ । ଏହି ସମୟରେ ଏକ ପଥର ବୋଝେଇ ଟ୍ରକ ବାଇକଟିକୁ ଧକ୍କା ଦେଇଥିଲା । ବାଇକ ଆରୋହୀ ଦୀନବନ୍ଧୁ ବରାଳ ଓ ଅକ୍ଷୟ କୁମାର ପ୍ରଧାନ ରାସ୍ତା ଉପରକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଜନସାଧାରଣ ଉଭୟ ଆହତଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । କାର୍ଯ୍ୟରତ ଡାକ୍ତର ଦୀନବନ୍ଧୁ ବରାଳଙ୍କୁ ମୃତ ଘୋଷଣା କରିଥିଲେ । ଗୁରୁତର ଆହତ ଅକ୍ଷୟ କୁମାର ପ୍ରଧାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପୁରୀ ସ୍ଥାନାନ୍ତର କରାଯାଇଅଛି । ସତ୍ୟବାଦୀ ପୋଲିସ ଶବଟିକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ । ସତ୍ୟବାଦୀ ପୋଲିସ ଦୁର୍ଘଟଣା ଗ୍ରସ୍ତ ଯାନ ଦ୍ୱୟ ଜବତ କରିଛନ୍ତି । ମୃତ ଦୀନବନ୍ଧୁ ବରାଳଙ୍କ ଧର୍ମପତ୍ନୀ ସୁଷମା ବରାଳଙ୍କ ଏତଲାକୁ ଭିତ୍ତିକରି ସତ୍ୟବାଦୀ ପୋଲିସ ୧୩୫/୨୦୨୫ ନମ୍ବରରେ ଏକ ମୋକଦ୍ଦମା ରୁଜୁ କରିଛି ।

## ଅଭୟମୁଖି ଗାଁ ନିକଟରୁ ହରିଣ ଉଦ୍ଧାର

ବାଲିପାଟଣା,(ସବ୍ୟୁ) :ବାଲିପାଟଣା ଥାନା ଅନ୍ତର୍ଗତ ଭଔଁରା ନିଜିଗଡ ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲ ଏବେ ଅବକ୍ଷୟ ଅବସ୍ଥାରେ । ସ୍ଥାନୀୟ ଲୋକେ ଜଙ୍ଗଲକୁ ଜବର ଦଖଲ କରି ଚାଷ କରୁଥିବା ବେଳେ ବନ ବିଭାଗ ପକ୍ଷରୁ ଜଙ୍ଗଲର ରକ୍ଷଣା ବେକ୍ଷଣ ପାଇଁ କୌଣସି ବ୍ୟବସ୍ଥା କରା ନ ଯିବାରୁ,ଏବେ ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି।ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ବନ୍ୟ ପ୍ରାଣୀଙ୍କ ପାଇଁ ପାଇବା ପାଣି ବ୍ୟବସ୍ଥା କରା ନ ଯିବାରୁ,ଏବେ ବନ୍ୟ ପ୍ରାଣୀ ଏବେ ଗାଁ ଅଭିମୁଖେ। ପ୍ରତିଦିନ ହରିଣ ମାନେ ରାଜରାସ୍ତାରେ ବୁଲୁଥିବା ବେଳେ ବୁଧବାର ଦିନ ଗୋଟିଏ ହରିଣ ଅଭାୟମୁଖି ନିକଟ ବଡ଼ ଭୋଇସାହି ଗାଁର ବିଚିତ୍ର ଭୋଇ ଧରି ବନ୍ୟ ବିଭାଗକୁ ହସ୍ତାନ୍ତର କରିଥିଲେ।ଜଙ୍ଗଲ ବିଭାଗର ଅଧିକାରୀ ସୁଶାନ୍ତ କୁମାର ସାହୁ ଘଟଣା ସ୍ଥଳରେ ପହଞ୍ଚି ହରିଣ ଟିକୁ ଉଦ୍ଧାର କରି ନିକଟ ଜଙ୍ଗଲରେ ଛାଡ଼ି ଥିଲେ। ପ୍ରକାଶ ଥାଉକି ଭଁଅରା ଜଙ୍ଗଲ ରେ ପାଣି ର ଘୋର ଅଭାବ । ତେଣୁ ଜଙ୍ଗଲ ମଧରେ ପୋଖରୀ ଖନନ ପାଇଁ ସ୍ଥାନୀୟ ଜନସାଧାରଣ ସରକାର ଙ୍କ ନିକଟରେ ଦାବି କରିଛନ୍ତି ।

## କାଶିପୁର ରାମଲୀଳା ନାଟକରେ ବାଳିବଧ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା କାଶିପୁର ରାମଲୀଳା ମହୋତ୍ସବରେ ବାଳିବୋଧ ପରିବେଷଣ ହୋଇଯାଇଛି। ଭଗବାନ ରାମ ମିଥିଳା କୁମାରୀ ଙ୍କର ନିଖୋଜ ରେ ବନ ବନ ବୁଲିଲେ ଶେଷରେ ଜଟାୟୁ ସଙ୍ଗେ ଭେଟହେଲେ ତାପରେ କିସକିନ୍ଧା ଯିବା ପାଇଁ ଜଟାଉ ପରାମର୍ଶ ଦେଲେ। ସେଠାରେ ବାନର ସେନା ଏବଂ ସୁଗ୍ରୀବଙ୍କ ସହ ମିତ୍ରତା କରି ବାଳିକୁ ନିଧନ କଲେ, କିସକିନ୍ଧା କଟକରେ ସୁଗ୍ରୀବ ରାଜା ହେଲେ। ବାଳି ଭୂମିକାରେ କୈଳାଶ ଦଳାଇ ଓ ସୁଗ୍ରୀବ ଭୂମିକାରେ ମାନସ ବରାଳ ଅଭିନୟ କରିଥିଲେ।

## ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ

ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା ତାଲୁକ ଆଇନି ସେବା କମିଟି ପକ୍ଷରୁ ଦଶପଲ୍ଲା ଅଦାଲତ ପରିସରରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇ ଯାଇଛି ।ଜେ ଏମ ଏଫ ସି ତଥା ତାଲୁକ ଆଇନି ସେବା କମିଟି ଅଧକ୍ଷା ଶ୍ରୀମତି ଦେବମାଳିନୀ ଐଶ୍ୱରୟାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଆଇନଜୀବୀ ଶରତ ଚନ୍ଦ୍ର ବେହେରା, କୃଷ୍ଣ ଚନ୍ଦ୍ର ଦାସ, ବିରେନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇ ଶ୍ରମିକ ମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଓ ଯୋଜନା ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ ରେ ବହୁଶ୍ରମିକ ଓ ପି ଏଲ ଭି ଯୋଗ ଦେଇଥିଲେ । ସେହିପରି ମହାଶକ୍ତି ଫାଉଣ୍ଡେସନ ଓ ଟିପିସିଓଡିଏଲ ମିଳିତ ସହଯୋଗ ରେ ଦଶପଲ୍ଲା ବ୍ଲକ ର ପ୍ରକଳ୍ପ ଅଧିକାର ପକ୍ଷରୁ କାମିଟି ପଙ୍ଗା,ଝିଣ୍ଟିକାବାରି,ସାରିଗଣ୍ଡା,ତାଳମଡା ଠାରେ ଶ୍ରମିକ ଦିବସ ପାଳିତ ହୋଇଥିଲା ପ୍ରଭାତ ସାହୁ ଙ୍କ ନେତୃତ୍ୱରେ ଅଭିମନ୍ୟୁ ସାହୁ,ରାଜ କିଶୋର ନାୟକ,ମାମିନି ନାୟକ,ଦାମୋଦର ନାଏକ ,ସରୋଜିନୀ ପ୍ରଧାନ ଓ ବଳଭଦ୍ର ପ୍ରଧାନ ଅଧିକାର ମିତ୍ରଙ୍କ ସହଯୋଗ ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦଶପଲ୍ଲା ମେଳିଆ ତୋଟା ଠାରେ ସିପି ଆଇ ଏମ ପକ୍ଷରୁ ଜୟନ୍ତୀ ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶ୍ରମିକ ନେତା ଶରତ ଚନ୍ଦ୍ର ବେହେରା,ବିପିନ କୁମାର ବାଜୁ,କ୍ଷେତ ମଯଦୁର ବ୍ଲକ କମିଟି ସମ୍ପାଦକ ବିରଞ୍ଚି ନାଏକ,କୃଷକ ସଭା ବ୍ଲକ ସଭାପତି ବ୍ରଜବନ୍ଧୁ ପ୍ରଧାନ,ସୁଶାନ୍ତ ନାଏକ ପ୍ରମୁଖ ଉପସ୍ଥିତ ରହି ଶ୍ରମିକ ଦିବସ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ । ସେହିପରି, ବିଶ୍ୱକର୍ମା ନିର୍ମାଣ ଶ୍ରମିକ ସଙ୍ଘ ପକ୍ଷରୁ ଫାଲପାଜୁ ହାଟ ଠାରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଶ୍ରମିକ ନେତା ରଘୁନାଥ ମହାରଣା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ଟ୍ରେଡ଼ ୟୁନିୟନ ମହାସଚିବ ବାସୁଦେବ ମହାନ୍ତି ଯୋଗ ଦେଇଥିଲେ। ଏହି ସଭାରେ ସମ୍ମାନୀତ ଅତିଥି ଭାବେ ସଂଚାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ସମ୍ପାଦକ ପ୍ରଫୁଲ କୁମାର ମିଶ୍ର,କର୍ଣ ଯାନୀ, ଅହଲ୍ୟା ଖମାରି ପ୍ରମୁଖ ଯୋଗ ଦେଇ ଶ୍ରମିକମାନଙ୍କ ସପର୍କ ରେ ବକ୍ତବ୍ୟ ରଖିଥିଲେ ।

## ଲୁଟ୍ ଅଳଙ୍କାର ଉଦ୍ଧାର, ୨ ଗିରଫ

ବାଲୁଗାଁ ,(ସବ୍ୟୁ) :ଶୁକ୍ରବାର ବିଳମ୍ବିତ ରାତ୍ରିରେ ବାଲୁଗାଁ ବଜାର ସ୍ଥିତ ଏକ ଗହଣା ଦୋକାନ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ ଘଟଣାରେ ବାଲୁଗାଁ ପୋଲିସ ସମ୍ପୃକ୍ତ ଦୁଇ ଲୁଟେରାଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଚୋରି ୫ କିଲୋ ଓଜନର ରୁପା ଏବଂ ୭୦ ଗ୍ରାମ ସୁନା ଅଳଙ୍କାର ଜବତ ହୋଇଛି । ଗିରଫ ଦ୍ୱୟ ହେଲେ କଟକ ଜିଲ୍ଲା କାନପୁରର କାହ୍ନୁ ଦାଶ (୪୧) ଏବଂ ବାଲୁଗାଁ ଗୋପୀନାଥ ଛକରେ ରହୁଥିବା କାଳିଆ ଦାଶ (୨୩) ।ପ୍ରକାଶ ଥାଉକି, ବାଲୁଗାଁ ବଜାର ସ୍ଥିତ ମହାବୀର ଜୁଏଲର୍ସ ଦୋକାନରୁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ଆଜବେଷ୍ଟସ ଭାଙ୍ଗି ଶୋ କେସରୁ ୨୦୦ ଗ୍ରାମ ଓଜନର ସୁନା ଓ ୫ କିଲୋ ରୁପା ଅଳଙ୍କାର ସମେତ କ୍ୟାସ ବାକ୍ସରୁ ନଗଦ ୩ ହଜାର ଟଙ୍କା ଚୋରି ହୋଇଥିବା ନେଇ ମାଲିକ ଲକ୍ଷ୍ମୀଧର ନାୟକ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏ ନେଇ ତଦନ୍ତ କରିବା ସହ ଅପରାହ୍ନରେ ସାଇଣ୍ଟିଫିକ ଟିମ ପହଞ୍ଚି ସରଜମିନ ତଦନ୍ତ କରିଥିଲେ । ବାଲୁଗାଁ ଆଇ ଆଇ ସି ଜୟ ପ୍ରକାଶ ପରିଡାଙ୍କ ତତ୍ତ୍ୱାବଧାନରେ ଏକ ଟିମ ଘଟଣାର ସି ସି କ୍ୟାମେରା ଫୁଟେଜକୁ ଯାଞ୍ଚ କରି ସମ୍ପୃକ୍ତ ଦୁଇ ଲୁଟେରାକୁ ଧରି ପଚରାଉଚରା କରିବାରେ ସେମାନେ ଚୋରି କରିଥିବା ସ୍ୱୀକାର କରିଥିଲେ । ସେମାନଙ୍କ ବୟାନ କ୍ରମେ ମାଟି ତଳେ ପୋତାଯାଇଥିବା ୭୦ ଗ୍ରାମ ସୁନା ଏବଂ ୫ କିଲୋ ଓଜନର ରୁପା ଅଳଙ୍କାର ଜବତ କରାଯାଇଥିଲା। ଉଭୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ଓ ଏହି ଲୁଟେରା ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଥିବା ଆଇ ଆଇ ସି ପରିଡା କହିଛନ୍ତି ।

## ଟ୍ୟାଙ୍କରେ କାଦୁଆ ଗ୍ରାମବାସୀଙ୍କୁ ଜଳ ଯୋଗାଣ

ଖଣ୍ଡପଡା,(ସବ୍ୟୁ) : ଖଣ୍ଡପଡା ବ୍ଲକର ବେଣାଗାଡିଆ ପଞ୍ଚାୟତ ଅଧିନ କାଦୁଆ ଗ୍ରାମବାସୀ ପାନୀୟ ଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ବହୁ ଅସୁବିଧାର ସମ୍ମୁଖିନ ହେଉଥିଲେ । ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ ଗ୍ରାମବାସୀଙ୍କୁ ପାନୀୟ ଜଳ ମୁନ୍ଦେ ଯୋଗାଇ ଦେବାରେ ଖଣ୍ଡପଡା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଓ ପଞ୍ଚାୟତ କର୍ତ୍ତୃପକ୍ଷ ବିଫଳ ହୋଇଥିଲେ। ହେଲେ ବିଜେଡି ନେତା ତଥା ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ପ୍ରଚେଷ୍ଟା କ୍ରମେ କାଦୁଆ ଗ୍ରାମର ବାସିନ୍ଦାଙ୍କୁ ମଙ୍ଗଳବାର ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଛି । ଟ୍ୟାଙ୍କରେ ଯାଗେ ପାନୀୟ ଜଳ ଯୋଗାଣ ପରେ ଗ୍ରାମବାସୀ ଆନନ୍ଦ ଅନୁଭବ କରିବା ସହ ଉପାଧ୍ୟକ୍ଷ ଶ୍ରୀ ପ୍ରଧାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ନାଟକ 'ସୁଖ ସାତପର ଦୁଃଖ ନିଜର' ମଞ୍ଚସ୍ଥ

ନିରାକାରପୁର, (ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ଲେଣ୍ଡୁ ପଞ୍ଚାୟତ ରେଙ୍ଗଟା ଗ୍ରାମ ସ୍ଥିତ ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ପୀଠରେ ୭ମ ବାର୍ଷିକ ଉତ୍ସବ ମହା ସମାରୋହରେ ସମାପନ ହୋଇଯାଇଛି। ଏହି ଅବସରରେ ଆଜି କଳସ ଯାତ୍ରା କରାଯାଇ ହୋମ, ଯଜ୍ଞ,ସୂର୍ଯ୍ୟ ପୂଜା ଇତ୍ୟାଦି ହେବା ସହ ବିଭିନ୍ନ ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଭକ୍ତ ମାନଙ୍କୁ ପୀଠ ରେ ବାନ୍ଧି ରଖୁଥିଲା। ଶେଷରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତ ଯୋଗ ଦେଇ ଠାକୁରାଣୀଙ୍କ ଆଶିଷ ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରେଙ୍ଗଟା (ଷଠିପଦର )ଗ୍ରାମବାସୀ ଓ ମା ଭଗବତୀ ଯୁବକ ସଂଘ ସହଯୋଗ କରି ସଫଳ କରିଥିଲେ।ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ। ଶେଷରେ ଯୁବ କଳାକାର ମାନଙ୍କ ଦ୍ୱାରା ନାଟକ 'ସୁଖ ସାତପର ଦୁଃଖ ନିଜର ' ମଞ୍ଚସ୍ଥ କରାଯାଇଥିଲା।

# ମିଲେଟ ଶକ୍ତି ଟିଫିନ ସେଣ୍ଟର ଉଦ୍‌ଘାଟିତ



ଭାପୁର, (ସବ୍ୟୁ) ନୟାଗଡ ଜିଲ୍ଲା ଭାପୁର ବ୍ଲକ କରବର ଗ୍ରାମ ଠାରେ ସୋମବାର ଦିନ ଖଣ୍ଡପଡା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମିଲେଟ ଶକ୍ତି ଟିଫିନ ସେଣ୍ଟର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ଶ୍ରୀ ଅନ୍ନ ଅଭିଯାନ ସଭାରେ ମୁଖ୍ୟ ଅତିଥି ରୂପେ ବିଧାୟକ ଶ୍ରୀ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ମୁଖ୍ୟ ବକ୍ତା ରୂପେ ନୟାଗଡ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ରୂପେ କଟକ ଲୋକସଭା ସାଂସଦଙ୍କ ଜିଲ୍ଲା ପ୍ରତିନିଧି ତଥା ଭାପୁର ବ୍ଲକ ପୂର୍ବତନ ଅଧକ୍ଷ ଗୟାଧର ପରିଡା, ଭାପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା, ନୟାଗଡ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ କୁମାର ପଟ୍ଟନାୟକ, ସିଡ଼ିପିଓ ଅଧିକାରିଣୀ ତୃପ୍ତି ମହାପାତ୍ର, ସ୍ଥାନୀୟ ସରପଞ୍ଚ ଉଷାରାଣୀ ସାହୁ, ଜିଲ୍ଲା ସହକାରୀ କୃଷି ଅଧିକାରୀ ସଞ୍ଜୟ କୁମାର ଦଳେଇ, ଶ୍ରୀ ଅନ୍ନ ଅଭିଯାନ ର ଜିଲ୍ଲା ସଂଯୋଜିକା ସୁଶ୍ରୀ ଅମ୍ବିକା ଦତ୍ତ, ଗୋଷ୍ଠୀ କୃଷି ଅଧିକାରୀ ପ୍ରସାଦ ପୁରୁଷୋତ୍ତମ ସୁବୁଦ୍ଧି, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶାଶ୍ୱତ କୁମାର ସାହୁ, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ଭାରତୀ ପଟ୍ଟନାୟକ, ଓଏଲଏମ ବ୍ଲକ ପୋଗ୍ରାମ ମ୍ୟାନେଜର ରେଣୁବାଳା ସାହୁ, ଜିଲ୍ଲା ଶ୍ରୀ ଅନ୍ନ ଅଭିଯାନ ଯୁବ ସଂଯୋଜିକା ସୁଶ୍ରୀ ସ୍ୱାଗତିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ତଥା ରାଜ୍ୟ ସରକାର ମିଲେଟ (ମାଣ୍ଡିଆ) ମିଶନ ମାଧମରେ ଚାଷୀମାନଙ୍କୁ ମାଣ୍ଡିଆ ଚାଷ କରିବା ପାଇଁ ଚାଷୀ ମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବା ସହ ବିଭିନ୍ନ କିସମର ମାଣ୍ଡିଆ ବିହନ ଯୋଗାଇ ଦିଆ ଯାଉଛି।ମାଣ୍ଡିଆରେ କ୍ୟାଲସିୟମ, ଲୌହସାର, ପୁଷ୍ଟିସାର ଆଦି ରହିଥିବା ବେଳେ ଏହା ଖାଇବା ଦ୍ୱାରାବେଳେ ଏହା ଖାଇବା ଦ୍ୱାରା କୋଲେଷ୍ଟୋଲ୍ କମାଇ ଥାଏ, ବୃକକ ଓ ଯକୃତର କାର୍ଯ୍ୟକ୍ଷମକୁ ବୃଦ୍ଧି କରିଥାଏ, ପ୍ରୋଟିନ ମୁକ୍ତ କରିଥାଏ। ଭାପୁର ବ୍ଲକ ଅଞ୍ଚଳର କରବର ଗ୍ରାମ ଠାରେ ସୁଭଦ୍ରା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରଥମ କରି ମିଲେଟ୍ ଶକ୍ତି ଟିଫିନ୍ ସେଣ୍ଟର ଖୋଲା ଯାଇ ମାଣ୍ଡିଆ ରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଯଥା:- ସେଉ, ନିମିକି, ଗାଣ୍ଠିଆ, ମିକ୍ସଚର, ଆରିସା ପିଠା, କାକରା ପିଠା, କେକ୍, ଦହିବରା, ଦହିବୁନ୍ଦି ଆଦି ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରି ଜନ ସାଧାରଣ ମାନଙ୍କୁ ପରସା ଯିବ। ଭାପୁର ବିଭିନ୍ନ ପଞ୍ଚାୟତରେ ଚାଷୀ ମାନେ ମାଣ୍ଡିଆ ଚାଷ କରା ଯାଉଥିବାରୁ ଆଗାମୀ ଦିନରେ ଏହାକୁ ବ୍ୟାପକ କରାଯାଇ ସମସ୍ତ ପଞ୍ଚାୟତରେ ଏକ ଟିଫିନ୍ ସେଣ୍ଟର ଖୋଲିବାକୁ ବିଧାୟକ ଶ୍ରୀ ସ୍ୱାଇଁ କହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ମିଲେଟ୍ ମିଶନ ନିଗମ ର ନିର୍ଦ୍ଦେଶକ ରବିନ୍ଦ୍ର ନାଥ ରାଉତରାୟ ସଂଯୋଜନା କରିଥିବା ବେଳେ ବ୍ଲକ ସଂଯୋଜକ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କବିତା କବି କଳ୍ପନାର ଏକ ସୂକ୍ଷ୍ମ ଅନୁଭବ




ଭୁବନେଶ୍ୱର , (ସବ୍ୟୁ) : ରାଜ୍ୟର ଅନ୍ୟତମ ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସାରସ୍ୱତ ସମାଜ, ଓଡିଶା, ଭୁବନେଶ୍ୱରା ମଇ ମାସର ଆଲୋଚନା ଚକ୍ର ଓ କବିତା ପାଠୋତ୍ସବ ୟୁନିଟ-୩ ସ୍ଥଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସାହିତ୍ୟିକା ତଥା ସମାଜସେବୀ ଉଷାରାଣୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା କବି ଖଗେଶ୍ୱର ମହତାବ ଯୋଗଦେଇ ତାଙ୍କ ବକ୍ତବ୍ୟରେ କବିତା କବି କଳ୍ପନାର ଏକ ସୂକ୍ଷ୍ମ ଅନୁଭବ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ କବି ଚିରକାଳ ସ୍ୱପ୍ନ ରାଇଜରେ ଘୁରୁଥାଏ।ସେଇ ଚୌହଦୀରୁ ଯାହା ଆହରଣ କରେ ତାହାକୁ ଲେଖେ ତଦ୍ୱାରା କବିତା ଗଭୀର ଓ ଗମ୍ଭୀର ହୋଇ ପାଠକର ହୃଦୟକୁ ଛୁଇଁଥାଏ ବୋଲି ମତପ୍ରକାଶ କରିଥିଲେ। ପରେ କବୟତ୍ରୀ ଗୀତାଞ୍ଜଳି ମହାନ୍ତି ଓ ସୌଦାମିନୀ ସାମନ୍ତରାୟଙ୍କ ସଂଯୋଜନାରେ ସର୍ବଶ୍ରୀ ସୁରେଶ ମହାପାତ୍ର, ସନ୍ତୋଷ କୁମାର ଦାସ, ଶରତ ସାହୁ, ଅଲେଖ ଚରଣ ରାଉତ, ପ୍ରକାଶ ଚନ୍ଦ୍ର ବେହେରା, ରଶ୍ମିତା ସାହୁ, ଇତିଶ୍ରୀ ପତି, ବଟକୃଷ୍ଣ ପଣ୍ଡା, ନିରୁପମା ରଥ, ସଞ୍ଜୁଲତା ମହାନ୍ତି ପଟ୍ଟନାୟକ, ଜୟଶ୍ରୀ ପଟ୍ଟନାୟକ, ପ୍ରଶାନ୍ତ କୁମାର ସାହୁ, ଅରୁଣା କର,ବିଶ୍ୱରଞ୍ଜନ ମହାନ୍ତି, ପ୍ରସନ୍ନ କୁମାର ଦାଶ, ଶଙ୍କର ଦାଶ ମହାନ୍ତି, ଶୁଭଶ୍ରୀ ସିଂ, ଡକ୍ଟର ରାମଚନ୍ଦ୍ର ମହାନ୍ତି, ପୂର୍ଣ୍ଣାନନ୍ଦ ମହାନ୍ତି, ଚିନାରୀ ମୋହନ ପାତ୍ର, ଗୀତା ପଟ୍ଟନାୟକ, ଦେବରାଜ ବିଶୋଇ, ସୁସ୍ମିତା ପଟ୍ଟନାୟକ, ପ୍ରଣତୀ ପରିଡା, ଇଂ ଲଡୁକିଶୋର ପଢିଆରୀ, ନର୍ମଦା ଦୋରା,ସୌଦାମିନୀ ସାମଲ, ବୃହସ୍ପତି ସାମଲ, ସୁକୁମାର ବିଶ୍ୱାଳ,ଶଶୀପ୍ରଭା ଦାସ, ବିଜୟାନନ୍ଦ ଦାସ, ପୀତାମ୍ବର ଭୋଇ, ସୁଦେଷ୍ଣା ସାହୁ, ବିଷ୍ଣୁ ପ୍ରିୟା ଜେନା, ଓ ସୁଷମା ଦାଶ ସ୍ୱରଚିତ ଶ୍ରୁତିମଧୁର କବିତା ପାଠ କରିଥିଲେ। ଉପ ସଭାପତି ଶ୍ରୀ ନିଖିଳ କୁମାର ବଳବନ୍ତରାୟ ଆସର ପରିଚାଳନା ରେ ସହଯୋଗ କରିଥିଲେ। ସର୍ବଶେଷରେ ଅବସରପ୍ରାପ୍ତ ପ୍ରଶାସକ, ପ୍ରାବନ୍ଧିକ ତଥା ଗ୍ରନ୍ଥକାର ବୃହସ୍ପତି ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।

(ଶ୍ରୀମଦ୍ଭଗବଦ୍ ଗୀତା ୧୫/୪)

-ପୁରୁଷୋତ୍ତମଯୋଗଃ-

(ଶ୍ରୀଭଗବାନୁବାଚ)

**ତତଃ ପଦଂ ତତ୍ ପରିମାର୍ଗିତବ୍ୟଂ**
**ଯସ୍ମିନ୍ ଗତା ନ ନିବର୍ତ୍ତନ୍ତି ଭୂୟଃ ।**
**ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ**
**ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ।।୪।।**

ଏହି ସଂସାରରେ ଜୀବମାନେ ଏ ସଂସାରରୂପ ବୃକ୍ଷର (ଉର୍ଦ୍ଧ୍ୱମୂଳାଦି) ରୂପ ଉପଲବ୍ଧି କରିପାରନ୍ତି ନାହିଁ, ସେହିପରି (ଅନାଦି ଓ ଅନନ୍ତ ହେତୁରୁ) ଏହାର ଆଦି, ଅନ୍ତ ଓ ସ୍ଥିତି ଉପଲବ୍ଧି କରିପାରନ୍ତି ନାହିଁ । ଏହି ଦୃଢ଼ ବଦ୍ଧମୂଳ ଅଶ୍ୱତ୍ଥ ବୃକ୍ଷକୁ ସୁଦୃଢ଼ (ବିବେକ ଓ ଅଭ୍ୟାସଦ୍ୱାରା ଶାଣିତ) ଅନାସକ୍ତିରୂପ ଖଡ୍ଗଦ୍ୱାରା ଛେଦନ କରି ଏହାର ମୂଳଭୂତ ସେହି ବସ୍ତୁଟିକୁ (ବୈଷ୍ଣବପଦ) ଅନୁସନ୍ଧାନ କରିବାକୁ ହେବ, ଯାହା ପାଇଲେ ପୁଣି ଆଉ ଜନ୍ମ ହେବାକୁ ହେବ ନାହିଁ । ଯାହାଙ୍କଠାରୁ ଏହି ଚିରନ୍ତନ ସଂସାରପ୍ରବୃତ୍ତି ବିସ୍ତାରଲାଭ କରିଛି, ମୁଁ ସେହି ଆଦିପୁରୁଷଙ୍କର ଶରଣ ନେଲି, ଏହିପରି (ଏକାନ୍ତ ଭକ୍ତିରେ) ସେହି ବ୍ରହ୍ମପଦକୁ ଅନୁସନ୍ଧାନ କରିବାକୁ ହେବ ।।୪।।

# ପାକିସ୍ତାନ ଏବେ ଭୟଭୀତ

**ସମ୍ପାଦକୀୟ**

ଭାରତର ତିନିଗୋଟି ପ୍ରତିରକ୍ଷା ବାହିନୀର ମିଳିତ ସହଯୋଗରେ ଅପରେଶନ୍ 'ସିନ୍ଦୂର' ଅଭିଯାନରେ, ଗତ ଏପ୍ରିଲ ୨୨(୨୦୨୫) ଘଟଣାରେ ପାକିସ୍ତାନକୁ ଯେଉଁ ଜବାବ ଦିଆଯାଇଛି, ତଦ୍ଦ୍ୱାରା ପାକିସ୍ତାନ ଯେ ଭୟଭୀତ ହୋଇଯାଇଛି, ଏଥିରେ ସନ୍ଦେହ ନାହିଁ । ଗତ ମଙ୍ଗଳବାର ରାତି ସାରା ଅନିଦ୍ରା ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ଏହି 'ସିନ୍ଦୂର' ଅଭିଯାନ ପ୍ରତି ଧ୍ୟାନ ଦେଇଥିଲେ । ଫଳରେ ପାକିସ୍ତାନ ଓ ପାକ୍ ଅଧିକୃତ କାଶ୍ମୀରର ନଅଗୋଟି ଆତଙ୍କବାଦୀ ଶିବିରକୁ ଭାରତ ପକ୍ଷରୁ ଧ୍ୱଂସ କରାଯାଇଛି । କୌଣସି ପାକିସ୍ତାନୀ ନାଗରିକଙ୍କୁ ହତ୍ୟା କରାଯାଇ ନାହିଁ କି ଅସୁବିଧାରେ ପକାଯାଇ ନାହିଁ । ଜାତୀୟ ପ୍ରତିରକ୍ଷା ବାହିନୀର ଏପରି ମିଳିତ ଅଭିଯାନକୁ ଭାରତର ବିରୋଧୀ ଦଳର ନେତା ଶ୍ରୀ ରାହୁଲ ଗାନ୍ଧୀ ମଧ୍ୟ ପ୍ରଶଂସା କରିଛନ୍ତି । ଗତ ଏପ୍ରିଲ ୨୨ ତାରିଖରେ ପାକିସ୍ତାନର ଆତଙ୍କବାଦୀମାନେ ଭାରତର ୨୫ ଜଣ ନିରୀହ ପର୍ଯ୍ୟଟକଙ୍କ ସମେତ ନେପାଳର ଜଣେ ନିରୀହ ପର୍ଯ୍ୟଟକଙ୍କୁ ଧର୍ମ ନାମରେ ଯେପରି ଅତି ବର୍ବରୋଚିତ ଭାବେ ଗୁଳି କରି ହତ୍ୟା କଲେ, ତାହା ଏବର ସଭ୍ୟ ସମାଜରେ ପଶୁସୁଲଭ କାର୍ଯ୍ୟ । ପାକିସ୍ତାନର ଏହି ଆତଙ୍କବାଦୀମାନେ ମଣିଷଙ୍କ ପରି ଶରୀର ପାଇଥିଲେ ମଧ୍ୟ ମଣିଷଙ୍କ ପରି ବୁଦ୍ଧି ପାଇ ନ ଥିବାରୁ ହୁଏତ ପଶୁମାନଙ୍କ ପରି ଏପରି ହିଂସ୍ର ଆଚରଣ କରି ରକ୍ତର ସୁଅ ଛୁଟାଇଥିଲେ । ଆଲ୍ଲା ସେମାନଙ୍କୁ କେବେ ବି ଏପରି ବର୍ବରୋଚିତ କାଣ୍ଡ ଲାଗି କ୍ଷମା ଦେବେ ନାହିଁ ।

କଂଗ୍ରେସ ରାଷ୍ଟ୍ରୀୟ ସଭାପତି ଶ୍ରୀ ମଲ୍ଲିକାର୍ଜୁନ ଖଡ୍‌ଗେ ଏବେ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତିନି ଦିନ ପୂର୍ବରୁ ଆତଙ୍କବାଦୀ ଆକ୍ରମଣର ସୂଚନା ସଂକ୍ରାନ୍ତରେ ଗୋଇନ୍ଦା ରିପୋର୍ଟ ପାଇଥିଲେ, ଯେଉଁଥିପାଇଁ ସେ ତାଙ୍କର କାଶ୍ମୀର ଗସ୍ତକୁ ବାତିଲ କରିଥିଲେ । କିନ୍ତୁ ଏପରି ଗୋଇନ୍ଦା ରିପୋର୍ଟ ପାଇଥିଲେ, ଭାରତ ହୁଏତ ସତର୍କ ହୋଇ ପାରିଥାନ୍ତା । ସେପରି ସ୍ପଷ୍ଟ ରିପୋର୍ଟ ଆତଙ୍କବାଦୀ ହାମଲା ଉପରେ ପ୍ରାୟ ନ ଥିବ । ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ତାଙ୍କୁ କାଶ୍ମୀର ଯିବା ପାଇଁ ହୁଏତ ବାରଣ କରାଯାଇଥିବ । କାରଣ ଅତୀତରେ କଂଗ୍ରେସ ଦଳ କ୍ଷମତାରେ ଥିବାବେଳେ ତାଙ୍କ ନିଜ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ କିମ୍ବା ପୂର୍ବତନ ପ୍ରଧାନମନ୍ତ୍ରୀ ଭାବେ ସୁରକ୍ଷା ବଳୟ ମଧ୍ୟରେ ଥିବା ରାଜୀବ ଗାନ୍ଧୀଙ୍କୁ ସୁରକ୍ଷା ଦେବାରେ କଂଗ୍ରେସ ଦଳ ଅବହେଳା କରିଥିଲା ବୋଲି ସଚେତନ ଭାରତୀୟମାନେ ସେତେବେଳେ ଅଭିଯୋଗ କରିଥିଲେ । ତେଣୁ ଶ୍ରୀ ଖଡ୍‌ଗେ ତାଙ୍କର ନେତା ଶ୍ରୀ ଗାନ୍ଧୀଙ୍କ ପରି ଦେଶର ଏ ବିପଦ ବେଳେ ସରକାରୀ କାର୍ଯ୍ୟକୁ ସମର୍ଥନ କରିବା ଉଚିତ । କାରଣ ସେ ଭାବିବା ଉଚିତ ଯେ ଏବର ପରିସ୍ଥିତିରେ ଦେଶ ବଡ଼, ଦଳ ନୁହେଁ ।

ପାକିସ୍ତାନରେ ଆଭ୍ୟନ୍ତରୀଣ କନ୍ଦଳ କାରଣରୁ ପୂର୍ବ ପାକିସ୍ତାନ ବିଦ୍ରୋହ କରି ପୃଥକ୍ ରାଷ୍ଟ୍ରରେ ପରିଣତ ହୋଇଥିଲା । ସେମାନେ ସମସ୍ତେ ମୁସଲମାନ ଧର୍ମାବଲମ୍ବୀ ହୋଇଥିବା ସତ୍ତ୍ୱେ ପୂର୍ବ ପାକିସ୍ତାନୀମାନେ 'ବାଙ୍ଗଲା ଦେଶ' ନାମରେ ତାଙ୍କର ନିଜ ରାଷ୍ଟ୍ର ନିଜେ ଗଢ଼ିବାକୁ ଚାହିଁଥିଲେ । ଧର୍ମ ବଡ଼ ନୁହେଁ, ଭାଷା ହିଁ ବଡ଼ ଥିଲା ସେମାନଙ୍କ ପାଇଁ । ସେମାନଙ୍କ ମାତୃଭାଷା ଥିଲା ବଙ୍ଗଳା । ମାତ୍ର ସେଠାରେ ମଧ୍ୟ ଅଶାନ୍ତି ଲାଗି ରହିଛି ଏବେ ଏବଂ ଜଣେ କାମଚଳା ପ୍ରଶାସକ ଦାୟିତ୍ୱ ତୁଲାଉଛନ୍ତି । ପାକିସ୍ତାନ ବି ବୁଝିବା ଦରକାର ଯେ ତାଙ୍କ ଦେଶରେ ଧର୍ମକୁ ବଡ଼ କରିବାରୁ ତାଙ୍କର ଦୁର୍ଦ୍ଦଶା ଆରମ୍ଭ ହୋଇଛି । ପାକିସ୍ତାନୀମାନେ ମଧ୍ୟ ପାକିସ୍ତାନ ଶାସକଙ୍କ ଉପରେ ସନ୍ତୁଷ୍ଟ ନାହାନ୍ତି ଏବେ । ସେମାନେ ଗଣ୍ଡେ ଖାଇବାକୁ ବା ଭଲରେ ଖଣ୍ଡେ ପିନ୍ଧିବାକୁ ପାଉନାହାନ୍ତି । ଯେଉଁ ଶାସକ ପ୍ରଜାନୁରଂଜନକୁ ଗୁରୁତ୍ୱ ଦିଅନ୍ତି ନାହିଁ, ଭବିଷ୍ୟତରେ ସେହି ଶାସକଙ୍କ ସିଂହାସନ ଯେ ଟଳମଳ ହେବ, ଏଥିରେ ସନ୍ଦେହ ନାହିଁ ।

ଇତିମଧ୍ୟରେ ଇସ୍ରାଏଲ ଓ ଅନ୍ୟାନ୍ୟ ଶକ୍ତିଶାଳୀ ରାଷ୍ଟ୍ରମାନେ ଭାରତକୁ ସମର୍ଥନ ଜଣାଇଛନ୍ତି । ଏହିସବୁ ସାମରିକ ସମୃଦ୍ଧ ରାଷ୍ଟ୍ରମାନେ ଭାରତକୁ ସମର୍ଥନ କରୁଥିବାରୁ ପାକିସ୍ତାନ ତାହା ଜାଣି ଭୟଭୀତ ହେବା ସ୍ୱାଭାବିକ । ଯେଉଁ ପର୍ଯ୍ୟଟକମାନେ ଆତଙ୍କବାଦୀଙ୍କ ଗୁଳି ମାଡ଼ରେ ଟଳି ପଡ଼ିଥିଲେ, ସେମାନଙ୍କ ପରିବାର ଲୋକେ ଏପରି ପ୍ରତିଶୋଧ ପାଇଁ ଭାରତକୁ ଓ ଏହାର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ପ୍ରକୃତରେ ଅପେକ୍ଷା କରିଥିଲେ ।

୧୯୭୧ରେ ଭାରତ-ପାକିସ୍ତାନ ଯୁଦ୍ଧ ଲାଗିଥିବାବେଳେ ପାକିସ୍ତାନ ପରାଜୟ ସ୍ୱୀକାର କରିଥିଲା ଓ ଏହାର ସେନା ଭାରତୀୟ ସେନାଙ୍କ ନିକଟରେ ଆତ୍ମ ସମର୍ପଣ କରିବା ବ୍ୟତୀତ ଆଉ ଗତ୍ୟନ୍ତର ନ ଥିଲା । ତେଣୁ ଏଥର ମଧ୍ୟ ପାକିସ୍ତାନ ଭାରତ ଠାରୁ ଉଚିତ୍ ଶିକ୍ଷାଲାଭ କରିବ ବୋଲି ଜଣାପଡୁଛି ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ରକ୍ତଦାନର ମହତ୍ତ୍ୱ

## ଡାକ୍ତର ରାମ ପ୍ରସାଦ ରାୟ

ଅନ୍ୟମାନଙ୍କ ପ୍ରତି ସଦୟ ଭାବ ପୋଷଣ କରିବା ତଥା ଅନ୍ୟମାନଙ୍କର ଉପକାର କରିବା ମନୋଭାବକୁ ଦାନଶୀଳତା ବୋଲାଯାଏ । ଦାନ ହିଁ ବିଶ୍ୱ ପ୍ରେମ । ଦରିଦ୍ର୍ୟ ଅଭାବୀ ଓ ଅସହାୟମାନଙ୍କ ପ୍ରତି ଉଦାରତାର ଅନ୍ୟ ନାମ ଦାନ । ବ୍ୟାପକ ଅର୍ଥରେ ଦାନ, ପ୍ରେମ, ବଦାନ୍ୟତା ଓ ସଦ୍‌ଭାବନାକୁ ବୁଝାଏ । ବ୍ରହ୍ମଦର୍ଶୀମାନଙ୍କ ଦୃଷ୍ଟିରୁ ମାନବ ସମାଜ ପ୍ରତି ସାର୍ବଜନୀନ ସଦ୍‌ଭାବନା ଓ ପରମାତ୍ମାଙ୍କ ପ୍ରତି ବିଶୁଦ୍ଧତମ ଭକ୍ତିକୁ ଦାନ ବୋଲାଯାଏ । ପ୍ରଶଂସା, ପୁରସ୍କାର ଓ ପାରିଶ୍ରମିକ ପାଇବାର ସମସ୍ତ ଭାବନା ଦୂର କରିଦେଇ ଅନ୍ୟର ମଙ୍ଗଳ ବିଧାନରେ ଆତ୍ମନିଯୋଗ କରିବାର ଆକାଂକ୍ଷା ହିଁ ପ୍ରକୃତ ଦାନ । ପ୍ରେମ କ୍ରିୟାଶୀଳ ହେଲେ ଦାନର ରୂପ ଧାରଣ କରେ । ଆଗେ ଘର, ପଛେ ପର । ଦାନ ପ୍ରଥମେ ଘରେ ଆରମ୍ଭ ହୁଏ, କିନ୍ତୁ ଏହା ଦୂରକୁ ପ୍ରସାରିତ ହେବା ଉଚିତ । ସମଗ୍ର ଜଗତଟା ତ ଆପଣଙ୍କ ଘର, ଆପଣ ଏହି ବିଶ୍ୱର ଜଣେ ନାଗରିକ । ତେଣୁ ଜଗତର ପ୍ରତ୍ୟେକର ଉପକାର କରିବା ପାଇଁ ବଦାନ୍ୟ ମନୋଭାବ ପୋଷଣ କରନ୍ତୁ ।

ଆଜି ବିଶ୍ୱରେଡ଼କ୍ରସ ଦିବସ । ପ୍ରତି ବର୍ଷ ମେ ୮ ତାରିଖରେ ସାରା ବିଶ୍ୱରେ ପାଳନ କରାଯାଏ ବିଶ୍ୱ ରେଡ଼କ୍ରସ ଆଣ୍ଡ ରେଡ଼କ୍ରସ ଡ଼େ ବା ଦିବସ । ୧୮୨୮ ମେ ଏହି ଦିନରେ ଜନ୍ମ ହୋଇଥିଲେ ଇରନେସ୍‌ନାଲ କମିଟି ଅଫ ଦ ରେଡ଼ କ୍ରସର ପ୍ରତିଷ୍ଠାତା ହେନରି ଡୁନାଣ୍ଟ । ମାନବ ଜାତିକୁ ରେଡ଼କ୍ରସ ଭଳି ଏକ ମହାନ ଅନୁଷ୍ଠାନର ଦାନ ପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା । ସେ ବିଶ୍ୱର ପ୍ରଥମ ନୋବେଲ ଶାନ୍ତି ପୁରସ୍କାର ବିଜେତା । ୧୯୪୮ରେ ପ୍ରଥମ ବିଶ୍ୱ ରେଡ଼କ୍ରସ ଦିବସ ପାଳନ କରାଯାଇଥିଲା । ୧୯୮୪ରୁ ଏହାକୁ 'ବିଶ୍ୱ ରେଡ଼କ୍ରସ ଆଣ୍ଡ ରେଡ଼ କ୍ରେସ ଡ଼େ' ଦିବସ ଭାବେ ପାଳନ କରାଯାଉଛି । ରକ୍ତଦାନ ଦ୍ୱାରା ସାମାଜିକ ସେବା ଦାୟିତ୍ୱବୋଧତାର ଅଙ୍ଗୀକାରତାକୁ ସମାଜରେ ଦିଗ୍‌ଦର୍ଶନ ଦେବା ପାଇଁ ଯେଉଁ ମହାନ କ୍ରାନ୍ତୀଦର୍ଶୀ ଏହି ଦିବସଟିକୁ ସ୍ମରଣୀୟ କରିଥିଲେ ତାଙ୍କରି ପାଇଁ ବିଶ୍ୱ ରେଡ଼କ୍ରସ ଦିବସର ମହତ୍ତ୍ୱ ଅନୁରଣିତ ହେଉଛି । ବାସ୍ତବିକ ରକ୍ତ ଏପରି ଏକ ସୃଷ୍ଟିର ଅନବଦ୍ୟ ଶ୍ରେଷ୍ଠତା ଯାହାର ବିକଳ୍ପ ନାହିଁ । ଅନେକ କ୍ଷେତ୍ରରେ ଦେଖାଯାଏ ଏହି ରକ୍ତଟି ପାଇଁ ଅଭାବନୀୟ ଭାବରେ ଜଣଙ୍କର ଜୀବନ ଦୀପ ଅକାଳରେ ଚାଲିଯାଇଥାଏ ।

ଆସନ୍ତୁ ବିଶ୍ୱ ରେଡ଼କ୍ରସ ଦିବସ ଅବସରରେ ଏହି ସମ୍ବନ୍ଧୀୟ କିଛି ଜ୍ଞାତବ୍ୟ ତଥ୍ୟ ଏଠାରେ ଉଲ୍ଲେଖ କରିବା । ଅଷ୍ଟ୍ରୀୟ ବିଜ୍ଞାନୀ କାର୍ଲ ଲାଣ୍ଡଷ୍ଟେଇନ୍‌ର ୧୯୦୧ ମସିହାରେ ପ୍ରଥମ ତିନିଟି ରକ୍ତବର୍ଗ (ଓ, ଏ, ଏବଂ ବି) ଆବିଷ୍କାର କରିଥିଲେ । ମଣିଷ ରକ୍ତକୁ ଆଠଟି ବର୍ଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଓ ପଜିଟିଭ, ଓ ନେଗେଟିଭ, ଏ ପଜିଟିଭ, ଏ ନେଗେଟିଭ, ବିପଜିଟିଭ, ବି ନେଗେଟେଭ ଏବଂ ଏବି । ବିଶ୍ୱରେ ପ୍ରତି ୩ଜଣରେ ଜଣେ ଓ ପଜିଟିଭ, ପ୍ରତି ୧୫ ଜଣରେ ଜଣେ ଓ ନେଗେଟିଭ, ପ୍ରତି ୩ ଜଣରେ ଜଣେ ଏ ପଜିଟିଭ, ପ୍ରତି ୧୬ ଜଣରେ ଜଣେ ଏ ନେଗେଟିଭ, ପ୍ରତି ୧୨ ଜଣରେ ଜଣେ ବି ପଜିଟିଭ, ପ୍ରତି ୬୭ଜଣରେ ଜଣେ ବି ନେଗେଟିଭ, ପ୍ରତି ୨୯ଜଣରେ ଜଣେ ଏବି ପଜିଟିଭ ଏବଂ ପ୍ରତି ୧୬୭ ଜଣରେ ଜଣେ ଏବି ନେଗେଟିଭ ରକ୍ତବର୍ଗର ମଣିଷ ଓ ପଜିଟିଭ ବର୍ଗର ରକ୍ତ ଯେ କୌଣସି ରକ୍ତବର୍ଗ ଥିବା ମଣିଷ ଗ୍ରହଣ କରିପାରନ୍ତି । ଏଣୁ ଏହାର ଚାହିଦା ସର୍ବାଧିକ । ତେବେ ମାତ୍ର ୭ ପ୍ରତିଶତ ଭାରତୀୟ ଏହି ବର୍ଗର ରକ୍ତଧାରୀ । ପ୍ରତ୍ୟେକ ସୁସ୍ଥ ସବଳ ପ୍ରାପ୍ତ ବୟସ୍କ ମଣିଷ ଶରୀରରେ ପ୍ରାୟ ୧୦ ୟୁନିଟ୍ ବା ୧୦ ପିଣ୍ଟ ରକ୍ତ ଥାଏ । ସେ ଚାହିଁଲେ ପ୍ରତି ୫୬ ଦିନରେ ଥରେ ମାତ୍ର ୧ ପିଣ୍ଟ ରକ୍ତଦାନ କରିପାରେ । ଉଲ୍ଲେଖଯୋଗ୍ୟ ଯେ ହୃଦୟର ଶଲ୍ୟ ଚିକିତ୍ସା ବା ହାର୍ଟ ସର୍ଜରୀ ବେଳେ ୬ ପିଣ୍ଟ ରକ୍ତ, ଅସ୍ଥିମଜ୍ଜା ପ୍ରତିରୋପଣ ବେଳେ ୧୨୦ ପିଣ୍ଟ ରକ୍ତ ଏବଂ ଅଙ୍ଗ ପ୍ରତିରୋପଣ ବେଳେ ୪୦ ପିଣ୍ଟ ରକ୍ତ ଆବଶ୍ୟକ ହୋଇଥାଏ । ତା'ଛଡ଼ା ସଡ଼କ ଦୁର୍ଘଟଣା ଓ ଅଗ୍ନି ଦ୍ୱାରା ଗୁରୁତର ଆହତ ହେଉଥିବା ଲୋକଙ୍କ ପାଇଁ ମଧ୍ୟ ୫୦ ପିଣ୍ଟ ପର୍ଯ୍ୟନ୍ତ ରକ୍ତ ଦରକାର ହୋଇଥାଏ । ରକ୍ତଦାନ ସମ୍ପର୍କରେ ରକ୍ତଦାତା ଓ ରକ୍ତ ନେଉଥିବା ଲୋକଙ୍କ ଭିତରେ ଅନେକ ଭୁଲ ଧାରଣା ଓ ଅନ୍ଧବିଶ୍ୱାସ ରହିଥାଏ । ପ୍ରତ୍ୟେକ ମଣିଷ ଶରୀରରେ ରକ୍ତର ବିଭିନ୍ନ ଉପାଦାନ ୧୨୦ ଦିନ ପର୍ଯ୍ୟନ୍ତ ରହିଲା ପରେ ନଷ୍ଟ ହୋଇଯାଏ । ସ୍ୱେତରକ୍ତ କଣିକା ମାତ୍ର ସାତ ଘଣ୍ଟା ଶରୀରରେ ରହିପାରୁଥିବାବେଳେ, ପ୍ଲେଟଲେଟ ପାଞ୍ଚଦିନ ଓ ଲୋହିତ ରକ୍ତକଣିକା ପାଖାପାଖି ଚାରିମାସ ଶରୀରରେ ରହିଲା ପରେ ନଷ୍ଟ ହୋଇଯାଏ । ସବୁଠାରୁ ବଡ଼ କଥା ହେଉଛି ଜଣେ ରକ୍ତଦାତା ରକ୍ତଦାନ କରିବାର ପନ୍ଦର ଦିନ ଭିତରେ ତାଙ୍କ ଶରୀରରେ ଦାନ କରିଥିବା ରକ୍ତର ଭରଣା ହୋଇଯାଇଥାଏ । ସେହିପରି ନିୟମିତ ରକ୍ତଦାନ କରିବା ଦ୍ୱାରା ଶରୀରରୁ ଚର୍ବିର ଅଂଶ କମ୍ ହୋଇଯିବା ସହ ହୃଦରୋଗ ଓ ଉଚ୍ଚରକ୍ତଚାପର ସମ୍ଭାବନା ହ୍ରାସ ପାଇଥାଏ । ସେହିପରି ରକ୍ତଦାନ କରିବାବେଳେ ରକ୍ତଦାତାର ରକ୍ତପରୀକ୍ଷା ହେଉଥିବାରୁ ଏହା ଦ୍ୱାରା ହେପାଟାଇଟିସ୍, ମ୍ୟାଲେରିଆ, ଡାଇବେଟିସ ଓ ଏଚ୍‌ଆଇଭି ପରି ବିଭିନ୍ନ ରୋଗ ସମ୍ପର୍କରେ ପରୀକ୍ଷାରୁ ସୂଚନା ମିଳିଥାଏ । ଆହୁରି ମଧ୍ୟ ପ୍ରକାଶ ଯେ, ପ୍ରତି ବର୍ଷ କେବଳ ଭାରତରେ ଆବଶ୍ୟକ ହୁଏ ୪ କୋଟି ପିଣ୍ଟ ରକ୍ତ । ତେବେ ସଂଗୃହୀତ ହୁଏ ମାତ୍ର ୪୦ ଲକ୍ଷ ପିଣ୍ଟ । ଏଠାରେ ପ୍ରତି ଦୁଇ ସେକେଣ୍ଡରେ କେହି ନା କେହି ଜଣେ ରକ୍ତ ଦରକାର କରିଥାଏ । ଏଣୁ ପ୍ରତିଦିନ ୩୮୦୦୦ ମଣିଷ ରକ୍ତଦାନ କରିବା ଆବଶ୍ୟକ । ରକ୍ତଦାନ କଲେ କୌଣସି କ୍ଷତି ହୁଏନାହିଁ । କେବଳ ରକ୍ତଦାତାଙ୍କର ଲାଭ ହିଁ ହୋଇଥାଏ । ଜଣେ ଯଦି ୧୮ ବର୍ଷରୁ ରକ୍ତଦାନ ଆରମ୍ଭ କରେ ଏବଂ ପ୍ରତି ୯୦ ଦିନରେ ଥରେ ରକ୍ତ ଦେଇଚାଲେ, ସେ ଷାଠିଏ ବର୍ଷରେ ପହଞ୍ଚିବା ବେଳକୁ ୩୦ ଗ୍ୟାଲେନ୍ ରକ୍ତ ଦେଇଥାଏ । ଯାହାଦ୍ୱାରା କି ଅନ୍ୟୂନ ୫୦୦ ଲୋକଙ୍କ ଜୀବନରକ୍ଷା ସଂଭବ । ସ୍ୱେଚ୍ଛାକୃତ ରକ୍ତଦାନ ଠାରୁ ବଳି ଅନ୍ୟ କିଛି ନାହିଁ । କୃତ୍ରିମ ରକ୍ତ ସୃଷ୍ଟି କରାଯାଇପାରିବ ନାହିଁ । ଏଣୁ ରକ୍ତଦାନ ଜୀବନଦାନ ସହ ସମାନ ଏକ ମହତ୍ କାର୍ଯ୍ୟ ।

**କ୍ୟାମ୍ପ ଆସିଷ୍ଟାଣ୍ଟ, ସ୍ରୋଲ ରେଡ଼କ୍ରସ**
**ବ୍ଲଡ ସେଣ୍ଟର, କଟକ,**
**ମୋ- ୮୨୬୦୪୦୮୮୩୬**

# ଧୂଳି ମାଟିର ସନ୍ଥ

## ହିମାଂଶୁ ଶେଖର ଆଚାର୍ଯ୍ୟ

ଭାରତର ମୁକ୍ତି ସଂଗ୍ରାମରେ ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମହାନ୍ ବିପ୍ଳବୀ। ସେ ୧୮୯୫ ମସିହା ମେ' ୮ତାରିଖରେ ପିତା ଗୋକୁଳାନନ୍ଦ ଚୌଧୁରୀ ଓ ମାତା ପଦ୍ମାବତୀ ଦେବୀଙ୍କ କୋଳମଣ୍ଡନ କରି କଟକ ସହରରେ ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଜନ୍ମସ୍ଥାନ ହେଲା ବର୍ତ୍ତମାନର ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଖେରସ ଗ୍ରାମ । ପିତା ଗୋକୁଳାନନ୍ଦ ଚୌଧୁରୀ ଥିଲେ ଜଣେ ପ୍ରତିଷ୍ଠିତ ଆଇନଜୀବୀ, ବିଶିଷ୍ଟ ଜମିଦାର ଓ ଜଣେ ସୁପରିଚିତ ବ୍ୟକ୍ତି । ମାତ୍ର ଏସବୁର ମୋହ ତାଙ୍କୁ ନିଜ ଆଦର୍ଶ ଓ ନୀତିରୁ ପଥଚ୍ୟୁତ କରିପାରିନଥିଲା । ସୌଭାଗ୍ୟକୁ ସେ ଏପରି ଏକ ପରିବାରରେ ଜନ୍ମଗ୍ରହଣ କରିଥିଲେ ଯେଉଁଠି ସାରା ଦେଶଟାର ସ୍ୱପ୍ନ ଜମାଟବାନ୍ଧି ରହିଥିଲା ।

ଏହି ମହାନ୍ ଜନନାୟକ ୧୮୯୫ ମସିହା ମେ' ୮ ତାରିଖ କଟକ ସହରରେ ଆଜିର ସ୍ୱରାଜ ଆଶ୍ରମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୈତୃକ ଜନ୍ମସ୍ଥାନ ଜଗତସିଂହପୁରର ଖେରସ ଗ୍ରାମରେ । ବାଲ୍ୟକାଳରୁ ବାପା ଗୋକୁଳାନନ୍ଦ ଚୌଧୁରୀ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ଜୀବନାଦର୍ଶ ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ସୌଭାଗ୍ୟକୁ ସେ ଏମିତି ଏକ ପରିବାରରେ ଜନ୍ମ ନେଇଥିଲେ ଯେଉଁଠି ପ୍ରବାହିତ ହେଉଥିଲା ସ୍ୱାଧୀନତା ସଂଗ୍ରାମର ଆବହାୱା । ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପରିବାରରୁ ନିଜର ସହଧର୍ମିଣୀ ରମାଦେବୀ, ସାନଭାଇ ନବକୃଷ୍ଣ ଚୌଧୁରୀ, ଭାଇବୋହୂ ମାଳତୀ ଚୌଧୁରୀ, ପୁଅ ମନମୋହନ ଚୌଧୁରୀ, ଝିଅ ଅନ୍ନପୂର୍ଣ୍ଣା ମହାରଣା ଓ ପରେ ଜ୍ୱାଇଁ ଶରତ ଚନ୍ଦ୍ର ମହାରଣା ଏହି ମୁକ୍ତି ସଂଗ୍ରାମରେ ସାମିଲ ହୋଇ ଇତିହାସ ରଚିଥିଲେ । ବିଶେଷକରି ତ୍ୟାଗ ଓ ସେବା କ୍ଷେତ୍ରରେ ସେ ଯେଉଁ ଉଚ୍ଚ ପରମ୍ପରା ସୃଷ୍ଟି କରିଯାଇଛନ୍ତି, ତାହା ଏବେବି ଅନତିକ୍ରମ୍ୟ ହୋଇ ରହିଅଛି ।

ଗୋପବନ୍ଧୁ ଚୌଧୁରୀ ଥିଲେ ଜଣେ ମେଧାବୀ ଛାତ୍ର । ସେ କଟକରୁ ମାଧମିକ ଶିକ୍ଷା ସମାପ୍ତ କରି କଲିକତାରେ କୃତିତ୍ୱର ସହ ବି.ଏ. ଓ ଏମ୍.ଏ ପାଶ୍ କରିଥିଲେ । ପରେ କଲିକତାରେ ଆଇନ ପରୀକ୍ଷାର ପ୍ରଥମ ଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଆଇନ ପାଠ ଅସମାପ୍ତ ରଖି କଟକରେ ଡେପୁଟି ମାଜିଷ୍ଟ୍ରେଟ୍ ରୂପେ ଅବସ୍ଥାପିତ ହୋଇଥିଲେ । ମାତ୍ର ଏହି ଚାକିରି ତାଙ୍କୁ ଭଲ ଲାଗୁନଥିଲା । ଓଡ଼ିଆମାନଙ୍କ ପ୍ରତି ଇଂରେଜମାନଙ୍କ ତାଚ୍ଛଲ୍ୟ ବ୍ୟବହାର ତାଙ୍କୁ ବ୍ୟଥିତ କରି ପକାଇଥିଲା । ୧୯୨୦ ମସିହାରେ ଯେତେବେଳେ ଯାଜପୁର ଅଞ୍ଚଳରେ ଭୀଷଣ ନଈବଢି ସମୟରେ ବନ୍ୟା ବିଧ୍ୱସ୍ତ ଗ୍ରାମମାନଙ୍କୁ ଦେଖି ସେ କାନ୍ଦି ପକାଇଥିଲେ ଓ ସରକାରଙ୍କୁ ସାହାଯ୍ୟ ଯଥେଷ୍ଟ ନୁହେଁ ବୋଲି ଦାବି ଜଣାଇଥିଲେ । ସରକାର ଗୋପବନ୍ଧୁଙ୍କ ଦାବିକୁ ଆଗ୍ରାହ୍ୟ କରିଦେବାରୁ ବାଧ୍ୟ ହୋଇ ସେ ସରକାରୀ ଚାକିରିରୁ ଇସ୍ତଫା ଦେଇଥିଲେ । ଇସ୍ତଫାପତ୍ରରେ ମୋଟେ ଗୋଟେ ଧାଡି ଲେଖାଥିଲା- 'ଚାକିରିରେ ମଣିଷର ବିକାଶର ସ୍ଥାନ ନାହିଁ'। ଏପରିକି ସରକାରୀ ଚାକିରିରେ ଥାଇ ମଧ୍ୟ ସେ କଟକରେ 'ଭାରତୀ ମନ୍ଦିର' ନାମକ ଏକ ଲାଇବ୍ରେରୀ ଓ ଆଲୋଚନା ଚକ୍ର ପ୍ରତିଷ୍ଠା କରିଥିଲେ । ଯେଉଁଠିକୁ ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଯଦୁମଣି ମଙ୍ଗରାଜ, ରାଜକୃଷ୍ଣ ବୋଷ ଓ ଅନ୍ୟାନ୍ୟ କଲେଜ ଛାତ୍ରମାନେ ନିୟମିତ ଯାଇ ସେଠାକୁ ଆସୁଥିବା ବିଭିନ୍ନ ପତ୍ର ପତ୍ରିକା ଓ ସମ୍ବାଦପତ୍ର ପାଠକରି ଦେଶର ରାଜନୈତିକ ଓ ଅର୍ଥନୈତିକ ସ୍ଥିତି ସଂପର୍କରେ ଜାଣିପାରୁଥିଲେ ।



୧୯୨୧ ମସିହାର କଥା, ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ଡାକରା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା । ଓଡ଼ିଶାରେ ମଧ୍ୟ ଏହି ଆନ୍ଦୋଳନ ଜୋର ଧରିଥାଏ । ଏହି ଅସହଯୋଗ ଆନ୍ଦୋଳନକୁ ସମର୍ଥନ ଜଣାଇ ଯେଉଁ ସ୍କୁଲ କଲେଜ ଛାତ୍ରମାନେ ଅଧାରୁ ପାଠଛାଡ଼ିଦେଇ ସ୍ୱାଧୀନତା ସଂଗ୍ରାମୀ ହୋଇଥିଲେ ସେମାନଙ୍କୁ ତାଲିମ ଦେବାପାଇଁ ବିଭିନ୍ନ ସ୍ଥାନରେ ଆଶ୍ରମ ଓ ଜାତୀୟ ବିଦ୍ୟାଳୟ ମାନ ପ୍ରତିଷ୍ଠା କରାଗଲା । ସେଥିମଧ୍ୟରୁ 'ଅଳକାଶ୍ରମ' ଥିଲା ଅନ୍ୟତମ । ୧୯୨୨ ମସିହା ଶ୍ରୀପଞ୍ଚମୀ ଦିନ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଏହା ଶୁଭ ଉଦ୍ଘାଟିତ ହୋଇଥିଲା। ଜଗତସିଂହପୁରଠାରେ ମାଛଗାଁ ମୁଖ୍ୟ କେନାଲର ଦକ୍ଷିଣ ପାର୍ଶ୍ୱ ଓ ମୃତ ଅଳକା ନଈର ଉତ୍ତରପାର୍ଶ୍ୱରେ ଥିବା ସୋମନାଥ ହାଟକୁ ଲାଗି ପ୍ରଶସ୍ତ ଓ ବିସ୍ତୃତ ଆମ୍ବ ତୋଟାରେ ଆରମ୍ଭ ହୋଇଥିଲା ଏହି ଅନୁଷ୍ଠାନ- ସ୍ୱାଧୀନତା ସଂଗ୍ରାମର ତୀର୍ଥଭୂମି । ଏଥିପାଇଁ ଜମି ଦାନ କରିଥିଲେ ଚାଟ୍ରା ଗ୍ରାମର ଭାଗିରଥୀ ମହାପାତ୍ର ଓ ବଂଶୀଧର ପଟ୍ଟନାୟକ । ଡେପୁଟି କଲେକ୍ଟର ଚାକିରି ଛାଡିଥିବା ଗୋପବନ୍ଧୁ ଚୌଧୁରୀ ହୋଇଥିଲେ ଅଳକାଶ୍ରମର ତତ୍ତ୍ୱାବଧାରକ ।

ମହାତ୍ମା ଗାନ୍ଧିଙ୍କର ଲବଣ ସତ୍ୟାଗ୍ରହର ଡାକରା ଓଡ଼ିଶାରେ ମଧ୍ୟ ବ୍ୟାପକ ଜନଜାଗରଣ ସୃଷ୍ଟି କରିଥିଲା । ୧୯୩୦ ମସିହା ମାର୍ଚ୍ଚ ୧୬ ତାରିଖରେ ଉତ୍କଳପ୍ରଦେଶ କମିଟିର ବାଲେଶ୍ୱର ଅଧିବେଶନରେ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ଅନ୍ତର୍ଗତ ଇଞ୍ଚୁଡି ଗ୍ରାମକୁ ସତ୍ୟାଗ୍ରହ ପାଇଁ ମନୋନୀତ କରାଯାଇଥିଲା। ୧୯୩୦ ମସିହା ଏପ୍ରିଲ ୬ ତାରିଖରୁ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ୨୧ଜଣ ସତ୍ୟାଗ୍ରହୀ ପ୍ରଥମ ପର୍ଯ୍ୟାୟରେ ଇଞ୍ଚୁଡି ଯାତ୍ରାକଲେ । କଟକରୁ ହିଁ ଗୋପବନ୍ଧୁଙ୍କୁ ସରକାର ଗିରଫ କଲେ । ପରେ ଆଚାର୍ଯ୍ୟ ହରିହରଙ୍କ ନେତୃତ୍ୱରେ ହରେକୃଷ୍ଣ ମହତାବ, ପ୍ରାଣକୃଷ୍ଣ ପଡ଼ିହାରୀ ଓ ଅନ୍ୟମାନେ ଏପ୍ରିଲ ୧୩ ତାରିଖରେ ଇଞ୍ଚୁଡିଠାରେ ପହଞ୍ଚି ଲବଣ ଆଇନ ଭଙ୍ଗ କରିଥିଲେ ଓ ଲୁଣ ମାରିଥିଲେ । ଏଥିରେ ମହାନ୍ ସର୍ବୋଦୟ ନେତା ମନମୋହନ ଚୌଧୁରୀ ମାତ୍ର ୧୫ ବର୍ଷ ବୟସରେ ଏହି ସତ୍ୟାଗ୍ରହରେ ସାମିଲ ହୋଇ ନିଜ ପିତା ଗୋପବନ୍ଧୁ ଚୌଧୁରୀ,ମା' ରମାଦେବୀ, ଦାଦା ନବକୃଷ୍ଣ ଚୌଧୁରୀ ଓ ଖୁଡି ମାଳତୀ ଚୌଧୁରୀଙ୍କ ସହ ମଧ୍ୟ ଗିରଫ ହୋଇଥିଲେ । ନିଜର ପରିବାରକୁ ଦେଶ ସେବାରେ ନିୟୋଜିତ କରିବାକୁ ଉଦ୍‌ବୁଦ୍ଧ କରିଥିଲେ ଏହି ଧୂଳି ମାଟିର ସନ୍ଥ । ଇତିହାସରେ ଏହି ପରିବାରର ଚରମ ତ୍ୟାଗ ଏବେବି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିଛି ।

୧୯୩୪ ମସିହାରେ ଗୋପବନ୍ଧୁ ଚୌଧୁରୀ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ନେଇଥିଲେ ଓ ଏଇଠି ଗଢ଼ି ଉଠିଥିଲା 'ମାନବ ସେବା- ମାଧବ ସେବା'ର ଯଜ୍ଞବେଦୀ ବହୁ ଚର୍ଚ୍ଚିତ ବରୀ ଆଶ୍ରମ । ଗ୍ରାମ ସଫେଇ, ନିଶା ନିବାରଣ, ପୌଢ଼ଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ୍ୟ ଅର୍ଥନୀତିର ଉନ୍ନତି ପାଇଁ ସେ ଅହରହ ଉଦ୍ୟମ ଜାରି ରଖିଥିଲେ । କାରଣ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଗ୍ରାମ୍ୟ ଅର୍ଥନୀତିର ବିକାଶ ନ ହେଲେ ସଂପୂର୍ଣ୍ଣ ସ୍ୱରାଜ ଆସିପାରିବ ନାହିଁ । ଏହି ଗଠନ ମୂଳକ କାର୍ଯ୍ୟରେ ତାଙ୍କର ଏକମାତ୍ର ପୁତ୍ର ମନମୋହନ, ପତ୍ନୀ ରମାଦେବୀ ଓ ଝିଅ ଅନ୍ନପୂର୍ଣ୍ଣା ମଧ୍ୟ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ । ଗୋପବନ୍ଧୁ ଚୌଧୁରୀ ପ୍ରତ୍ୟକ୍ଷ ରାଜନୀତିରେ ରହିବାକୁ ପସନ୍ଦ କରୁନଥିଲେ । ତାଙ୍କର ଏହି ସେବା କାର୍ଯ୍ୟଦ୍ୱାରା ସ୍ୱରାଜ ଚେତନା ଓ ଦେଶପ୍ରେମ ଭାବ ଉଦ୍ରେକ ହେଉଥିଲା, ସେଥିପାଇଁ ସେ ଇଂରେଜ ସରକାରଙ୍କ ରୋଷର ଶିକାର ହୋଇଥିଲେ । ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟରେ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତଛାଡ ଆନ୍ଦୋଳନରେ ସାମିଲ ହୋଇ ସେ ଅନେକବାର କାରାବରଣ କରିଥିଲେ । ୧୯୪୭ ମସିହାରେ ଦେଶ ସ୍ୱାଧୀନ ହେଲା । ହେଲେ ଗୋପବନ୍ଧୁ ଚୌଧୁରୀ ଅନୁଭବ କଲେ ଯେ, ଏ ସ୍ୱରାଜ ଗାନ୍ଧିଜୀଙ୍କ ପରିକଳ୍ପିତ ସ୍ୱରାଜ ନୁହେଁ । ସେଥିପାଇଁ ସେ କ୍ଷମତା ରାଜନୀତିରୁ ଦୂରେଇ ଯାଇଥିଲେ । ଅର୍ଥନୈତିକ ସମତା ପ୍ରତିଷ୍ଠା ତାଙ୍କ ଜୀବନର ପରମ ମନ୍ତ୍ର ଥିଲା । ସମାଜରୁ କିପରି ଶୋଷଣ ହଟିବ, ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂରହେବ ସେଥି ନିମନ୍ତେ ସେ ନିରନ୍ତର ପ୍ରୟାସ ଜାରି ରଖିଥିଲେ । ଗରିବ, ନିଃସହାୟ ଜନତାଙ୍କ ପ୍ରତି ସେ ସର୍ବଦା ସମ୍ବେଦନଶୀଳ ଥିଲେ । ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ସେ କେବଳ ସେଇମାନଙ୍କ କଥା ଚିନ୍ତା କରୁଥିଲେ ଓ ନିଜ ଆଦର୍ଶରୁ କେବେବି ବିଚ୍ୟୁତ ହୋଇନଥିଲେ । ସେଥିପାଇଁ ସେ ଲୋକମୁଖରେ 'ଲୋକବନ୍ଧୁ' ଭାବେ ସୁପରିଚିତ ଥିଲେ ତ କେହି କେହି ତାଙ୍କୁ 'ଓଡିଶାର ଗାନ୍ଧି' ବୋଲି ମଧ୍ୟ କହୁଥିଲେ। କ୍ଷମତା ରାଜନୀତିରୁ ଦୂରେଇ ରହିଥିବା ଗୋପବନ୍ଧୁଙ୍କର କୌଣସି ଉପାଧି ବା ସମ୍ମାନ ପ୍ରତି ତିଳେମାତ୍ର ଆସକ୍ତି ନ ଥିଲା। ଏହାହିଁ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ । ୧୯୫୬ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ପିଏଚ୍.ଡି ଦେବାକୁ ନିଷ୍ପତ୍ତି କଲେ । ଏଥିପାଇଁ ସ୍ୱୀକୃତି ଦେବାକୁ କୁଳପତି ଡ. ପ୍ରାଣକୃଷ୍ଣ ପରିଜା ତାଙ୍କୁ ପତ୍ର ଲେଖିଲେ । ମାତ୍ର ଗୋପବନ୍ଧୁ ଉତ୍ତରରେ ଲେଖିଥିଲେ- 'ଯେତିକି ଉପାଧି ମୋ ସହିତ ଯୋଡା ହୋଇଛି ତାହା ଜନଗଣଙ୍କ ସଙ୍ଗେ ଏକାତ୍ମ ହେବାରେ ବାଧାସୃଷ୍ଟି କରୁଛି ବୋଲି ମୁଁ ମନେ କରୁଛି । ଏ ଉପାଧି ଯୋଡା ହେଲେ ମୁଁ ଲୋକମାନଙ୍କଠାରୁ ଆହୁରି ଦୂରେଇଯିବା ଆଶଙ୍କା ହେଉଥିବାରୁ ମୁଁ ଏ ଉପାଧି ଗ୍ରହଣ କରିପାରିବି ନାହିଁ ।' ଆଜିର ଦୁନିଆରେ ଏପରି ତ୍ୟାଗୀ ମଣିଷ ସତରେ ବିରଳ ।

ଗୋପବନ୍ଧୁ ଚୌଧୁରୀ ଆଜି ଆମ ଗହଣରେ ନାହାଁନ୍ତି । ୧୯୫୮ ମସିହା ଏପ୍ରିଲ ୨୯ ତାରିଖରେ ତାଙ୍କର ଦେହାବସାନ ଘଟିଛି । ହେଲେ ସେ ଜୀଇଁ ରହିଛନ୍ତି ଓ ଜୀଇଁ ରହିଥିବେ କାଳକାଳକୁ । ସେଇଥିପାଇଁ ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶକରି ଭାରତର ତତ୍କାଳୀନ ରାଷ୍ଟ୍ରପତି ଡ. ରାଜେନ୍ଦ୍ର ପ୍ରସାଦ ଶୋକବାର୍ତ୍ତାରେ ଲେଖିଥିଲେ -'ତାଙ୍କୁ ହରାଇ ଦେଶ ବିଶେଷକରି ଓଡ଼ିଶା ଜଣେ ଏପରି ନିଷ୍ଠାପର ସେବକକୁ ହରାଇଲା, ଯେ କେବଳ ଦୀନତମ,ଦରିଦ୍ରତମର ସେବା ପାଇଁ ବ୍ୟାକୁଳ ଥିଲେ । ସେ କେବଳ ନିଜେ ସେବାରେ ଲାଗିନଥିଲେ-ନିଜର ପରିବାରକୁ ଦେଶସେବାରେ ଆତ୍ମ ନିଯୋଗ କରିବାକୁ ଉଦ୍‌ବୁଦ୍ଧ କରିଥିଲେ ।'

**ତିର୍ତ୍ତୋଲ, ଜଗତସିଂହପୁର**
**ମୋ-୯୩୩୭୨୨୧୯୨୪**

# ଶିକ୍ଷାବିତ୍ ରଜତ କର

## ଅନନ୍ତ ଗୋପାଳ ପଣ୍ଡା

ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଉପାସକ ଏବଂ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ଗବେଷକ ଭାବେ ଆଧାତ୍ମିକ, ସାଂସ୍କୃତିକ ପରିମଣ୍ଡଳରେ ନିଜକୁ ପ୍ରତିଷ୍ଠିତ କରିପାରିଥିବା ବ୍ୟକ୍ତିତ୍ୱ ଥିଲେ ପଦ୍ମଶ୍ରୀ ରଜତ କୁମାର କର । ଅବିଭକ୍ତ ସାଲେପୁର ଅନ୍ତର୍ଗତ ମାହାଙ୍ଗା ମାଟିର ବରପୁତ୍ର ଭାବରେ ୧୯୩୩ ମସିହା ସେପ୍ଟେମ୍ବର ମାସ ୨ ତାରିଖ ପବିତ୍ର ଅନନ୍ତ ଚତୁର୍ଦ୍ଦଶୀ ତିଥିରେ ପିତା କୁଳମଣି କର ଓ ମାତା ଇନ୍ଦୁମତୀ ଦେବୀଙ୍କ କୋଳମଣ୍ଡନ କରି ଭୂମିଷ୍ଠ ହୋଇଥିଲେ ରଜତ କୁମାର । ପିତାମାତାଙ୍କ ପୁଣ୍ୟ ତଥା ଈଶ୍ୱରଙ୍କ କୃପାପ୍ରାପ୍ତ ବାଳକ ରଜତ ଚନ୍ଦ୍ରକଳାର ବୃଦ୍ଧି ପ୍ରାୟ ଅସାଧାରଣ ବିଦ୍‌ବତ୍ତାର ଅଧିକାରୀ ହେଲେ । ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ପ୍ରାପ୍ତହୋଇ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ନିର୍ଦ୍ଦେଶକ ରୂପେ ହୋଇଥିଲେ ଅବସ୍ଥାପିତ । ତାଙ୍କର କର୍ମମୟ ଜୀବନ ଥିଲା ଆଦର୍ଶରେ ପରିପୂର୍ଣ୍ଣ ।

ସ୍ୱର୍ଗତଃ କର ଗୋଟିଏ ପକ୍ଷରେ ବୃତ୍ତିରେ ନିଷ୍ଠା ପ୍ରଦର୍ଶନ ସହିତ ପ୍ରବୃତ୍ତ ସାହିତ୍ୟ ସାଧନା ଏବଂ ସଂସ୍କୃତି ଉପାସନାରେ ସେ ଦେଉଥିଲେ ଗୁରୁତ୍ୱ । ଓଡ଼ିଆ ଅସ୍ମିତାର ପ୍ରତୀକ ବିଶ୍ୱବନ୍ଦିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମାକୁ ପ୍ରଖ୍ୟାପିତ କରିବାପାଇଁ ତାଙ୍କର ଜୀବନ ଥିଲା ଉତ୍ସର୍ଗୀକୃତ । ୧୯୫୯ ମସିହାରୁ ଆକାଶବାଣୀ କଟକ ଏବଂ ପରେ ଦୂରଦର୍ଶନ ମାଧ୍ୟମରେ ନୀଳାଦ୍ରିନାଥଙ୍କ ଘୋଷଯାତ୍ରାର ପ୍ରତ୍ୟକ୍ଷଦର୍ଶୀ ଧାରାବିବରଣୀ ପ୍ରଦାନ ସମୟରେ ତାଙ୍କର ଭକ୍ତି ସମ୍ବଳିତ,ତତ୍ତ୍ୱ ଆଧାରିତ ବକ୍ତବ୍ୟ ଉପସ୍ଥାପନ ଶ୍ରୋତାମାନଙ୍କ ହୃଦୟ କନ୍ଦରରେ ସୃଷ୍ଟିକରୁଥିଲା ଭକ୍ତିର ମନ୍ଦାକିନୀ । ସଭାସମିତିରେ ତାଙ୍କ ଦ୍ୱାରା ପ୍ରଦନ୍ତ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ଓ ତଥ୍ୟ ଆଧାରିତ ଅଭିଭାଷଣ ଶୁଣି ଶ୍ରୋତାମାନେ ମନ୍ତ୍ରମୁଗ୍ଧ ହେଉଥିଲେ । ତାଙ୍କ ଲେଖନୀ ନିଃସୃତ ଅନେକ ପ୍ରବନ୍ଧ, ନାଟକ, ଏବଂ ଭକ୍ତିଗୀତ ମୁଖ୍ୟତଃ ଥିଲା ଶ୍ରୀଜଗନ୍ନାଥଙ୍କ ଉପରେ ଆଧାରିତ । ଅକାଶବାଣୀ କଟକ କେନ୍ଦ୍ରରୁ ପ୍ରଚାରିତ ନାଟକ, ବାଇଶି ପାହାଚକୁ ଯେ ଶୁଣିଛି ସେ ହିଁ ଅନୁଭବ କରିପାରିବ ତାଙ୍କର ପ୍ରଭୁ ଜଗନ୍ନାଥଙ୍କ ପ୍ରତିଥିବା ସମର୍ପିତ ମନୋଭାବ ।

ତାଙ୍କ ଜୀବନ ପ୍ରଦୀପ ନିର୍ବାପିତ ହେବା ପୂର୍ବରୁ ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପରେ ଅଭିନୀତ ତାଙ୍କ ରଚିତ ନାଟକ 'ନିଷିଦ୍ଧ ନୀଳାଚଳ' ଦର୍ଶକ ମାନଙ୍କ ଚକ୍ଷୁଯୁଗଳକୁ ଆଦ୍ର କରିବା ସହିତ ହୃଦୟର ବୀଣାରେ ତୋଳିଥିଲା କାରୁଣ୍ୟର ମୂର୍ଚ୍ଛନା । ଆକାଶବାଣୀ କଟକ କେନ୍ଦ୍ର ନାଟକ ବିଭାଗର ପ୍ରଥମଶ୍ରେଣୀ କଳାକାର ଭାବରେ ତାଙ୍କର ସଂଳାପ ଉପସ୍ଥାପନର ଶୈଳୀ ଶ୍ରୋତାମାନଙ୍କୁ କରୁଥିଲା ବିମୋହିତ । ଆକାଶବାଣୀର ସ୍ୱୀକୃତି ପ୍ରାପ୍ତ ଗୀତିକାର ଭାବରେ ତାଙ୍କ ରଚିତ ଅନେକ ଭଜନର ପଦମାନ ଆଜି ମଧ୍ୟ ବକ୍ତା ତଥା ଘୋଷକମାନଙ୍କ କଣ୍ଠରୁ ବାରମ୍ବାର ହେଉଛି ନିଃସୃତ ।

ସ୍ୱର୍ଗତଃ କର ଥିଲେ ଭଂଜ ସାହିତ୍ୟର ଗବେଷକ ତଥା ପ୍ରଚାରକ । ସଂସ୍କୃତି ପୁରୁଷ ବିଚ୍ଛନ୍ଦ ଚରଣଙ୍କ ପଞ୍ଚଶିଷ୍ୟ ଭାବରେ ଭଞ୍ଜଙ୍କ ସ୍ମୃତିରେ ଗଠିତ କଳିଙ୍ଗ ଭାରତୀର ସଭାପତି ପଦ ମଣ୍ଡନ ସହିତ, ଯମକ, ଅନୁପ୍ରାସ ଆଧାରରେ ରଚିତ ଏବଂ ଶବ୍ଦ ସମ୍ଭାରରେ ବିମଣ୍ଡିତ ଭଞ୍ଜଙ୍କ ସୃଷ୍ଟ କାବ୍ୟମାନଙ୍କୁ ସାଧାରଣ ଜନତାଙ୍କ ନିକଟରେ ବୋଧଗମ୍ୟ କରିବା ନିମନ୍ତେ ତାଙ୍କର ପ୍ରଚେଷ୍ଟା ଜାରି ରହିଥିଲା ଜୀବନ ନାଟକର ଯବନିକା ପତନ ପର୍ଯ୍ୟନ୍ତ । ତାଙ୍କ ଉଦ୍ୟମର ଫଳ ସ୍ୱରୂପ ଦୂରଦର୍ଶନରେ 'ବୈଦେହୀଶ ବିଳାସ'ର ପ୍ରସାରଣ ହୋଇଥିଲା । ପ୍ରତି ପଦର ବାଖ୍ୟା ସେ ନିଜେ ସରଳ ଓ ସାବଲୀଳ ଭାବରେ ଉପସ୍ଥାପନ କରୁଥିଲେ ।

ଓଡ଼ିଶାର ଜନଜୀବନରେ ଲୋକକଳା ଭାବେ ଅତୀତରେ ପ୍ରଭାବ ବିସ୍ତାର କରିଥିବା ପାଲା ସଂସ୍କୃତିକୁ ଉଜ୍ଜୀବିତ କରିବା ନିମନ୍ତେ ସେ ନିଖିଳୋତ୍କଳ ପାଲାସଂଘର ସଭାପତି ପଦ ମଣ୍ଡନ କରିବା ସହିତ ଏକ ଓଡ଼ିଆ ଚ୍ୟାନେଲରେ ପ୍ରସାରିତ ବାଦୀପାଲା ମଞ୍ଚ କାର୍ଯ୍ୟକ୍ରମର ସେ ଥିଲେ ଉପସ୍ଥାପକ ତଥା ସମୀକ୍ଷକ ।

ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଭାବରେ ସେ ଥିଲେ ଓଡ଼ିଆ ସାହିତ୍ୟର ଜଣେ ପ୍ରଜ୍ଞାଦୀପ୍ତ ପୁରୁଷ । ତାଙ୍କ ଲେଖନୀ ନିଃସୃତ ଜନଜୀବନରେ ଜଗନ୍ନାଥ, ଅନ୍ଧପୁତୁଳି, ଚନ୍ଦନ ହଜୁରୀ, ଜଣାଣ ଜଣାଉଛି ଜଗନ୍ନାଥଙ୍କୁ, ଜନମାନସରେ ଭଞ୍ଜ, ଭକ୍ତ ଭଜଇ ଭଗବାନ, ବାଇଶି ପାହାଚ, ବୀର ଚାଖି ଖୁଣ୍ଟିଆ, ସୁରେନ୍ଦ୍ର ସାଏ, କବି ସମ୍ରାଟ ଆଦି ଅନେକ ସାରସ୍ୱତ କୃତି ଓଡ଼ିଆ ବାଣୀ ଭଣ୍ଡାରକୁ କରିଛି ସମୃଦ୍ଧ । ତାଙ୍କର ଅସାଧାରଣ ପ୍ରତିଭାକୁ ସମ୍ମାନ ଜଣାଇ ମହାମହିମ ରାଷ୍ଟ୍ରପତି ତାଙ୍କୁ ୨୦୨୧ ମସିହାରେ ପଦ୍ମଶ୍ରୀ ଉପାଧିରେ କରିଥିଲେ ଭୂଷିତ ।

ଏହିପରି ଜଣେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପାସକ,ଭଞ୍ଜସାହିତ୍ୟର ଗବେଷକ, ବିଶିଷ୍ଟ ଶିକ୍ଷାବିତ୍, ସ୍ୱନାମଧନ୍ୟ ନାଟ୍ୟକାର, ସୁସାହିତ୍ୟିକ, ଅନନ୍ୟ ସୃଜନଶୀଳ ବ୍ୟକ୍ତିତ୍ୱ, ଶାସ୍ତ୍ରବିତ୍, ସୁବକ୍ତା,ତତ୍ତ୍ୱଦର୍ଶୀ, ତଥା ଓଡ଼ିଆ ସାଂସ୍କୃତିକ ଆକାଶର ଉଜ୍ଜ୍ୱଳତମ ଜ୍ୟୋତିଷ୍କ ଡ. ରଜତ କୁମାର କର ସାହିତ୍ୟ, ସଂସ୍କୃତି, ଲୋକକଳା ପ୍ରେମୀମାନଙ୍କୁ ଶୋକସାଗରରେ ଭସାଇ ୨୦୨୨ ମସିହା ମେ ମାସ ୮ତାରିଖରେ ପଞ୍ଚମହାଭୂତରେ ବିଲୀନ ହୋଇଥିଲେ ।

ଆଜି ଆମ ଗହଣରେ ଉତ୍କଳ ଜନନୀର ବରପୁତ୍ର, ଯଶସ୍ୱୀ ବାଗ୍ମୀପ୍ରବର, ପଦ୍ମଶ୍ରୀ ଡ. ରଜତ କର ସଶରୀରେ ନାହାଁନ୍ତି ସତ କିନ୍ତୁ ତାଙ୍କ କୃତି ଏବଂ କୀର୍ତ୍ତି ଓଡିଶାବାସୀଙ୍କ ମାନସପଟରେ ଅମ୍ଳାନ ସ୍ମୃତି ହୋଇ ରହିଥିବ ଚିରଦିନ ପାଇଁ । ଯେତେଦିନ ପର୍ଯ୍ୟନ୍ତ କଳିଙ୍ଗ ଭାରତୀ ଆନୁକୂଲ୍ୟରେ ଭଞ୍ଜ ଜୟନ୍ତୀ ହେଉଥିବ ଅନୁଷ୍ଠିତ, ଆକାଶବାଣୀରୁ ତାଙ୍କ ରଚିତ ତଥା ଅଭିନୀତ ନାଟକ ପ୍ରଚାରିତ ହେଉଥିବ, ରେଡିଓରୁ ତାଙ୍କ ଲିଖିତ ଭଜନ ମାନ ବିଭିନ୍ନ ଶିଳ୍ପୀଙ୍କ କଣ୍ଠରୁ ହେଉଥିବ ନିଃସୃତ, ସେତେଦିନ ପର୍ଯ୍ୟନ୍ତ ପଦ୍ମଶ୍ରୀ ଡ. କର ରହିଥିବେ ଅମର ହୋଇ, ଏଥିରେ ସନ୍ଦେହର ଅବକାଶ ନାହିଁ ।

**ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର**
**ମୋ-୯୮୬୧୪୭୦୧୯୮**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସିନ୍ଦୂର...

ସୋଫିଆ କୁରେସି, ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ଅପରେସନ୍ ସିନ୍ଦୁର ସମ୍ପର୍କରେ ଦେଶବାସୀଙ୍କୁ ଜଣାଇଛନ୍ତି । ବିକ୍ରମ ମିଶ୍ରି କହିଛନ୍ତି ଯେ ଭାରତ ବିରୋଧରେ ଅଧିକରୁ ଅଧିକ ଆକ୍ରମଣ କରିବା ପାଇଁ ଯୋଜନା ଥିଲା ବୋଲି ଆମ ନିକଟରେ ଗୁଇନ୍ଦା ତଥ୍ୟ ଥିଲା । ଏହାକୁ ରୋକିବା ଅତ୍ୟନ୍ତ ଜରୁରୀ ଥିଲା । ତେଣୁ ଆଜି ଆତଙ୍କବାଦୀଙ୍କୁ ରୋକିବା ପାଇଁ ଆମେ ଆମର ଅଧିକାର ପ୍ରୟୋଗ କରିଛୁ । ମୁଜାଫରାବାଦ୍, କୋଟଲୀ, ବାହାୱଲପୁର, ରାୱାଲାକୋଟ୍, ଚାକସୋହାରୀ, ନିଲୁମ୍ ଭ୍ୟାଲୀ, ଝେଲମ୍ ଓ ଚକୱାଲରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକ ଉପରେ ଆକ୍ରମଣ କରାଯାଇଛି । ଏଠାରେ ଆତଙ୍କୀ କ୍ୟାମ୍ପ ଚାଲିଥିବା ଗୁଇନ୍ଦା ତଥ୍ୟ ରହିଥିଲା । ଏହି କ୍ୟାମ୍ପଗୁଡ଼ିକରେ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ଓ ଲସ୍କର-ଇ-ତୋଇବା ପକ୍ଷରୁ ବ୍ୟବହାର କରାଯାଉଥିଲା । ଏହି ଦୁଇ ସଂଗଠନ କିଛି ଦଶନ୍ଧି ଧରି ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ଜାରି ରଖିଥିଲେ । ୯ଟି ଠିକଣା ମଧ୍ୟରୁ ୫ଟି ପାକିସ୍ତାନ ଅଧିକୃତ କାଶ୍ମୀରରେ ରହିଥିବାବେଳେ ବାକି ୪ ପାକିସ୍ତାନର ମୁଖ୍ୟ ସହରରେ ରହିଥିଲା । ମୁଜାଫରାବାଦ୍ ଓ କୋଟଲୀ ପୂର୍ବରୁ ହିଁ ଆତଙ୍କବାଦୀ ଅନୁପ୍ରବେଶ ପାଇଁ ସ୍ୱତନ୍ତ୍ର ସ୍ଥାନ ଭାବେ ଚିହ୍ନଟ ହୋଇଥିଲା । ସେନା କହିବାନୁଯାୟୀ ସମସ୍ତ ଷ୍ଟ୍ରାଇକ୍ ସେମାନଙ୍କ ଲକ୍ଷ୍ୟ ପୂରଣ କରିଛନ୍ତି । ୟୁଏଭି ବା ଡ୍ରୋନ୍ କ୍ୟାମେରା ଦ୍ୱାରା ଆକ୍ରମଣ କରାଯାଇ କମାଣ୍ଡୋ ସେଣ୍ଟର, ଟ୍ରେନିଂ କ୍ୟାମ୍ପ, ଆର୍ମ ଡିପୋ ଓ ରଣନୀତି ପ୍ରସ୍ତୁତ କରୁଥିବା କ୍ୟାମ୍ପଗୁଡ଼ିକ କେମିତି ଧ୍ୱଂସ ହୋଇଛି ତାହାର ରେକର୍ଡ କରାଯାଇଛି । ଆତଙ୍କବାଦୀଙ୍କ ଆଡ୍ଡାକୁ କେବଳ ଟାର୍ଗେଟ କରାଯାଇଥିବାରୁ ଆକ୍ରମଣରେ ପାକିସ୍ତାନର କୌଣସି ପ୍ରତିଷ୍ଠାନ ବା ସାଧାରଣ ଲୋକଙ୍କର କ୍ଷୟକ୍ଷତି ହୋଇନାହିଁ ।

କର୍ଣ୍ଣେଲ ସୋଫିଆ କୁରେସି ଗଣମାଧ୍ୟମକୁ କହିଛନ୍ତି ଯେ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରାୟ ୧.୦୫ ରୁ ଅପରେସନ୍ ଆରମ୍ଭ ହୋଇଥିଲା ଓ ରାତି ୧.୩୦ରେ ଶେଷ ହୋଇଥିଲା । ଅପରେସନ୍‌ର ନାମ ଥିଲା ସିନ୍ଦୁର । ଆତଙ୍କୀଙ୍କ ୯ଟି ଠିକଣାରେ ଏୟାର ଷ୍ଟ୍ରାଇକ୍ କରି ଶିବିରକୁ ଧ୍ୱଂସ କରାଯାଇଛି । ୱିଙ୍ଗ କମାଣ୍ଡର ଭୂମିକା ସିଂହ କହିଛନ୍ତି ଯେ ପାକିସ୍ତାନ ୩୦ ବର୍ଷ ମଧ୍ୟରେ ଆତଙ୍କୀ କାରଖାନା ତିଆରି କରିଛି । ମୁଜାଫରାବାଦ୍‌ରେ ଥିବା ଲସ୍କର ତାଲିମ ଶିବିର ଉପରେ ଆକ୍ରମଣ କରି ଉଡାଇ ଦିଆଯାଇଛି । ଆତଙ୍କବାଦୀମାନେ ଏଠାରୁ ପ୍ରଶିକ୍ଷଣ ନେଉଥିଲେ । ଏଠୁ ଆତଙ୍କୀ ସୋନାମାର୍ଗ ଏଠାକୁ ଆସୁଥିଲେ ବୋଲି ସେ କହିଛନ୍ତି । ୪୪ ବର୍ଷୀୟ ସୋଫିଆ କୁରେସି ହେଉଛନ୍ତି ୧୧ ମହିଳା ଅଫିସରଙ୍କ ଭିତରେ ଏକ ଅନ୍ୟତମ ଅଫିସର । ମହିଳା ଅଫିସର ଭାବେ ଭାରତୀୟ ସେନାରେ ସେ ତାଙ୍କ ସ୍ଥାନ ସୁଦୃଢ଼ କରିଛନ୍ତି । ଅପରେସନ୍ ସିନ୍ଦୁର ସମୟରେ ପାକ୍ ସ୍ଥିତ ଆତଙ୍କୀ ଆଡ୍ଡାଗୁଡ଼ିକୁ ଦୁଇଥର ଆକ୍ରମଣ କରାଯାଇଥିବା ସୂଚନା ମିଳିଛି । ସେନା ପକ୍ଷରୁ ଭାରତୀୟ ସୀମା ଭିତରେ ରହି ଅସ୍ତ୍ର ପ୍ରହାର କରାଯାଇଥିଲା । ସ୍କାଲ୍ପ କ୍ରୁଜ୍ ମିସାଇଲ, ହାମର ପ୍ରେସିଜନ୍ ଗାଇଡେଡ୍ ବମ୍ ଆଦି ବ୍ୟବହାର କରାଯାଇଥିଲା । ବ୍ୟବହାର ହୋଇଥିବା ମିଶାଇଲର କ୍ଷମତା ୨୫୦ କିମି ଥିଲା । ହାମର ବମ୍ ମଧ୍ୟ ବହୁତ ପ୍ରସାଦ ଉପରେ ପ୍ରକାଶିତ କରୁଥିବା ଏହା ଭାଙ୍ଗିଗୁଡ଼ି ଯାଇଛି । ଭାରତୀୟ ବାୟୁସେନା ପକ୍ଷରୁ ମଧ୍ୟ ଆକାଶରୁ ଗୁଳି ବର୍ଷଣ କରାଯାଇଥିଲା । ୨୦୧୬ରେ ଜମ୍ମୁ-କାଶ୍ମୀରର ଉରି ଆକ୍ରମଣ ପରେ ଭାରତୀୟ ସେନା ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲା । ପୁଲୱାମା ଘଟଣା ପରେ ବି ଏୟାର ଷ୍ଟ୍ରାଇକ୍ ହୋଇଥିଲା । ତେବେ ଏଥର ଅପରେସନ୍ ସିନ୍ଦୁର ସବୁଠୁ ବଡ ଆକ୍ରମଣ ବୋଲି କୁହାଯାଉଛି । ଭାରତ ପାକିସ୍ତାନକୁ ଦୃଢ଼ ଜବାବ ଦେଇଛି ।

ପାକିସ୍ତାନ ପକ୍ଷରୁ କୁହାଯାଇଛି ଯେ ଭାରତର ଏହି ଅପରେସନ୍‌ରେ ଅନେକ ସାଧାରଣ ନାଗରିକ ମୃତ୍ୟୁ ବରଣ କରିଛନ୍ତି । ମାତ୍ର ଭାରତ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପାକିସ୍ତାନର ସବୁ ଅଧିକାର ରହିଛି । ଭାରତ ପକ୍ଷରୁ ଯେଉଁ ଯୁଦ୍ଧ ଲଦି ଦିଆଯାଉଛି ତାହାର ଯବାବ ଦେବାପାଇଁ । ଆମେ ଏହାର ଜବାବ ଦେବୁ ।

## ୨୬ ମାଓ...

ଯବାନ ସର୍ଚ୍ଚ ଅପରେସନ କରୁଥିବା ବେଳେ ୨୬ ଜଣ ମାଓବାଦୀଙ୍କ ଶବ ମିଳିଥିବା ପୋଲିସ ସୂଚନା ମିଳିଛି ।

ଗତ ୨୨ ଏପ୍ରିଲରୁ ଆରମ୍ଭ ହୋଇଥିବା ଏହି ଅପରେସନରେ ୧୦ ହଜାର ଯବାନ ସାମିଲ ହୋଇଛନ୍ତି। ଗତ କିଛି ଦିନ ପୂର୍ବେ ୩ ଜଣ ଏବଂ ଗତ ଦୁଇ ଦିନ ତଳେ ଜଣେ ମହିଳା ମାଓବାଦୀଙ୍କୁ ଯବାନ ମାରିଥିଲେ। ବଡ଼ ଏନକାଉଣ୍ଟରରେ ବୁଧବାର ୨୬ ଜଣ ମାଓବାଦୀଙ୍କ ମୃତ୍ୟୁବରଣ କରିଥିବା ସୂଚନା ମିଳୁଛି। ମାଓ ଦମନରେ ନିର୍ଣ୍ଣାୟକ ଲଢେଇ ଜାରି ରହିଥିବା ବେଳେ ବଡ଼ବଡ଼ କ୍ୟାଡର ମାଓବାଦୀ ଏବେ କେଉଁଠି ଲୁଚି ରହିଛନ୍ତି ଯବାନ ତନ୍ନ ତନ୍ନ କରି ଯାଞ୍ଚ କରୁଛନ୍ତି। କାରେଗଟ୍ଟା ଜଂଗଲରେ ବଡ ବଡ ମାଓବାଦୀ ଲୁଚି ରହିଥାନ୍ତି। ଜଂଗଲର ବ୍ୟାପକ ମାତ୍ରାରେ ବୋମା ଖଞ୍ଜା ଯାଇଥିଲା। ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ଲ୍ୟାଣ୍ଡମାଇନ ଯବାନ ଉଦ୍ଧାର କରି ନିଷ୍କ୍ରିୟ କରିସାରିଲେଣି। ଏହି ବୋମା ନିଷ୍କ୍ରିୟ ସମୟରେ ୫ରୁ ୬ ଜଣ ଯବାନ ଆହତ ମଧ୍ୟ ହୋଇଛନ୍ତି। ଏହି ଅପରେସନରେ ସିଆରପିଏଫ୍, ଏସଟିଏଫ୍, ଡିଆରଜି, ବସ୍ତର ଫାଇଟର୍ସ ଇତ୍ୟାଦି ବାଟାଲିୟନର ଯବାନ ସାମିଲ ଅଛନ୍ତି । ଘଟଣାସ୍ଥଳରୁ ବିସ୍ଫୋରକ ସହ ବହୁ ମାଓ ବ୍ୟବହାର ସାମଗ୍ରୀ ଜବତ କରାଯାଇଛି। ମାଓବାଦୀଙ୍କୁ ଲୁଚିବାକୁ ସ୍ଥାନ ନଥିବା ପୁଲିସ କହିଛି। ସରକାର ଏବଂ ପୁଲିସର ଉଚ୍ଚ ପଦାଧିକାରୀମାନେ ଏହି ଅପରେସନ ଉପରେ ତୀକ୍ଷଣ୍ ନଜର ରଖିଛନ୍ତି। ପ୍ରତ୍ୟେକ ଘଟଣାକୁ ନେଇ ତର୍ଜମା କରାଯାଉଛି। ମାଓବାଦୀଙ୍କୁ ଶେଷ ସୁଯୋଗ ପ୍ରଦାନ କରାଯାଇଛି। ଆତ୍ମସମର୍ପଣ କର ନଚେତ ମର। ତେବେ ରହି ରହି ଗୁଳିବିନିମୟ ହେଉଥିବାରୁ ସର୍ଚ୍ଚ ଅପରେସନରେ ବାଧା ସୃଷ୍ଟି ହେଉଥିବା ସୂଚନା ମିଳିଛି।

## ନିର୍ବାଚନମଣ୍ଡଳୀଓ୍ୱାରୀ...

୨୦୨୪କୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଏହି କ୍ୟାଡରରେ ୧୧୩ ନୂଆ ପଦବୀ ସୃଷ୍ଟି କରାଯାଇଛି । ଏହାର କ୍ଷମତା ୪୦୪୫ରୁ ୪୧୫୮କୁ ବୃଦ୍ଧି କରାଯାଇଛି । ବେସାମରିକ ସେବା (ପେନ୍‌ସନ୍ ନିୟମାବଳୀ)ର ସରଳୀକରଣ ଓ ପ୍ରଣାଳୀଗତ ନିୟମଗତ ତ୍ରୁଟି ବା ଅସଙ୍ଗତି ଦୂର କରିବା ପାଇଁ ସଂଶୋଧନ କରାଯାଇଛି । ଏହି ସଂଶୋଧନ ଅନୁଯାୟୀ ସମୟ ଉପଯୋଗୀ ପ୍ରୟୋଜନ ମୁତାବକ ପରିବର୍ତ୍ତନ କରାଯାଇଛି । ସେହିଭଳି ନିର୍ମଳ, ସାର୍ବଜନିନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁଷଙ୍ଗିକ ସେବାକୁ ସୁଦୃଢ଼ କରିବା ଲାଗି ଏହି ଯୋଜନାକୁ ୫ ବର୍ଷ ଯାଏ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି । ୫ ବର୍ଷ ଲାଗି ୫୧୭୪.୭୯ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ଅନୁମୋଦନ କରାଯାଇଛି । ମାଗଣା ନିଦାନ ଓ ଡାଏଲେସିସ୍ ସେବା ଯୋଜନାକୁ ୫ ବର୍ଷ ଜାରି ରଖିବାକୁ ଅନୁମୋଦନ କରାଯାଇଛି । ୫ ବର୍ଷ ପାଇଁ ୨୪୫୯.୫୧ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ଅନୁମୋଦନ କରାଯାଇଛି । ମାଗଣା ଡାଇଗ୍ନୋଷ୍ଟିକ୍ ସେବା ଅଧିନରେ ରାଜ୍ୟ ସ୍ୱାସ୍ଥ୍ୟ ସେବାର ପ୍ରତ୍ୟେକ ସ୍ତରରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ପାଥୋଲୋଜିକାଲ ପରୀକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରାଯିବ । ଉପସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ୧୬ ପ୍ରକାର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୫ ପ୍ରକାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୩ ପ୍ରକାର, ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ୨୨୧ ପରୀକ୍ଷା ହେବ । ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଓ ବିପର୍ଯ୍ୟୟ ପ୍ରତିରୋଧ ସଡକ ନାମରେ ଏକ ନୂତନ ଯୋଜନା ଆରମ୍ଭ କରାଯାଇଛି । ୫ ଆର୍ଥିକ ବର୍ଷ ଲାଗି ୨୦୨୫-୨୬ରୁ ୨୦୨୯-୩୦ ବର୍ଷରେ ହଜାରେ କୋଟି ଟଙ୍କା ବ୍ୟୟ ବରାଦକୁ ଅନୁମୋଦନ କରାଯାଇ ୫୦୦ କିମି ନୂତନ ରାସ୍ତା ନିର୍ମାଣ କରାଯିବ ।

# ଅନ୍ତର୍ଜାତୀୟ ଇଜିପ୍ଟ ଇଣ୍ଟରନେସନାଲ ଅନୁଷ୍ଠାନ ପକ୍ଷରୁ ଡଃ ନାରାୟଣ ମହାପାତ୍ର ସମ୍ମାନିତ



ଭୁବନେଶ୍ୱର (ସବ୍ୟୁ) : ଇଜିପ୍ଟ ଇଣ୍ଟରନେସନାଲ ଅନୁଷ୍ଠାନ ପକ୍ଷରୁ ସମାଜ ମଙ୍ଗଳ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ ନାରାୟଣ ମହାପାତ୍ରଙ୍କୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଛି । ଟ୍ରଷ୍ଟ ପକ୍ଷରୁ ସମାଜରେ ବରିଷ୍ଠ ନାଗରିକଙ୍କ ଓ ଛୋଟ ଅନାଥ ପିଲାମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆ ଯାଏ ଟ୍ରଷ୍ଟ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ବୃକ୍ଷ ରୋପଣ ଓ ରକ୍ତ ଦାନ ସଂଗ୍ରହ ଶିବିର ମଧ୍ୟ କରାଯାଇ ଥାଏ, ପୂର୍ବରୁ ମଧ ବହୁ ଜାତୀୟ ଓ ଅର୍ନ୍ତଜାତୀୟ ଅନୁଷ୍ଠାନ ପକ୍ଷରୁ ମଧ ଡ ନାରାୟଣ ମହାପାତ୍ରଙ୍କୁ ସମାଜସେବା କ୍ଷେତ୍ରରେ ସମ୍ମାନସୂଚକ ଡକ୍ଟରେଟ ଓ ବହୁ ହ୍ୟୁମ୍ୟାନଟେରିଆନ ଉପାଧି ପ୍ରଦାନ କରିଛନ୍ତି ।

ଏହି ଡ଼କ୍ଟରେଟ ସମ୍ମାନ ନିମନ୍ତେ ଆମକୁ ଉପଯୁକ୍ତ ଭାବି ପ୍ରଦାନ କରି ଥିବାରୁ ଛଡ଼ ମହାପାତ୍ର ଅନୁଷ୍ଠାନର ପ୍ରତିଷ୍ଠାତା ଓ ଅନ୍ୟାନ୍ୟ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନୂଆଗଡ ପଞ୍ଚାୟତ ହରିପୁର ଗ୍ରାମର ଉଗ୍ରତାରା ମଧ ଇଂରାଜୀ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଅଞ୍ଚଳର ଜଣେ ବିଶିଷ୍ଟ ସମାଜସେବୀ ଧନେଶ୍ୱର ପାଇକରାୟଙ୍କର ପରଲୋକ ହୋଇଯାଇଛି।ଶାରୀରିକ ଅସୁସ୍ଥତା ତଥା ହୃଦଘାତ ଯୋଗୁଁ ମୃତ୍ୟୁ ବରଣ କରିଥିବା ଜଣାପଡିଛି ।ସେ ଜଣେ ଅମାୟିକ ପରୋପକାରୀ ବ୍ୟକ୍ତି ଥିଲେ ଓ ଶିକ୍ଷା ତଥା ସମାଜ ସଂସ୍କାର ଦିଗରେ ବହୁ ଅବଦାନ ଥିଲା। ତାଙ୍କ ମୃତ୍ୟୁରେ ଗ୍ରାମରେ ଓ ିଦ୍ୟାଳୟ ରେ ଶୋକ କୁଳ ପରିବେଶ ସୃଷ୍ଟି ହୋଇଛି। ତାଙ୍କ ମତ୍ୟୁ ଶଯ୍ୟା ନିକଟରେ କନିଷ୍ଟ ଭ୍ରାତା ଭାଗିରଥି ପାଇକରାୟ ଓ ଦୁଇ ଝିଅ ଓ ଶୋକ ସନ୍ତପ୍ତ ପରିବାର ବର୍ଗ ଉପସ୍ଥିତ ଥିଲେ।

# କାର୍ଲମାର୍କସଙ୍କ ଜୟନ୍ତୀ ପାଳନ

ଦଶପଲ୍ଲା,(ସବ୍ୟୁ) :ଦଶପଲ୍ଲା ଇଲେଭେନଷ୍ଟାର କ୍ଲବ୍ ଠାରେ ମହାନ୍ ଦାର୍ଶନିକ,ରାଜନୀତି ବିଜ୍ଞାନୀ, ଅର୍ଥନୀତିଜ୍ଞ, ସମାଜ ବିଜ୍ଞାନୀ କାର୍ଲ ମାର୍କସଙ୍କ ୨୦୭ ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। କୃଷକ ନେତା ବ୍ରଜବନ୍ଧୁ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନଚକ୍ରରେ ବକ୍ତାମାନେ କର୍ଲମାର୍କ୍ସଙ୍କ ଜୀବନ ଆଦର୍ଶ ଶ୍ରମିକ ଶ୍ରେଣୀ ପାଇଁ ଲଢେଇରେ ବାସ୍ତବ ଅଭିଜ୍ଞତା ସହିତ ମାନବ ସମାଜ ପାଇଁ ସାମ୍ୟବାଦ ଭଳି ଏକ ଯୁଗାନ୍ତକାରୀ ତତ୍ତ୍ୱ ପ୍ରଦାନ କରି ଯାଇଥିବା କହିଥିଲେ। ଏହା ମାନବ ସମାଜ ପାଇଁ ଏକ ଅମୂଲ୍ୟ ଅବଦାନଛ ଏହି ତତ୍ତ୍ୱ ସତ୍ୟ ,ଅଭ୍ରାନ୍ତ ଏବନ ବିଜ୍ଞାନ ସିଦ୍ଧ ଅଟେ।ଏହା ପୃଥିବୀରେ ବିଭିନ୍ନ ଦେଶରେ ପରୀକ୍ଷିତ ହୋଇଛି। ଶୋଷିତ ମଣିଷର ମୁକ୍ତି ପାଇଁ ଏହା ଅମୋଘ ଅସ୍ତ୍ର ଅଟେ ବୋଲି ବକ୍ତାମାନେ ମତ ଦେଇଥିଲେ।ଏହି ସଭାରେ ବିଶିଷ୍ଟ ବାମପନ୍ଥୀ ନେତା ଶରତ ଚନ୍ଦ୍ର ବେହେରା, ପ୍ରକାଶ ମଣ୍ଡଳ,ଜୟନ୍ତୀ ଦାଶ,ବିପିନ ବାଗ୍ଦ୍ଧ,ଶଙ୍କର ବରାଦ, ତ୍ରିନାଥ ବେହେରା,ନିରଞ୍ଜନ ନାୟକ ବିଶିଷ୍ଟ ସମାଜ ସେବୀ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ।

# ମାଟ୍ରିକ୍ ଏ-୧ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

ବେତନଟୀ,(ସବ୍ୟୁ) : ବେତନଟୀ ବ୍ଲକ ଓଷ୍ଟା ସଂଘ ପକ୍ଷରୁ ବେତନଟୀ ବ୍ଲକରେ ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ ଗ୍ରେଡ ପାଇ କୃତକାର୍ଯ୍ୟ ହୋଇଥିବା ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉଦ୍ଦେଶ୍ୟରେ ବୁଧବାର ଏକ ସମ୍ବର୍ଦ୍ଧନା ସଭା ବ ଶିଙ୍ଗା ଥାନା ଅନ୍ତର୍ଗତ ବାଳକ ହାଇସ୍କୁଲରେ ଅନୁଷ୍ଠିତ ହୋଇଥିଲା। ବତନଟୀ ବ୍ଲକ ଓଷ୍ଟା ସଂଘ ର ସଭାପତି ଶିଶିର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ , ସମ୍ମାନୀତ ଅତିଥି ଭାବରେ ବେତନଟୀ ବ୍ଲକ ଶିକ୍ଷା ଅଧିକାରୀ ବିପ୍ଲବ କର ,ଏମ୍ ପି ସି ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ଜିଲ୍ଲା ଓଷ୍ଟା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ପୂର୍ବତନ ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ରମାକାନ୍ତ ମହାନ୍ତ, ରଘୁନାଥ ହାଇସ୍କୁଲ ର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା,ବାଲକା ହାଇସ୍କୁଲ ର ପ୍ରଧାନ ଶିକ୍ଷକ ରଂଜନ ବାରିକ ପ୍ରମୁଖ ଯୋଗଦାନ କରିଥିଲେ। ଏ-୧ ଗ୍ରେଡ଼ ରେ କୃତିତ୍ୱ ହାସଲ କରିଥିବା ପ୍ରିୟଙ୍କା ମହାପାତ୍ର, ଶ୍ରେୟମ ସାହୁ, ଅଲିଭା ରାଉତ, ଲିପ୍ସିତା ପରିଡ଼ା, ଲଲାଟେନ୍ଦୁ ମହାନ୍ତ, ଓମ୍ ପ୍ରକାଶ ପୃଷ୍ଟି,କ୍ରିସ ଗୁପ୍ତା, ଅଙ୍କିତ ମିଶ୍ର,ସୁଭମ ଓଝା,ଧର୍ମଜୟ ରାଉତ ଙ୍କୁ ଅତିଥି ବୃନ୍ଦ ଟ୍ରଫି ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଦୋକାନଘରକୁ ନେଇ ହତ୍ୟା ଉଦ୍ୟମ: ୩ ଗିରଫ

ବାରଙ୍ଗ ,(ସବ୍ୟୁ) :ଦୋକାନଘରକୁ ନେଇ ଭଡାଟିଆଙ୍କ ମାଡ଼ରେ ଘର ମାଲିକଙ୍କ ଶାଳକ ଗୁରୁତର ହୋଇଥିବା ଜଣାପଡିଛି । ଏଭଳି ଘଟଣା ନନ୍ଦନକାନନ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଅଭିଯୋଗ ପରେ ପୋଲିସ ୩ ଜଣକୁ ଗିରଫ କରିଥିବା କୋର୍ଟ ଚାଲାଣ କରିଛି ।ସୂଚନା ଯୋଗ୍ୟ ଯେ, ନନ୍ଦନକାନନ ବସଷ୍ଟାଣ୍ଡରେ ରଘୁନାଥପୁର ଗ୍ରାମର ଲିଙ୍ଗରାଜ ରାଉତଙ୍କ ଏକ ହୋଟେଲ ଘର ରହିଛି।ଉକ୍ତ ହୋଟେଲକୁ ରଘୁନାଥପୁର ଗ୍ରାମର ନରେନ୍ଦ୍ର ରାଉତଙ୍କ ପୁଅ ଆନନ୍ଦ ଚୁକ୍ତିନାମା କରି ଭଡାସୂତ୍ରରେ ନେଇଥିଲେ।ପର୍ଯ୍ୟାୟକ୍ରମେ ମାସିକ ଭଡାଟଙ୍କା ନଦେବାରୁ ହୋଟେଲ ଛାଡ଼ିବା ପାଇଁ ଆନନ୍ଦକୁ କହିବାପରେ ବ ି ବ । ଦ ଦେଖାଦେଇଥିଲା।ବଜାରକମିଟି ଏଥିରେ ହସ୍ତକ୍ଷେପ କରି ଆଲୋଚନା କରି ପ୍ରକୃତ ସତ୍ୟାସତ୍ୟକୁ ଉପଲବ୍ଧ କରି ବିଶୃଙ୍ଖଳା ନକରି ଦୋକାନ ଛାଡ଼ିଦେବାକୁ ଆନନ୍ଦକୁ ପରାମର୍ଶ ଦେଇଥିଲେ ।ପରବର୍ତ୍ତୀ ସମୟରେ ଆନନ୍ଦ ଦୋକାନ ନଛାଡ଼ିବାରୁ ବୁଧବାର ଲିଙ୍ଗରାଜଙ୍କ ଶଳା ଓ ତାଙ୍କ ଭାଇ ଯାଇ ଆନନ୍ଦଙ୍କୁ ଚାବି ମାଗିଥିଲେ।ଏଥିରେ ଉ୍ ଖିପ୍ତ ହୋଇ ଆନନ୍ଦ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ।ଏହାପରେ ଆନନ୍ଦର ବୋଉ ଝିଲି ରାଉତ ଓ ଅଜା ପ୍ରଫୁଲ୍ଲ ରାଉତ ଆସି ଲିଙ୍ଗରାଜଙ୍କ ଶଳାକୁ ଜୀବନରେ ମାରିଦେବାକୁ ପାଇଁ ଉଦ୍ୟମ କରିଥିଲେ।ଏହି ସମୟରେ ବଜାର କମିଟିର କର୍ମକର୍ତ୍ତାମାନେ ପହଞ୍ଚିଜିବାରୁ ସେ ବଞ୍ଚିଯାଇଥି ବା ବେଳେ ଏବେ ଗୁରୁତର ଅବସ୍ଥାରେ ସ୍ଥାନୀୟ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।ଏହାପରେ ବଜାର କମିଟି ସହ ଲିଙ୍ଗରାଜ ନନ୍ଦନକାନନ ଥାନାକୁ ଯାଇ ଅଭିଯୋଗ କରିବା ପରେ ଥାନା ଆଇଆଇସି ସମିତା ମିଶ୍ର ଏକ ମକଦମା ରୁଜୁକରି ତଦନ୍ତ କରିବା ସହ ଆନନ୍ଦ,ପ୍ରଫୁଲ୍ଲ ରାଉତ,ଝିଲି ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।ପୋଲିସ ତଦନ୍ତ ବେଳେ ପ୍ରଫୁଲ୍ଲ ରାଉତ ଏକ ହତ୍ୟା କାଣ୍ଡ ଘଟଣାରେ ୧୨ବର୍ଷ ସଜା କାଟି ରହିଥିବାର ଜାଣିବାକୁ ପାଇଥିଲେ।

**AFFIDAVIT**

I DUSHYANT HARIKISHAN TALATI, S/O-HARKISHAN MULJEE TALATI, SHREE NIWAS, PLOT NO- 437/5084, NAGESWAR TANGI, LEWIS ROAD, BHUBANESWAR-751002, ODISHA DECLARE BY THIS AFFIDAVIT NO-3122, dt 23.04.2025 THAT NOW ONWARDS I SHALL BE KNOWN AS DUSHYANT HARKISHAN TALATI FOR ALL FUTURE PURPOSES.

IN THE COURT OF THE DISTRICT JUDGE -CUM-MACT, BOUDH
MAC CASE NO. 07/2023

Ganesh Meher ........Petitioner
Vrs
Manager-in Charge, T.P Hub, Oriental Insurance Co. Ltd.
Sambalpur and another ........ Opp. Parties

NOTICE

To,
Nityananda Lenka, S/o- Mayadhar Lenka,
At - Bijaychandrapur, Atharbanki Railway, Colony, Paradeep,
P.O. - Paradeep, Dist- Jagatsinghpur, Pin-754120........ (Opp. No 2)

Take notice through this publication that your vehicle bearing Regn. No OD-05AR-7254 (Oil Tanker) alleged to have involved in an accident on 04.10.2022 at about 8.30 A.M. on Boudh-Balangir road (N.H.57), Near Hanuman Temple at Singari, as a result of which one Ganesh Meher sustained injuries in that accident.

So You are hereby directed to appear before this Tribunal in person or through a pleader on the 20th day of May, 2025 at 07.30 A.M. to file show cause in this case failing which the claim application will be heard and determined ex-parte.

Sd/- Judge-Cum-MACT, Boudh

**NOTICE**

By virtue of an affidavit sworn before Notary Public, Bhubaneswar on dated. 08.01.25 I P. Gitanjali Subudhi, Address : Building No. 10/2, Plot -B-20, Rupali Square, Saheed Nagar, Bhubaneswar, Khordha, Odisha declare that I have changed my name from Gitanjali Subudhi to P. Gitanjali Subuddhi. Henceforth I shall be known as P. Gitanjali Subuddhi for all purposes.

Sd/- P. Gitanjali Subuddhi

GOVERNMENT OF ODISHA
DEPARTMENT OF HIGHER EDUCATION
AUCTION SALE NOTICE

N-41 : Some old & unserviceable wooden and steel furniture of the Department of Higher Education, Campus-II, HOD Building, Bhubaneswar will be disposed of by auction in inviting sealed quotation on dated **21.05.2025** at **3:30 P.M.** in the 5th floor, HOD Building, Bhubaneswar. The intending bidder's may inspect the old furniture in the Department of Higher Education, Campus-II, HOD Building, Bhubaneswar during the office hours before 02 (two) days of the auction. Interested bidders are requested to deposit earnest money of **Rs.2,500/-** (Rupees Two Thousand Five Hundred) in shape of **Demand Draft** in favour of DDO-cum-Sr. Administrative Officer, Higher Education Department & submit the same before **1.00 P.M.** on dated **21.05.2025** in the Office Chamber of Sr. Administrative Officer of this Department, which will be refunded after the bid will be over except in case of the highset bidder. Details can be viewed in the website of Govt. of Odisha portal **www.odisha.gov.in.**

OIPR : 11001/11/0051/2526 Sd/- Director, Higher Education, Odisha

ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELETRIC PROJECT
AT/PO BARINIPUT, DIST. KORAPUT - 764006, ODISHA
PHONE : (06854) 242001, FAX : (06854) 242093, e-mail : sgmel.ukhep@gmail.com
CIN : U40101OR1995SGC003963

TENDER CALL NOTICE NO UKHEP-05/2025-26, DATED. 29/04/2025

CAD : 338 : Sealed Tenders are invited in TWO PARTs i.e. (i) Techno Commercial Bid & (ii) Price Bid in separate sealed envelopes from the reputed manufacturers/Repairing units having past experience in executing the Repair & overhauling of 40/10T EOT crane or higher rating of EOT crane in Govt./Semi Govt./ Central / State PSU or any other renowned organization during last 5 years.

| Sl. No. | Description of work | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| 1 | Repair * Overhauling of 01 No. of 40/10 T Garliek Make EOT Crane at Valve House of UKHEP, Bariniput | 7080/- (Rs. 6,000/- + 18% GST) | Rs. 35,000/- |

The sale of Tender Paper will be from : Dt. 09/05/25 at 11:00 Hrs. of Dt. 23/05/2025
The last date & time of receipt of Tender : Up to 12:00 Hrs of Dt. 23.05.2025
The date and time of openign of Tender : at 12:30 Hrs of Dt. 23.05.2025

For details of tender documents, Terms & conditions, Eligibility criteria and downloading, please refer our website **www.ohpcltd.com.**

OIPR : 04002/11/0081/2526
Sd/- C&P Head
Upper Kolab, H.E. Project, Bariniput

ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELETRIC PROJECT
AT/PO BARINIPUT, DIST. KORAPUT - 764006, ODISHA
PHONE : (06854) 242001, FAX : (06854) 242093, e-mail : sgmel.ukhep@gmail.com
CIN : U40101OR1995SGC003963

TENDER CALL NOTICE NO UKHEP-04/2025-26, DATED. 29/04/2025

CAD : 331 : The C & P Head, UKHEP, Bariniput, OHPC Ltd., At/Po : Bariniput, Dist.-Koraput, Odisha, invites sealed tenders in single bid format from "D & C Class contractors" registered with the State Government and contractors of equivalent grade / class registered with the Central Government of Railways. Eligible contractors must possess a valid workmen permit from ELBO for electrical work.

| Sl. No. | Description of work | Cost of tender paper in Rs. (Non-Refundable) | EMD in Rs. (Refundable) |
|---|---|---|---|
| 1 | Construction of Cable Trench and Supporting Structure inside new 33 KV Switchyard Bay of UKHEP. | 708/- (Rs. 600/- + 18% GST) | Rs. 1800/- |

The sale of Tender Paper will be from : 10:00 Hr of Dt. 08/05/25 to 11:00 Hrs of Dt. 22/05/2025
The last date & time of receipt of Tender : Up to 12:00 Hrs of Dt. 22.05.2025
The date and time of opening of Tender : at 12:30 Hrs of Dt. 22/.05/2025

For details of tender documents, Terms & conditions, Eligibility criteria and downloading, please refer our website **www.ohpcltd.com.**

OIPR : 04002/11/0079/2526
Sd/- C&P Head
Upper Kolab, H.E. Project, Bariniput

**AFFIDAVIT**

I, Samira Swain, S/o. Late Dhadu Swain, resident of at- Kesura, Po. Bankuala, PS. Badagada, Bhubaneswar, Dist. Khordha, Odisha-751002 declare by this affidavit C.F. No. 25, dated 07.02.2025 that now onwards I shall be known as SAMIR SWAIN for all future purposes.

**AFFIDAVIT**

I, Soudamini Tripathy, Aged (40), D/o- Daitari Tripathy & W/o- Sangram Keshari Swain, At- Jageswarpur, Po- Dighalo, Ps- Nimapara, Dist- Puri. Declare that I have changed my surname from Soudamini Swain to Soudamini Tripathy. Henceforth, She shall be known as Soudamini Tripathy for all purposes.

Sd/- Soudamini Tripathy

**AFFIDAVIT**

This affidavit sworn in before the executive magistrate Kendrapada, that my name Prabodha Kumar Sahoo, S/o- Kangali Charan Sahoo at- Gamha, post Keyarbank, P.S. - Mahakalpada, Dist- Kendrapara, bearing Aadhaar card No- 2794 0967 9611has been worgly written as Prabodh Sahu in old passport. Both Probodha Kumar Sahoo and Prabodh Kumar Sahu are same persons. Henceforth I shall be known as Prabodha Kumar Sahoo for all purposes.

OFFICE OF THE GENERAL MANAGER (CIVIL) CENTRAL ZONE,
ODISHA CONSTRUCTION CORPORATION LTD,
(A Govt- of Odisha undertaking)
PLOT NO. 1143, VINAYAK NAGAR, MAHANADI VIHAR, CUTTACK - 04.
E.Mail- gmocccz@gmail com
GSTIN- 21AAACO2571K2ZM
CAD-326

e-Procurement Notice No.02/GMCZ/OCCL/2024-25 (on-line)

On-line percentage rate tenders are invited for the following works :

| Sl. No. | Name of the Work | Bid Identification No. | Amount put to tender (Approx.) (Rs. in lakhs) | Bid-Security (Through on-line transfer/as per (DTCN) (in Rs.) | Availability & Submission of Tender (on-line) | Period of Completion |
|---|---|---|---|---|---|---|
| 1 | Extension of Block Veterinary Dispensary, bont in the district of Bhadrak | OCCL-JGP/04/2024-25 | 116.89 lakhs | 1,17,000/- | 09.05.2025 3.30 P.M. to 19.05.2025 5.30 P.M. | 9 (Nine) Calendar month |
| 2 | Extension of Sub-block Veterinary Dispensary Jajpur Road in the district of Jajpur | OCCL-JGP/05/2024-25 | 91.75 lakhs | 92,000/- | | |

Procurement Officer General Manager (Civil), OCC Ltd, Central Zone, Cuttack
Date of opening of the technical Bid:20.05.2025 12 00 noon
Further detail can be seen from the Govt, website (www.tendersodisha gov.in

OIPR : 34177/11/0010/2526 Sd/- General Manager (Civil)

# ପ୍ରସିଦ୍ଧ ତାଳଢିହ କାଠମୁଖା ପିନ୍ଧା ରାମଲୀଳା: ମନ୍ତ୍ରମୁଗ୍ଧ କଲା ଲଙ୍କାଦହନ

ଟାଙ୍ଗୀ,(ସବ୍ୟୁ): ଟାଙ୍ଗୀ ବ୍ଲକ ଅଧିନସ୍ଥ ରତନପୁର ଗ୍ରାମପଞ୍ଚାୟତ ତାଳଢିହ ଗ୍ରାମର ଆରାଧ୍ୟ ଶ୍ରୀରଘୁନାଥଦେବଙ୍କ ପୀଠରେ ପ୍ରସିଦ୍ଧ ରାମଲୀଳା ପୌରାଣିକ ଗାଥା ଲଙ୍କା ଦହନ ନାଟକ ମନୋଜ୍ଞ ପରିବେଷରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉପଭୋଗ କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ମାତା ସୀତାଙ୍କ ସନ୍ଧାନ ପାଇଁ କିଷ୍କିନ୍ଧାରେ ପହଞ୍ଚିଲେ ଶ୍ରୀରାମ ଭ୍ରାତା ଲକ୍ଷ୍ମଣ ସେଠାରେ ବାନରବୀର ମହାବଳୀ ବାଲୀକୁ ଯୁଦ୍ଧରେ ପରାସ୍ତ କରି ସୁଗ୍ରୀବଙ୍କୁ କିଷ୍କିନ୍ଧାର ରାଜା କରାଗଲା ସନ୍ଧି ଅନୁସାରେ ମାତା ସୀତାଙ୍କ ସନ୍ଧାନ ପାଇଁ ବାନରସେନା ବାହାରିଗଲେ ମାତା ସୀତାଙ୍କ ସନ୍ଧାନ ପାଇଁ ମହାରାଜ ଜାମ୍ବବାନ ଶ୍ରୀ ହନୁମାନଙ୍କୁ ନିଜ ଶକ୍ତି ଓ ସମର୍ଥ ବିଷୟରେ ସ୍ମରଣ କଲାପରେ ଲଙ୍କା ଅଭିମୁଖେ ବାହାରନ୍ତି ।ଲଙ୍କାର ଦ୍ୱାରରେ ଲଙ୍କାଦେବୀ ପ୍ରହର ଦେବା ବେଳେ ହନୁମାନ ସହିତ ଭେଟ ହୁଏ ।ଲଙ୍କାଦେବୀର କରାଳ ଦୃଶ୍ୟ ଓ ଅଭିନୟ ଦେଖି ଭକ୍ତମାନେ ଭୟଭୀତ ହୋଇଥିଲେ ହନୁମାନ ମାତା ସୀତାଙ୍କ ଦର୍ଶନ ପରେ ଅଶୋକ ବାଟିକାରେ ଫଳମୂଳ ଖାଇବା ଓ ଅଶୋକ ବାଟିକା ନଷ୍ଟ କରିବା ପରେ ଅକ୍ଷୟ କୁମାର ସହିତ ଯୁଦ୍ଧରେ ହନୁମାନ ଅକ୍ଷୟ କୁମାରକୁ ମାରିବା ପରେ ଇନ୍ଦ୍ରଜିତ ନାଗଫାଶ ରେ ବନ୍ଦୀ କରି ରାବଣ ପାଖକୁ ନେଇଯାଆନ୍ତି ।ସେଠାରେ ହନୁମାନ ଲାଞ୍ଜରେ ଅଗ୍ନି ସଂଯୋଗ କରିବା କ୍ଷଣି ସ୍ୱର୍ଣ ଲଙ୍କାକୁ କ୍ଷଣକରେ ଧ୍ୱଂସ କରି ସମୁଦ୍ର ଲଙ୍ଘି କିଷ୍କିନ୍ଦା ପ୍ରବେଶ କରନ୍ତେ । ରାମ ଭୂମିକାରେ ବୁଟୁନ ପ୍ରଧାନ, ଲକ୍ଷ୍ମଣ ଭୂମିକାରେ ସିବୁ ପ୍ରଧାନ, ସୀତା ଭୂମିକାରେ ବସନ୍ତ ବେହେରା, ହନୁମାନ ଭୂମିକାରେ ଦୟା ପ୍ରଧାନ, ଲଙ୍କା ଦେବୀ ଭୂମିକାରେ କାର୍ତ୍ତିକ ପ୍ରଧାନ, ରାବଣ ଭୂମିକାରେ ଅନିଲ ସାମନ୍ତରାୟ, ତଥା ଗାୟକ ଅମିନ ପ୍ରଧାନ ଓ ବାୟକ ବିନାୟକ ଦାସ, ତୋଫାନ ମହାରଣା ଅଂଶଗ୍ରହଣ କରିଥିଲେ ପରିଚାଳନା କମିଟି ସଭ୍ୟ ସହାୟତା କରିଥିଲେ।

# ଉତ୍କଳମଣି ଭାଗବତ ପ୍ରଚାର ସମିତିର ଭାଗବତ ସପ୍ତାହ

ସାକ୍ଷୀଗୋପାଳ , (ସବ୍ୟୁ) : ଉତ୍କଳମଣି ଭାଗବତ ପ୍ରଚାର ସମିତି ଓଡିଶା ତରଫରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ ଠାରେ ଉତ୍କଳମଣିଙ୍କ କୂଳ ଦେବତା ରାଧା ବିନୋଦ ବିହାରୀ ଦେବଙ୍କ ସିଂହଦ୍ୱାର ସମ୍ମୁଖରେ ଭାଗବତ ସପ୍ତାହ ଆରମ୍ଭ ହୋଇଛି।ମା ତାରିଣୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ, ପଣ୍ଡା ସାହି ବଳ ପୁର ଗାୟିକା ଉର୍ମିଳା ସାହୁ ଓ ସାଥି ମାନେ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପ୍ରବଚକ ଭାଗବତ ଆଶ୍ରମ, ପୁରୀର ବାବା ବ୍ରଜବନ୍ଧୁ ଦାସ ଭାଗବତ ପ୍ରବଚନ ପ୍ରଦାନ କରିଥିଲେ ।ଭାଗବତ ପ୍ରଚାର ସମିତି ଓଡିଶାର ଉପଦେଷ୍ଟା ଧୀରେନ୍ଦ୍ର ନାଥ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ।ଅନୁଷ୍ଠାନର ସଭାପତି ରାଧାକାନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ମନୋରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ହରପ୍ରିୟା କର, ଅରବିନ୍ଦ ପଣ୍ଡା, କାହ୍ନୁ ଚରଣ ଦାସ, ମନୋରଞ୍ଜନ ମିଶ୍ର ପ୍ରମୁଖ ଭାଗବତ ପାଠ କରିଥିଲେ ।

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ
ବିଲହାଟ ଶାଖା, ସା: ବିଲହାଟ, ପୋ: ତେଷାକୁରା,
ଜିଲ୍ଲା: କଟକ, ପିନ୍-୭୫୪୧୩୪

ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଶ୍ରୀ ପ୍ରତାପ କୁମାର ସାହୁ, ପିତା: ବାବନ ସାହୁ, ସା: ମଣିଜଙ୍ଗ, ପୋ: ତେଷାକୁରା, ଜିଲ୍ଲା: କଟକ, ପିନ୍-୭୫୪୧୩୪, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ବିଲହାଟ ଶାଖା, କଟକ ଠାରେ ଦୈନିକ ଜମାକାରୀ ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ସେ ବ୍ୟାଙ୍କରୁ ତା.୧୯.୦୩.୨୦୨୫ରିଖରୁ ଇସ୍ତଫା ନେଇଛନ୍ତି। ତେଣୁ, ଆମେ ଆମର ସମସ୍ତ ଗ୍ରାହକ / ଦୈନିକ ଜମାକାରୀମାନଙ୍କୁ ଅନୁରୋଧ କରୁଛୁ ଯେ ସେମାନେ କୌଣସି ବ୍ୟାଙ୍କିଙ୍ଗ / ଆର୍ଥିକ ସେବା ପାଇଁ ଶ୍ରୀ ପ୍ରତାପ କୁମାର ସାହୁଙ୍କ ସହିତ କାରବାର କରନ୍ତୁ ନାହିଁ। ଯଦି, କେହି ଏପରି କରନ୍ତି ତେବେ ବ୍ୟାଙ୍କ କୌଣସି କ୍ଷତି ନିମନ୍ତେ ଦାୟୀ ରହିବ ନାହିଁ।

ସ୍ଥାନ: କଟକ
ତାରିଖ: ୦୭.୦୫.୨୦୨୫
ଶାଖା ପ୍ରବନ୍ଧକ,
ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ବିଲହାଟ ଶାଖା, କଟକ

**AFFIDAVIT**

I, Ramesh Chandra Jena S/o- Duryodhan Jena, Vill-Mansadabindha-2, P.o-Rambag, Ps- Jajpur, Dist-Jajpur, Pin-755014, Odisha. Declare that this affidavit no. 9597, dated. 30.11.2024. I have changed my minor daughter's name from Nehashree Jena to Narmada Jena. Henceforth, She shall be known as Narmada Jena for all future purposes.

Sd/- Ramesh Chandra Jena

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MAYURBHANJ IRRIGATION DIVISION, BARIPADA
e-mail : exen.mid@gmail.com FAX/TEL : 06792-295472
A-130

"E" PROCUREMENT NOTICE NO. 02 MBJ/2025-26

| | | | |
|---|---|---|---|
| 1. | Name of works | : | Bank protection works, canal critical works and road works. |
| 2. | Total no. of works | : | 16 (Sixteen) nos. of work |
| 3. | Estimated cost | : | Varies from Rs. 11.59 lakhs to Rs. 49.44 lakhs. |
| 4. | Class of Contractor | : | 'D' & 'C' and 'C' & 'B' and 'B' Class |
| 5. | Period of Completion | : | As mentioned against work. |
| 6. | Other details as follows | : | |
| (i) | Procurement Officer | : | Superintending Engineer, Mayurbhanj Irrigation Division, Baripada |
| (ii) | Availability of Tender online for bidding | : | **08.05.2025 from 10.00 Hours to 22.05.2025 upto 17.00 Hours.** |
| (iii) | Date, time and place of opening of Bid. | : | **On 28.05.2025 at 11.00 Hours** in the O/o the Superintending Engineer, Mayurbhanj Irrigation Division, Baripada. |
| (iv) | **Date, time and place of Transparent Lottery (If required)** | : | **The Transparent Lottery will be held on dt. 10.06.2025 at 11.00 AM in the O/o the Undersigned.** |
| 7. | Further details can be seen from the 'e' Procurement Portoal **http://tendersorissa.gov.in.** | | |

Sd/- Superintending Engineer
Mayurbhanj Irrigation Division
Baripada
OIPR : 32158/11/0028/2526

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖେଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ୩ ପଶ୍ଚିମବଙ୍ଗ ଏଟିଏମ୍ ଲୁଟେରା ଗିରଫ

## ୫୧ ଏଟିଏମ୍ କାର୍ଡ, ଲକ୍ଷାଧିକ ଟଙ୍କା, ମୋବାଇଲ ଫୋନ ଜବତ



ଖୋର୍ଦ୍ଧା/ନିରାକାରପୁର,(ସବ୍ୟୁ): ଜଙ୍କିଆ ପୋଲିସକୁ ମିଳିଛି ବଡ ସଫଳତା। ସ୍ଥାନୀୟ ଅଞ୍ଚଳରେ ଏଟିଏମ୍ ରୁ ଲୁଟ କରୁଥିବା ପଶ୍ଚିମବଙ୍ଗର ୩ଜଣ ଲୁଟେରାଙ୍କୁ ଗିରଫ କରିଛି ପୋଲିସ । ଗିରଫ ଲୁଟେରା ମାନଙ୍କ ଠାରୁ ବିଭିନ୍ନ ବ୍ୟାଙ୍କ ର ୫୧ଟି ଏଟିଏମ କାର୍ଡ ନଗଦ ୧,୨୦,୦୦୦, (ଏକଲକ୍ଷ କୋଡିଏ ହଜାର) ଟଙ୍କା ଦୁଇଟି ମୋବାଇଲ ଫୋନ ଜବତ ହୋଇଛି ବୋଲି ଆଜି ପୁଲିସ ମୁଖ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଏସପି ସାଗରିକା ନାଥ ସୂଚନା ଦେଇଛନ୍ତି । ସୂଚନାରୁ ଜଣାପଡିଛି ଗିରଫ ୩ଜଣ ଲୁଟେରା ସୋମବାର ସଂନ୍ଧ୍ୟା ସମୟରେ ଜଙ୍କିଆ ଛକ ଠାରେ ଥିବା ଏସବିଆଇ ଏଟିଏମ ରୁ ଜଣେ ବ୍ୟକ୍ତି ଟଙ୍କା ଉଠାଇବାକୁ ଯାଇଥିବା ବେଳେ ଦୁଇ ଜଣ ଯୁବକ କୌଶଳ କରି ଉକ୍ତ ବ୍ୟକ୍ତିଙ୍କ ଏଟିଏମ କାର୍ଡକୁ ଲୁଟି ନେଇ ପଳାଉଥିଲେ । ଏହି ସମୟରେ ସ୍ଥାନୀୟ ଲୋକେ ଦୁଇ ଜଣଙ୍କୁ ଧରି ଜଙ୍କିଆ ପୋଲିସରେ ଜିମା ଦେଇଥିଲେ । ପୋଲିସ ଦୁଇଜଣଙ୍କୁ ଅଟକ ରଖି ଖୋଳତାଡ କରିବା ପରେ ଏଟିଏମ ଲୁଟେରା ଦଳକୁ ଧରିବାରେ ସଫଳ ହୋଇଛି । ଗିରଫମାନେ ହେଲେ ପଶ୍ଚିମବଙ୍ଗ ସାଉଥ ୨୪ ପ୍ରଗଣା ଜିଲ୍ଲା ବାରିୟୁପୁର ଥାନା ଦେଓପଡା ଗ୍ରାମର ଜଗନ୍ନାଥ ଘରଣୀ (୪୨) ଓ ରାଜୁ ବର୍ମନ (୩୨) ଏବଂ ସାଉଥ ୨୪ ପ୍ରଗଣା ଜିଲ୍ଲା ସୁନାରପୁର ଥାନା ହସନପୁରର ରୋହିତ ଖା (୨୪) । ଗିରଫ ଲୁଟେରାଙ୍କୁ କୋର୍ଟ ଚାଲାଣ କରିଛି ପୋଲିସ।ଗିରଫ ଅଭିଯୁକ୍ତ ମାନେ ପେସାଦାର ଏଟିଏମ ଲୁଟେରା। ନିୟମିତ ଭାବରେ ଯୋଜନା ବଦ୍ଧ ଭାବରେ ଲୁଟେରା ମାନେ ଏଟିଏମ କାଉଁଟର ଭିତରେ ଠିଆ ହୋଇଥାନ୍ତି କୌଣସି ବ୍ୟକ୍ତି ଏଟିଏମ କୁ ଟଙ୍କା ଉଠାଇବାକୁ ଯିବା ବେଳେ ଲୁଟେରା ମାନେ କୌଶଳ କରି ଏଟିଏମ ର ସିକ୍ରେଟ ନମ୍ବର ସହିତ ଏଟିଏମ କୁ ଲୁଟି ନେଇଥାନ୍ତି। ପରବର୍ତୀ ସମୟରେ ଏଟିଏମ ରେ ଥିବା ସମସ୍ତ ଟଙ୍କା କୁ ଉଠାଇ ମଉଜ ମଜଲିସ କରି ଶୌଖିନ ଜୀବନ ବିତାଇଥାନ୍ତି।ଗିରଫ ଲୁଟେରା ମାନଙ୍କ ନାମରେ ଖୋର୍ଦ୍ଧା ଜିଲ୍ଲାର ନାଚୁଣୀ, ବାଣପୁର, ଜଙ୍କିଆ ଥାନା, ପୁରୀ ସିବିଟ୍ ଥାନା, କଟକ ଚାଉଳିଆଗଞ୍ଜ ଥାନା ପ୍ରଭୃତିରେ ଏଟିଏମ ଲୁଟ ନେଇ ଏକାଧିକ କେସ ଥିବା ଏସପି ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏସପିଙ୍କ ସମେତ ଅତିରିକ୍ତ ଏସପି ଅମ୍ରିତପାଲ ସିଂ, ଏସଡିପିଓ ନିହାର ପ୍ରଧାନ ପ୍ରମୁଖ ଉପସ୍ଥିତଥିଲେ ।



ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡର ପ୍ରତିଷ୍ଠାତା ମହିମା ନନ୍ଦ ମିଶ୍ରଙ୍କ (୭୨ତମ) ଜନ୍ମଦିନ ଅବସରରେ ଓଏସ୍‌ଏଲ୍ ବିଶାଖାପାଟନା ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ସ୍ଥାନୀୟ ରୋଟାରୀ ବ୍ଲଡ ବ୍ୟାଙ୍କର ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ କର୍ମଚାରୀଙ୍କ ଦ୍ୱାରା ୮୮ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

# ସେନା ବାହିନୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା



ଭୁବନେଶ୍ୱର,(ସବ୍ୟୁ): ଅପରେସନ୍ ସିନ୍ଦୂର ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ସେନାର ଉଚ୍ଚପ୍ରଶଂସା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିଆସୁଛି । ଅପରେସନ୍ ସିନ୍ଦୂର ହେଉଛି ଏହାର ପ୍ରକୃଷ୍ଟ ନିର୍ଦ୍ଦସନ । ସିନ୍ଦୂର ହେଉଛି ଆମ ପରମ୍ପରା, ତ୍ୟାଗ, ସଂକଳ୍ପର ପ୍ରତୀକ । ଭାରତର ସୈନିକମାନେ ସେହି ସଂକଳ୍ପର ସମ୍ମାନ ରକ୍ଷା କରିବାକୁ ସଦା ସର୍ବଦା ପ୍ରସ୍ତୁତ ବୋଲି ପ୍ରମାଣ କରିଛନ୍ତି । କୌଣସି ପରିସ୍ଥିତିରେ ଆତଙ୍କବାଦଙ୍କୁ ବରୋଦସ୍ତ କରାଯିବ ନାହିଁ । ସେହିଭଳି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଅପରେସନ୍ ସିନ୍ଦୂରଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି ଯେ ଭାରତୀୟ ସେନା ଆତଙ୍କବାଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ହୃଦୟରୁ ଅଭିନନ୍ଦନ ଜଣାଉଛି । ସେହିଭଳି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନସିଂହଦେଓ ଅପରେସନ ସିନ୍ଦୂରଙ୍କୁ ଆତଙ୍କବାଦଙ୍କ ବିରୋଧରେ ଶୂନ୍ୟସହନଶୀଳ ନୀତି ବୋଲି କହିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ଆମର ସାହାସୀ ସେନା ବାହିନୀ ପାକିସ୍ତାନ ଓ ପାକ ଅଧିକୃତ କାଶ୍ମୀରରେ ୯ ଆତଙ୍କୀ ଶିବିରକୁ ଧ୍ୱଂସ କରିଛନ୍ତି । ଏହା ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ଆମେ ଆମର ସାର୍ବଭମର୍ତ ଉପରେ କୌଣସି ହସ୍ତକ୍ଷେପକୁ ବରଦାସ୍ତ କରିବୁ ନାହିଁ । ସେନା ବାହିନୀର ରଣନୀତିକୁ ସାଲୁଟ୍ କରିଛୁ । ଅପରେସନ ସିନ୍ଦୂରଙ୍କୁ ସମର୍ଥନ କରିଛନ୍ତି । ସେ କହିଛନ୍ତି ଯେ ଯେତେବେଳେ ଭାରତର ଝିଅମାନଙ୍କ ସିନ୍ଦୂର ରକ୍ତରେ ରଞ୍ଜିତ ହୋଇଥିଲା ସେତେବେଳେ ଦେଶ ଶପଥ କରିଥିଲା ଯେ ଏବେ ଶାନ୍ତି ନୁହେଁ ବରଂ ନ୍ୟାୟ ହେବ । ଦେଶ ଆତଙ୍କବାଦ ବିରୋଧରେ ଏକଜୁଟ । ଭାରତ ଚୁପ ରହିବ ନାହିଁ ।

# ନୂଆ ଅପରାଧିକ ଆଇନ କାର୍ଯ୍ୟକାରିତା ସଂପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା



ଭୁବନେଶ୍ୱର,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଦେଶର ତିନୋଟି ନୂଆ ଅପରାଧିକ ଆଇନର ଫଳପ୍ରଦ କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷାରେ ମୁଖ୍ୟମନ୍ତ୍ରୀ ଜିରୋ ଏଫଆଇଆର୍ ଉପରେ ଗୁରୁତ୍ୱାରୋପ କରିବା ସହ ଇ-ଏଫଆଇଆର୍, ଇ-ସମନ୍, ଇ-ସାକ୍ଷ୍ୟ ପ୍ରଦାନ ଆଦି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ନ୍ୟାୟ ପ୍ରଦାନ ବ୍ୟବସ୍ଥା ସହଜ, ସରଳ ହେବା ସହିତ ତ୍ୱରିତ ବେଗରେ କାର୍ଯ୍ୟକାରୀ କରାଯାଇ ପାରିବ । ଏଥିପାଇଁ ଜେଲ୍, ହସ୍ପିଟାଲ, ଫରେନସିକ୍ ଲ୍ୟାବ, କୋର୍ଟ ଇତ୍ୟାଦିକୁ ଭିଡିଓ କନ୍ଫରେନ୍ସ ଜରିଆରେ ଯୋଡିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହାଦ୍ୱାରା ସାକ୍ଷୀ ମାନେ ଯେଉଁ ସ୍ଥାନରେ ଥିବେ, ସେହି ସ୍ଥାନରୁ ହିଁ ସାକ୍ଷ୍ୟ ପ୍ରଦାନ କରିପାରିବେ । ତଦନ୍ତ ଓ ନ୍ୟାୟ ପ୍ରଦାନ ବ୍ୟବସ୍ଥା ଯେତେଦୂର ସମ୍ଭବ ଇଲେକ୍ଟ୍ରୋନିକ୍ ମୋଡରେ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଫରେନ୍ସିକ୍ ବ୍ୟବସ୍ଥାର ଉନ୍ନତି ପାଇଁ ଅତ୍ୟାଧୁନିକ ମୋବାଇଲ ଫରେନସିକ୍ ଭ୍ୟାନ ନିୟୋଜିତ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ । ବୈଠକରୁ ଜଣାଯାଇଛି ଯେ, ରାଜ୍ୟରେ ଖୁବଶୀଘ୍ର ୩୨ଟି ମୋବାଇଲ ଫରେନସିକ୍ ଭ୍ୟାନ ନିୟୋଜିତ କରାଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭିଡ ହିଂସା, ଉଗ୍ରବାଦୀ କାର୍ଯ୍ୟକଳାପ ଏବଂ ସଂଗଠିତ ଅପରାଧ କ୍ଷେତ୍ରରେ ଏସ୍‌ପିଙ୍କ ତଳ ର୍‍ୟାଙ୍କର କୌଣସି ଅଧିକାରୀ ତଦାରଖ ନକରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ବୈଠକରେ ନୂଆ ଆଇନ୍ସ୍ର ଫଳପ୍ରଦ କାର୍ଯ୍ୟକାରୀତା ପାଇଁ ପୋଲିସ, ଜେଲ୍, ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ବିଚାର ବିଭାଗୀୟ ବ୍ୟବସ୍ଥାର ସୁଦୃଢୀକରଣ ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା ।

ବୈଠକର ସୂଚନା ଅନୁଯାୟୀ ନୂଆ ଅପରାଧିକ ଆଇନ ସଂପର୍କରେ ୯୮ ପ୍ରତିଶତରୁ ଅଧିକ ପୋଲିସ କର୍ମଚାରୀ ଓ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ ଦକ୍ଷ ତଦନ୍ତ ପ୍ରକ୍ରିୟା ପାଇଁ ଆଧୁନିକ ଜ୍ଞାନକୌଶଳର ଉପଯୋଗ ପାଇଁ ପଦକ୍ଷେପ ନିଆଯାଉଛି । ଫରେନ୍ସିକ ଲ୍ୟାବ ଗୁଡିକର ଉନ୍ନତିକରଣ କରାଯାଉଛି ଏବଂ ଫରେନ୍ସିକ ଓ ସାଇବର ଫରେନ୍ସିକ ବିଶେଷଜ୍ଞ ମାନଙ୍କ ପାଇଁ ୨୪୭ଟି ଅତିରିକ୍ତ ପଦବୀ ସୃଷ୍ଟି କରାଯାଇଛି ।

ସେହିପରି ଜେଲ୍ ବିଭାଗର ଶତ ପ୍ରତିଶତ କର୍ମଚାରୀ ମାନଙ୍କୁ ମଧ୍ୟ ନୂଆ ଆଇନ ସଂପର୍କରେ ପ୍ରଶିକ୍ଷଣ ଦିଆଯାଇଛି । ଜେଲରେ ଭିଡିଓ କନ୍ଫରେନ୍ସିଂ ପାଇଁ ମଧ୍ୟ ପଦକ୍ଷେପ ନିଆଯାଉଛି । ସେହିପରି ପ୍ରୋସିକ୍ୟୁସନ କ୍ୟାଡରେ ମଧ୍ୟ ୨୬୭ଟି ଅତିରିକ୍ତ ପଦବୀ ସୃଷ୍ଟି କରାଯିବା ସହିତ ଆଇନ ଅନୁଯାୟୀ ଓଡିଶା ପ୍ରୋସିକ୍ୟୁସନ ନିୟମାବଳୀରେ ମଧ୍ୟ ପରିବର୍ତ୍ତନ କରାଯିବ ବୋଲି ଜଣାଯାଇଛି ।

ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ଜଡିତ ସମସ୍ତ ସଂସ୍ଥା ଗୁଡିକ ଦକ୍ଷ ହେଲେ, ନ୍ୟାୟ ପ୍ରଦାନ ବ୍ୟବସ୍ଥା ତ୍ୱରିତ ହେବ ଏବଂ ସମସ୍ତଙ୍କୁ ନ୍ୟାୟ ମିଳିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ, ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଦୁଇ ଦିନିଆ ସମୀକ୍ଷା ବୈଠକ

# ଗ୍ରାମୀଣ ଅର୍ଥନୀତିର କର୍ଣ୍ଣଧାର ହେବ ଓରମାସ୍



ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ, ଭୁବନେଶ୍ୱରଠାରେ ଆୟୋଜିତ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓର୍ମାସ୍)ର ଦୁଇଦିନିଆ ସମୀକ୍ଷା ବୈଠକରେ ଯୋଗଦେଇ ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ଓର୍ମାସ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ତାହାର ସଫଳତା ଓ ଦକ୍ଷତା ବୃଦ୍ଧି ଉପରେ ସବିସ୍ତୃତ ସମୀକ୍ଷା କରିଥିଲେ । ଏହି ଦୁଇଦିନିଆ ସମୀକ୍ଷା ବୈଠକରେ ଦିଗଦର୍ଶନ ଦେଇ ମନ୍ତ୍ରୀ ବର୍ତ୍ତମାନର ପରିବର୍ତ୍ତିତ ସମୟ ଅନୁସାରେ ଓରମାସର କାର୍ଯ୍ୟଧାରାକୁ ସ୍ଥିରୀକୃତ କରି ଆଧୁନିକ ସମୟ ସହ ତାଳଦେଇ ଲକ୍ଷ୍ୟ ଧାର୍ଯ୍ୟ କରିବା ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଓରମାସର ପରବର୍ତ୍ତୀ ଲକ୍ଷ୍ୟ ବିଷୟରେ ଆଲୋଚନା କରି ମନ୍ତ୍ରୀ ନବସୃଜନକୁ ଗୁରୁତ୍ୱ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଉନ୍ନତ ମାନର ସ୍ଥାନୀୟ ଉତ୍ପାଦ, ଅମଳ ପରବର୍ତ୍ତୀ ବର୍ଗୀକରଣ, ସେଗୁଡ଼ିକର ସଂରକ୍ଷଣ, ପ୍ୟାକେଜିଂ, ବିପଣନ ଆଦି ସମସ୍ତ ଦିଗ ଉପରେ ଆଲୋଚନା କରି ଏହି ପ୍ରତ୍ୟେକ ସ୍ତରରେ ବିପୁଳ ନିଯୁକ୍ତି ସୃଷ୍ଟି ସୁଯୋଗ ଉପରେ ଜୋର ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଓରମାସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରବର୍ତ୍ତୀ ସିଂ ରାଠୋଡ଼ ଓରମାସର ବିଭିନ୍ନ କାର୍ଯ୍ୟ ଓ ପରବର୍ତ୍ତୀ ପଦକ୍ଷେପ ବିଷୟରେ ସୂଚିତ କରିଥିଲେ । ରାଜ୍ୟର ସମସ୍ତ ଜିଲ୍ଲାରୁ ଯୋଗଦେଇଥିବା ଓରମାସର ଅଧିକାରୀମାନେ ପାଓ୍ୱାର ପଏଣ୍ଟ ପ୍ରେଜେଣ୍ଟେସନ ଦ୍ୱାରା ଜିଲ୍ଲାସ୍ତରରେ ଓରମାସର ବିଭିନ୍ନ ସଫଳତା ଓ ପରବର୍ତ୍ତୀ ପଦକ୍ଷେପ ବିଷୟରେ ମନ୍ତ୍ରୀଙ୍କୁ ସୂଚିତ କରିଥିଲେ । ଏହା ସହ ଓର୍ମାସ୍, ଓୟୁଏଟି ଏବଂ ମିଳିତ ଉଦ୍ୟମରେ ମହୁଲ ଫୁଲରୁ ପ୍ରସ୍ତୁତ ବିଭିନ୍ନ ବିସ୍କୁଟ ଓ ଚକୋଲେଟ ଆଦିର ଦ୍ରବ୍ୟଗୁଣ ବିଷୟରେ ସମୀକ୍ଷା ହୋଇଥିଲା । ଏହି ଭଳି ବିଭିନ୍ନ ସ୍ଥାନୀୟ ଦ୍ରବ୍ୟଗୁଡିକର ଉଚିତ ପ୍ରକ୍ରିୟାକରଣ ଓ ବିପଣନ ପାଇଁ ମାନ୍ୟବର ମନ୍ତ୍ରୀ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓରମାସର ଅତିରିକ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଜୀବ କୁମାର ସିଂ ଓ ଅନ୍ୟ ଅଧିକାରୀବୃନ୍ଦ ଯୋଗ ଦେଇଥିଲେ ।

# ସିନ୍ଦୂର ଅଭିଯାନକୁ ଓପିଟିସିଏଲ୍ ଯନ୍ତ୍ରୀ ସଂଘର ସମର୍ଥନ



ଭୁବନେଶ୍ୱର,(ସବ୍ୟୁ): ସାରା ଓଡ଼ିଶାରେ କାର୍ଯ୍ୟରତ ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ (ଓପିଟିସିଏଲ୍)ର ଇଞ୍ଜିନିୟର୍ସ ଆସୋସିଏସନ୍ (ଓପିଟିଆର୍‌ଏ) ଭାରତ ସରକାରଙ୍କର ସିନ୍ଦୁର ଅଭିଯାନ ପାଇଁ ଭାରତୀୟ ସେନା ବାହିନୀ ସମର୍ଥନ ତଥା ଯଥୋଚିତ ସମ୍ମାନ ଜଣାଇଛି । ଏବଂ ଏପରି ପଦକ୍ଷେତ ପାଇଁ ଗର୍ବ ଅନୁଭବ କରିବା ସହ ଭାରତ ମାତା କି ଜୟ ଧ୍ୱନି ଆଜି ଦେଇଥିଲେ । ପହଲଗାମରେ ହୋଇଥିବା ଆକ୍ରମଣ ଏକ ଚରମ ବର୍ବରତା ଏବଂ ଏପରି ନୃଶଂସ କାର୍ଯ୍ୟ ପାଇଁ ଆତଙ୍କବାଦୀଙ୍କୁ କଠିନ ଦଣ୍ଡିତ ଉଚିତ ବୋଲି ଯନ୍ତ୍ରୀମାନେ ପ୍ରକାଶ କରିବା ସହ ଯେକୌଣସି ଜରୁରୀ କାଳୀନ ପରିସ୍ଥିତି ଭାରତ ସରକାରଙ୍କୁ ସେମାନଙ୍କର ପୂର୍ଣ୍ଣ ସମର୍ଥନ ଦିଆଯିବ ବୋଲି କହିଛନ୍ତି ।

### ମେଡିକାଲ୍ କ୍ୟାମ୍ପସ ଭିତରେ ଔଷଧ ଦୋକାନ ପ୍ରସଙ୍ଗ

## ପଲିସି ସଂକ୍ରାନ୍ତରେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଅବଗତ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,(ସବ୍ୟୁ): ମେଡିକାଲ କ୍ୟାମ୍ପସ ଭିତରେ ମେଡିସିନ୍ ଦୋକାନ ରହିପାରିବ କି' ନାହିଁ ସେନେଇ ରାଜ୍ୟ ସରକାର ଏକ ନୀତି ପ୍ରସ୍ତୁତ( ପଲିସି) କରୁଛନ୍ତିଛ ଏହି ପିଲିସି ପରବର୍ତ୍ତୀ ଶୁଣାଣି ସୁଦ୍ଧା ଅଦାଲତରେ ଦାଖଲ କରିବାକୁ ହାଇକୋର୍ଟ ଏକ ମାମଲାର ଶୁଣାଣି ଅବସରରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ଶୁଣାଣି ଆସନ୍ତା ୧୨କୁ ଧାର୍ଯ୍ୟ ହୋଇଛି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏସବି ମେଡିକାଲ କ୍ୟାମ୍ପସ ଭିତରେ ଥିବା ସାଇ ସଞ୍ଜିବନୀ ମେଜିକାଲ ଷ୍ଟୋର ହଟାଇବା ଲାଗି ଏସସିବି ଅଧୀକ୍ଷକ ଏବଂ କଟକ ଡ୍ରଗ୍ସ ଇନ୍ସପେକ୍ଟର ରେଞ୍ଜ୍-୩ଙ୍କ ପକ୍ଷରୁ ଗତ ଏପ୍ରିଲ ୧୯ ଏବଂ ୨୨ ତାରିଖରେ ଦୁଇଟି ନୋଟିସ୍ ଜାରି କରାଯାଇଥିଲା । ଏହି ନୋଟିସକୁ ଚାଲେଞ୍ଜ କରି ସାଇ ସଞ୍ଜିବନୀ ମେଡିକାଲ ଷ୍ଟୋର ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲା । ହାଇକୋର୍ଟରେ ଏହି ମାମଲାର ଶୁଣାଣୀ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ଏକ ନୀତି ଅଣଯାଉଛି ବୋଲି ଅଦାଲତଙ୍କୁ ଅବଗତ କରାଯାଉଥିଲା । ରାଜ୍ୟ ସରକାରଙ୍କ ଏହି ଜବାବ ପରେ ହାଇକୋର୍ଟ ଏସସିବି ଅଧୀକ୍ଷକ ଏବଂ ଡ୍ରଗ୍ ଇନ୍ସପେକ୍ଟରଙ୍କ ପକ୍ଷରୁ ଜାରି ନୋଟିସ୍ ଉପରେ ଅନ୍ତରୀଣ ରହିତାଦେଶ ଜାରି କରାଯାଇଛି । ଯେ ପର୍ଯ୍ୟନ୍ତ ଏହି ମାମଲାର ଅନ୍ତ ନ ଘଟିଛି ସେ ପର୍ଯ୍ୟନ୍ତ ଏହି ଆଦେଶ ବଳବତ୍ତର ରହିବ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ



ଝାରସୁଗୁଡ଼ା,(ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡିଶାର ସହଯୋଗରେ, କମ୍ପାନୀର ମୋବାଇଲ୍ ହେଲଥ ୟୁନିଟ୍ (ଏମଏଚୟୁ) ଏବଂ ସ୍ୱେଚ୍ଛାସେବକମାନଙ୍କ ଦ୍ୱାରା ପରିଚାଳିତ ଲାଇଭ୍ ସଚେତନତା ଅଧିବେଶନ ମାଧ୍ୟମରେ ୨୮ଟି ଗ୍ରାମ ଏବଂ ଏକ ବୃଦ୍ଧାଶ୍ରମରେ ଏକ ସପ୍ତାହବ୍ୟାପୀ ସ୍ୱାସ୍ଥ୍ୟ ସଚେତନତା ଏବଂ ସ୍କ୍ରିନିଂ ଅଭିଯାନ ସହିତ ବିଶ୍ୱ ମ୍ୟାଲେରିଆ ଦିବସ ୨୦୨୫ ପାଳନ କରିଛି । ସମ୍ପ୍ରଦାୟ ସଦସ୍ୟମାନଙ୍କୁ ମ୍ୟାଲେରିଆର କାରଣ, ଲକ୍ଷଣ, ପ୍ରତିରୋଧ ଏବଂ ଚିକିତ୍ସା ବିଷୟରେ ସଚେତନ କରାଯାଇଥିଲା । ପହଞ୍ଚ ସୁନିଶ୍ଚିତ କରିବା ଏବଂ ବୁଝାମଣାକୁ ସୁଦୃଢ଼ କରିବା ପାଇଁ ଓଡ଼ିଆ ଭାଷାରେ ସୂଚନାମୂଳକ ସାମଗ୍ରୀ ବଣ୍ଟନ କରାଯାଇଥିଲା । ଦ୍ରୁତ ଡାଇଗ୍ନୋଷ୍ଟିକ୍ କିଟ୍ ବ୍ୟବହାର କରି ଗ୍ରାମଗୁଡ଼ିକର ଘରେ ଘରେ ପରୀକ୍ଷା କରାଯାଇଥିଲା । ଅଭିଯାନ ସଫଳତାର ସହ ୨,୦୦୦ ରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିବା ସହିତ ବେଦାନ୍ତର କାର୍ଯ୍ୟ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା । ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି ଯେ ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ ଅନ୍ତର୍ଭୁକ୍ତିମୂଳକ ଏବଂ ସ୍ଥାୟୀ ବିକାଶ ସୁସ୍ଥ ସମ୍ପ୍ରଦାୟ ସହିତ ଆରମ୍ଭ ହୁଏ । ବିଶ୍ୱ ମ୍ୟାଲେରିଆ ଦିବସ ପାଇଁ ଆମର ସପ୍ତାହବ୍ୟାପୀ ଅଭିଯାନ ସ୍ଥାନୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହଯୋଗରେ ସକ୍ରିୟ, ଭୂମିଗତ ସ୍ୱାସ୍ଥ୍ୟସେବା ହସ୍ତକ୍ଷେପ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି । ଏହିପରି ନିରନ୍ତର ପ୍ରୟାସ ମାଧ୍ୟମରେ ଆମେ ସ୍ଥିର, ରୋଗମୁକ୍ତ ସମ୍ପ୍ରଦାୟ ଗଠନ କରିବାକୁ ଲକ୍ଷ୍ୟ ରଖିଛୁ ।

ସିରିଆପାଲି ଗ୍ରାମର ବାସିନ୍ଦା ଏବଂ ଅଭିଯାନର ଲାଭାର୍ଥୀ ଖିରାବତୀ ପଟେଲ ତାଙ୍କ ଅଭିଜ୍ଞତା ବିନିମୟ କରି କହିଛନ୍ତି । ମ୍ୟାଲେରିଆ କିପରି ବ୍ୟାପିଥାଏ ଏବଂ ଆମେ କିପରି ଆମର ପରିବାରକୁ ସୁରକ୍ଷା ଦେଇପାରିବା ତାହା ଟିମ ତାହା ବ୍ୟାଖ୍ୟା କରିଥିଲେ ।

# ରେଡକ୍ରସ ଦିବସ



ଆପଣ ସମସ୍ତେ ସାରା ବିଶ୍ୱର ଡାକ୍ତରୀ ସେବା କ୍ଷେତ୍ରରେ ନାଲି ଛକିକୁ ଦେଖିଥିବେ । ଡାକ୍ତରଖାନା, କ୍ଲିନିକ, ଆମ୍ବୁଲାନ୍ସ ଆଦିରେ ଧଳାପୃଷ୍ଠଭୂମିରେ ଲାଲଛକି କିମ୍ବା ସବୁଜ ପୃଷ୍ଠଭୂମିରେ ଧଳାଛକି ବ୍ୟବହାର କରାଯାଏ । ଏହା ପ୍ରାଥମିକ ସେବା ବା ଫାଷ୍ଟଏଡ୍‌ର ପ୍ରତୀକ, ଯାହାର ସୃଷ୍ଟି ଇଟାଲୀର ଏକତ୍ରୀକରଣ ଯୁଦ୍ଧ ସମୟରେ ହୋଇଥିଲା । ଏହି ଯୁଦ୍ଧରେ ଅସଂଖ୍ୟ ସୈନିକ ଓ ବେସାମରିକ ବ୍ୟକ୍ତି ପ୍ରାଣ ହରାଇଥିଲେ । ରେଡ୍‌କ୍ରସ ସାରା ବିଶ୍ୱରେ ଏପରିକି ଯୁଦ୍ଧ କ୍ଷେତ୍ରରେ ମାନବିକ ଓ ଡାକ୍ତରୀ ସହଯୋଗ ଦେଉଥିବା ସବୁ ଗୋଷ୍ଠୀ, ସବୁ ରେଡ୍‌କ୍ରସ ସଂଗଠନର ପ୍ରତୀକ । ମେ ୮ ତାରିଖକୁ ବିଶ୍ୱ ରେଡ୍‌କ୍ରସ ଦିବସ ଭାବରେ ପାଳନ କରାଯାଇଥାଏ । ୧୮୫୯ରେ ଯୁବ ସ୍ୱିସ୍ ବ୍ୟବସାୟୀ ହେନେରୀ ଡୁନା ଇଟାଲୀର ସୋଲଫେରିନୋ ଠାରେ ଏକ ରକ୍ତାକ୍ତ ଯୁଦ୍ଧରେ ଅସହାୟ ମୃତାହତ ରକ୍ତାକ୍ତ ସୈନିକଙ୍କ ଅବସ୍ଥା ଦେଖି ଯୁଦ୍ଧାହତଙ୍କ ପାଇଁ ଏକ ନିରପେକ୍ଷ ସେବା ସଂସ୍ଥାନ ଗଢ଼ିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ । ୧୮୬୩ ମସିହାରେ ହେନେରୀ ଡୁନାଙ୍କ ତତ୍ତ୍ୱାବଧାନରେ ଅନ୍ୟ ଚାରିଜଣ ସହଯୋଗୀ ଯଥା ଗୁସ୍ତାଭ୍ ମୋୟନିର, ଲୁଇସ୍ ଆପିଆ, ଥିଓଡର ମୌନର ଓ ଗ୍ୟୁଲେମ୍ ହେନେରୀ ଡୁଫରଙ୍କ ମିଳିତ ଉଦ୍ୟମରେ ଜନ୍ମ ନେଲା ଇଣ୍ଟର ନ୍ୟାସନାଲ କମିଟି ଫର ରିଲିଫ୍ ଟୁ ଦି ଉଣ୍ଡେଡ୍ । ପରବର୍ତ୍ତୀ ସମୟରେ ଏହା ଇଣ୍ଟର ନ୍ୟାସନାଲ କମିଟି ଅଫ୍ ଦି ରେଡ୍‌କ୍ରସରେ ପରିଣତ ହେଲା । ୧୮୬୪ ମସିହାରେ ରେଡ୍‌କ୍ରସର ପ୍ରଥମ ଅନ୍ତରାଷ୍ଟ୍ରୀୟ ସମ୍ମିଳନୀ ଜେନେଭାଠାରେ ଅନୁଷ୍ଠିତ ହୋଇ ୧୦ଟି ଧାରା ସ୍ୱାକ୍ଷରିତ ହୋଇଥିଲା । ସେତେବେଳେ ସମୁଦାୟ ୧୪ଟି ଦେଶର ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ । ବର୍ତ୍ତମାନ ରେଡ୍‌କ୍ରସ ସୋସାଇଟିର ସଦସ୍ୟ ରାଷ୍ଟ୍ରଙ୍କ ସଂଖ୍ୟା ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ । ସାରା ବିଶ୍ୱରେ ଏହି ସଂଗଠନର ୯୮.୭ ମିଲିୟନ କର୍ମଚାରୀ, ସଦସ୍ୟ ଓ ସ୍ୱେଚ୍ଛାସେବୀ ଅଛନ୍ତି । ଏହି ସଂଗଠନ ତିନିଥର ଯଥା ୧୯୧୭, ୧୯୪୪ ଓ ୧୯୬୩ରେ ନୋବେଲ ଶାନ୍ତି ପୁରସ୍କାର ସମ୍ମାନୀତ ହୋଇଥିଲା । ଆଫଗାନିସ୍ଥାନ ଠାରୁ ଆରମ୍ଭ କରି ଜିମ୍ବାୱେ ପର୍ଯ୍ୟନ୍ତ ବିଶ୍ୱର ୧୮୯ଟି ଦେଶ ରେଡ୍‌କ୍ରସର ସଦସ୍ୟ ଅଟନ୍ତି। ରେଡ୍‌କ୍ରସର ଅର୍ଦ୍ଧାଧିକ ସ୍ୱେଚ୍ଛାସେବୀ ଯୁବପୀଢ଼ି, ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ମହିଳା । ଜାତୀୟ ରେଡ୍‌କ୍ରସ ସୋସାଇଟି ଗୁଡ଼ିକ ସ୍ୱଳ୍ପ ଅବଧି ଓ ଦୀର୍ଘ ଅବଧି ସ୍ୱେଚ୍ଛାସେବୀଙ୍କ ଆବଶ୍ୟକତାକୁ ଦେଖି ତାଲିମ ପ୍ରଦାନ କରନ୍ତି ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋଭାବ ସୃଷ୍ଟି କରିବା ପାଇଁ ବିଭିନ୍ନ ସ୍କୁଲରେ ଜୁନିୟର ରେଡ୍‌କ୍ରସ ଓ କଲେଜମାନଙ୍କରେ ୟୁଥ ରେଡ୍‌କ୍ରସ ସୋସାଇଟି ରହିଛି । ଏହାର ପ୍ରମୁଖ ଲକ୍ଷ୍ୟ ରହିଛି ଶିକ୍ଷା ଓ ତାଲିମ ଦ୍ୱାରା ସୁସ୍ଥ ଜୀବନ, ଶିକ୍ଷା ଓ ତାଲିମ ଦ୍ୱାରା ସମାଜସେବା ପାଇଁ ଉତ୍ସାହିତ କରିବା, ରେଡ୍‌କ୍ରସର ମୂଳନୀତି ସଂପର୍କରେ ସଚେତନ କରାଇବା, ମାନବିକତା ଭାବ ସୃଷ୍ଟି କରିବା ।

ବାଦଲ ଭୂୟାଁ, ଜାମସେଦପୁର



# ରୋବଟର ରାଗ



ଆଜିକାଲି ରୋବଟକୁ ବ୍ୟବହାର କରି ବିଭିନ୍ନ କାର୍ଯ୍ୟ କରାଯାଉଛି । ଘରେ ଦୈନନ୍ଦିନ କାର୍ଯ୍ୟଠାରୁ ଆରମ୍ଭ କରି ବିଭିନ୍ନ ଫ୍ୟାକ୍ଟ୍ରିରେ ମଧ୍ୟ ରୋବଟର ବ୍ୟବହାର ବଢ଼ିଛି । ତେବେ ନିକଟରେ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଠି ଏକ ରୋବଟ ଜଣ ବ୍ୟକ୍ତିଙ୍କ ଉପରକୁ ଆକ୍ରମଣ କରୁଛି । ଭିଡିଓଟି ଏକ ସିସିଟିଭି ଫୁଟେଜ୍‌ର । ସିସିଟିଭିରେ ଦେଖିବାକୁ ମିଳିଛି ରୋବଟଟି ଜଣେ କର୍ମଚାରୀଙ୍କ ଉପରକୁ ଆକ୍ରମଣ କରୁଛି । ଭିଡିଓରେ ଦେଖିବାକୁ ମିଳୁଛି ଏକ ରୋବଟ କ୍ରେନ୍‌ରେ ଓହଳି ରହିଛି । ହେଲେ ହଠାତ ଏହା ଆକ୍ଟିଭ ହୋଇ ନିଜର ହାତ ଗୋଡ ହଲାଇବା ଆରମ୍ଭ କରୁଛି । ତେବେ ଭିଡିଓରୁ ଜଣାପଡୁଛି ପାଖରେ କାମ କରୁଥିବା କର୍ମଚାରୀଙ୍କୁ ସେ ନିଜ ହାତ ଗୋଡରେ ଆକ୍ରମଣ କରୁଛି । ଖୁବ କଷ୍ଟରେ କର୍ମଚାରୀ ଦୁଇଜଣ ରୋବଟଟିର ପାୱାର ଅଫ୍‌କରି ଏହାକୁ ଶାନ୍ତ କରାଇଛନ୍ତି । ଏହି ଭିଡିଓ ଭାଇରାଲ ହେବାପରେ ଲୋକମାନେ ରୋବଟଙ୍କର କାର୍ଯ୍ୟକରିବାର ଶୈଳୀକୁ ନେଇ ପ୍ରଶ୍ନ ଉଠିଛି । ଲୋକମାନେ ରୋବଟକୁ ଭୟ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଛନ୍ତି ।

## ସୋସିଆଲ କୋଟ୍ସ

" ଅପରେସନ୍ ସିନ୍ଦୂର, ଆତଙ୍କବାଦ ଉପରେ ଜିରୋ ଟଲରେନ୍ସର ଉଦାହରଣ । ଭାରତର ସଶସ୍ତ୍ରବଳ ଏକ ସଠିକ୍ ମିଶନ କରିଛନ୍ତି । ନୂଆ ଭାରତ ।

କଙ୍ଗନା ରାଣାୱତ, ଅଭିନେତ୍ରୀ





" ଯୋଦ୍ଧାଙ୍କର ଯୁଦ୍ଧ ଆରମ୍ଭ ହୋଇଛି । ମିଶନ ସମ୍ପୂର୍ଣ୍ଣ ନହେବା ଯାଏଁ ଏହାକୁ ରୋକାଯିବ ନାହିଁ । ସମଗ୍ର ଦେଶ ତୁମ ସହିତ ଅଛି ।

ରଜନୀକାନ୍ତ, ଅଭିନେତା


" ଆମ ପ୍ରାର୍ଥନା ଆମ ସେନାଙ୍କ ସହିତ ଅଛି । ଗୋଟିଏ ଦେଶ ଭାବେ ଆମେ ଏକ ହୋଇ ଠିଆ ହୋଇଛୁ । ଜୟ ହିନ୍ଦ୍, ବନ୍ଦେ ମାତରମ୍ ।

ମଧୁର ଭଣ୍ଡାରକର, ଫିଲ୍ମମେକର



# ହାଡକୁ ରଖନ୍ତୁ ସୁସ୍ଥ

ବୟସ ବଢିବା ସହିତ ଆମର ଆଣ୍ଠୁ ଘଣ୍ଠିରେ ଯନ୍ତ୍ରଣା ଦେଖିବାକୁ ମିଳିଥାଏ । ତେବେ ଏହା ଯେ କେବଳ ବୃଦ୍ଧା ଅବସ୍ଥାରେ ହେବ ତାହା ନୁହେଁ । ଏହା କମ ବୟସ ଯେପରି ୪୦ ବର୍ଷ ପରେ ମଧ ଏହି ସମସ୍ୟା ଦେଖାଯିବାର ସମ୍ଭାବନା ରହିଛି । ତେଣୁ କିଛି ଉପାୟ ରହିଛି, ଯାହାକୁ ବ୍ୟବହାର କରି ଆପଣ ନିଜର ହାଡକୁ ଭଲ ରଖିପାରିବେ ।



- ସବୁବେଳେ ଆକ୍ଟିଭ ରୁହନ୍ତୁ । ମୁଣ୍ଡ ସହିତ ଶାରୀରିକ ସ୍ତରରେ ଆକ୍ଟିଭ ରହିବା ଦ୍ୱାରା ଆମର ହାଡ ଶକ୍ତ ହୋଇଥାଏ । ଆମ ଶରୀର ଏକ ଯନ୍ତ୍ରଭଳି ତେଣୁ ଏହାର ସବୁ ଅଙ୍ଗର ବ୍ୟବହାରର ଆବଶ୍ୟକତା ରହିଛି । ସେଥିପାଇଁ ସବୁବେଳେ ଗୋଟିଏ ସ୍ଥାନରେ ବସି ନରହି ଚଲାବୁଲା ଏବଂ କିଛି ଶାରିରୀକ ପରିଶ୍ରମ କରନ୍ତୁ ।
- ହାଡକୁ ହେଲ୍‌ଦି ରଖିବା ପାଇଁ ଆଉ ଏକ ଉପାୟ ହେଲା ନିଜର ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ। ଅଧିକ ଓଜନ ଆପଣଙ୍କର ହାଡ ପାଇଁ ସମସ୍ୟା ପାଲଟିପାରେ । ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ।
- ଆଉ ଏକ ଉପାୟ ହେଲା ନିଜକୁ ହାଇଡ୍ରେଟ୍ ରଖନ୍ତୁ । ହାଡକୁ ଶକ୍ତ ରଖିବା ପାଇଁ ପାଣି ଅଧିକ ପିଅନ୍ତୁ । ପାଣି କମିଲେ ହାଡ ବିନ୍ଧା ହେବାର ସମ୍ଭାବନା ବେଶି ରହିଥାଏ । ପାଣି ପିଇବ । ଦ୍ୱାରା ଆମ ଶରୀରରେ ସାଇନୋଭିଆଲ ନାମକ ଏକ ଫ୍ଲୁଇଡ୍ ନିର୍ଗତ ହୋଇଥାଏ, ଯାହା ଆମର ଆଣ୍ଠୁ ଗଣ୍ଠିକୁ ଶକ୍ତ କରିଥାଏ ।

# ପରିଶ୍ରମୀ ସୁହାନା



ସୁହାନା ଖାନ୍, ଖୁବଶୀଘ୍ର ବିଟାଉନ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି । ତାଙ୍କୁ ଆଗକୁ ଫିଚର ଫିଲ୍ମ କିଙ୍ଗରେ ଦେଖିବାକୁ ମିଳିବ ଯେଉଁଥିରେ ସେ ବାପା ଶାହରୁଖ ଖାନ୍‌ଙ୍କ ସହିତ ସ୍କ୍ରିନ ସେୟାର କରିବେ । ବର୍ତ୍ତମାନ ସମସ୍ତଙ୍କ ଆଖି ସୁହାନାଙ୍କ ଉପରେ ରହିଛି । ତେବେ ନିକଟରେ କରଣ ଜୋହର ଦେଇଥିବା ବୟାନ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ନିକଟରେ କରଣ ସୁହାନାଙ୍କର ଖୁବ ପ୍ରଶଂସା କରିଛନ୍ତି । ସୁହାନା ଜଣେ ଖୁବ ପ୍ରତିଭାବାନ କଳାକାର ବୋଲି କରଣ ଏଥିରେ ମତ ଦେଇଛନ୍ତି । ସେ ସୁହାନାଙ୍କ କାମ ଖୁବ ପାଖରୁ ଟ୍ରାକ କରିଛନ୍ତି ଏବଂ ସେ ଖୁବ ପରିଶ୍ରମୀ ବୋଲି ଜାଣିଛନ୍ତି । ଦର୍ଶକ ସୁହାନାଙ୍କର ଏକ ଭିନ୍ନ ଅନ୍ଦାଜ ଏହି ଫିଲ୍ମରେ ଦେଖିବେ ବୋଲି କରଣ ପ୍ରକାଶ କରିଛନ୍ତି । ସୁହାନାଙ୍କର ଜଣେ କଳାକାର ଭାବେ ଦକ୍ଷତା ଖୁବ ଭଲ ରହିଛି, ଯାହା ଖୁବଶୀଘ୍ର ଦର୍ଶକଙ୍କ ନିକଟରେ ପହଞ୍ଚିବ ବୋଲି କରଣ ମତ ଦେଇଛନ୍ତି । ଏହି ପ୍ରୋଜେକ୍ଟରେ ଦର୍ଶକ ସୁହାନା ଓ ଶାହରୁଖଙ୍କ ସହିତ ଦୀପିକା ମଧ୍ୟ ନଜର ଆସିବେ ।

# ଗାଁର ପ୍ରଥମ ଦଶମ ପାସ୍

ବିଦ୍ୟାର ଆବଶ୍ୟକତା ସମସ୍ତଙ୍କର ରହିଛି । ତେବେ ପୂର୍ବରୁ ପାଠ ପଢିବାକୁ ଖୁବ ପରିଶ୍ରମ କରିବାକୁ ପଡୁଥିଲା ହେଲେ ବର୍ତ୍ତମାନ ପାଠ ପଢିବା ପାଇଁ ଅନେକ ସୁବିଧା ସୁଯୋଗ ରହିଛି । ଯେତେ ପ୍ରକାର ବ୍ୟବସ୍ଥାଥିଲେ ବି ଆଜି ମଧ ଏଭଳି ଗାଁ ଅଛି ଯେଉଁଠି ୭୭ ବର୍ଷ ପରେ ଜଣେ ଛାତ୍ର ଦଶମଶ୍ରେଣୀ ପାସ କରିଥିବା ସୂଚନା ମିଳିଛି । ସୂଚନା ଅନୁସାରେ ଉତ୍ତରପ୍ରଦେଶର ଶୈଳେନ୍ଦ୍ର ଦିବେଦୀ ନାମକ ଜଣେ ଛାତ୍ର ଚଳିତ ବର୍ଷ ଦଶମ ଶ୍ରେଣୀ ପାସ କରିବାରେ ସକ୍ଷମ ହୋଇଛନ୍ତି । ସେ ଉତ୍ତରପ୍ରଦେଶର ନିଜାମପୁରର ବାସିନ୍ଦା । ତେବେ ଏଠାରେ ଥିବା ବିଦ୍ୟାଳୟଟି ୧୯୨୩ ମସିହାରେ ସ୍ଥାପନ କରାଯାଇଥିଲା । ଏହି ସ୍କୁଲ ବ୍ରିଟିଶ ଅମଳରୁ ଏଠାରେ ଥିଲେ ମଧ ଏଠାରେ ୭୭ ବର୍ଷ ହେଲା କେହି ଛାତ୍ର ଦଶମ ଶ୍ରେଣୀ ପାସ କରି ପାରୁନଥିଲେ । ହେଲେ ଚଳିତ ପରୀକ୍ଷାରେ ଜଣେ ଛାତ୍ର ସେଠାରେ ଦଶମ ଶ୍ରେଣୀ ପାସ କରିଛନ୍ତି । ଛାତ୍ର ଜଣଙ୍କ ବର୍ତ୍ତମାନ ନିଜ ଗାଁ ତଥା ନିଜ ପରିବାର ପାଇଁ ଗର୍ବ ଆଣିଛନ୍ତି । ଅନେକ ପରିଶ୍ରମ ପରେ ଛାତ୍ର ଜଣଙ୍କ ଏହି ସଫଳତା ପାଇଛନ୍ତି । ସେ ଦିନରେ ଶ୍ରମିକ ଭାବେ କାମ କରୁଥିବାବେଳେ ରାତିରେ ପରିଶ୍ରମ କରି ସେ ଏହି ପରୀକ୍ଷାରେ ଉତିନ୍ନ ହୋଇଛନ୍ତି । ତେବେ ତାଙ୍କ ବାପା ପାଠ ନପଢିଥିଲେ ମଧ ପୁଅକୁ ଶିକ୍ଷିତ କରିବାକୁ ଚେଷ୍ଟା କରିଥିଲେ । କେବଳ ସେ ନିଜେ ନୁହେଁ ତାଙ୍କ ବାପା ମାଆ ମଧ ଏଥିପାଇଁ ଖୁବ ପରିଶ୍ରମ କରିଛନ୍ତି । ପୁରା ପରିବାର ଖୁବ ପରିଶ୍ରମ କରି ପୁଅକୁ ଶିକ୍ଷିତ କରିବାକୁ ଚେଷ୍ଟା କରିଛନ୍ତି । ଛାତ୍ରଙ୍କର ନାଁ ରାମେକୱାଲ୍ ରହିଥିବାବେଳେ ତାଙ୍କ ସଫଳତା ପାଇଁ ତାଙ୍କୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ମଧ ଦିଆଯାଇଛି ।





# ବାସ୍ତୁଦୋଷ ଦୂରକରେ କର୍ପୂର



ବାସ୍ତୁ ଶାସ୍ତ୍ର ଅନୁସାରେ ଘରେ ବାସ୍ତୁ ଦୋଷ ଥିଲେ ଘରର ସୁଃଖ ଶାନ୍ତି ନଷ୍ଟ ହେବା ସହ ଉନ୍ନତି ହୋଇନଥାଏ । ବାସ୍ତୁ ଦୋଷ ପାଇଁ ଘରେ ବଢୁଥିବା ନକରାତ୍ମକତାର ପ୍ରଭାବ ମଣିଷର ଜୀବନ ଉପରେ ପଡିଥାଏ । ତେଣୁ ବାସ୍ତୁ ଶାସ୍ତ୍ରରେ ଏସବୁକୁ ଦୂର କରିବା ପାଇଁ ଅନେକ ଉପାୟ ଦିଆଯାଇଛି, ସେହିମଧ୍ୟରୁ କର୍ପୂର ଅନ୍ୟତମ । କର୍ପୁରର କିଛି ଏଭଳି ଶକ୍ତି ଯାହା ବାସ୍ତୁ ଦୋଷକୁ କାଟିଥାଏ । ଯଦି ଘରେ କିଛି ବାସ୍ତୁ ଦୋଷ ରହିଛି ତେବେ ସମସ୍ତ ରୁମରେ କର୍ପୂର ଖଣ୍ଡ ରଖିଦିଅନ୍ତୁ । ଯଦି ଏହା କିଛି ସମୟରେ ନଷ୍ଟ ହୋଇଯାଉଛି ତେବେ ସେହି ସ୍ଥାନରେ ନୂଆ ରଖିନିଅନ୍ତୁ । ଏହାକୁ ରଖିବା ଫଳରେ ଘରେ ଥିବା ବାସ୍ତୁ ଦୋଷ ନଷ୍ଟ ହୋଇଥାଏ । ଘରେ ସର୍ବଦା କର୍ପୂରକୁ ଦେଶୀ ଘିଅରେ ବୁଡାଇ ଜଳାନ୍ତୁ । ଏପରି କରିବା ଦ୍ୱାରା ଘରର ନକରାତ୍ମକତା ଦୂର ହୋଇଥାଏ । ଏହାସହିତ ଘରେ ସୁଖ ଶାନ୍ତି ରହିଥାଏ । ରାତିରେ ରୋଷେଇ ସରିବା ପରେ ଏକ ସଫା ପାତ୍ରରେ କର୍ପୂରକୁ ଲବଙ୍ଗ ସହିତ ଜଳାନ୍ତୁ । ଏହା ବେଶ୍ ଲାଭକାରୀ ବୋଲି ବିଶ୍ୱାସ ରହିଛି । ନିୟମିତ ଏପରି କରିବା ଦ୍ୱାରା ଘରେ ଅଟକି ରହିଥିବା କାର୍ଯ୍ୟ ମଧ ପୂରା ହୋଇଥାଏ । ଗାଧୁଆ ପାଣିରେ କର୍ପୂର ଓ ତେଲ ମିଶାଇ ଗାଧାନ୍ତୁ । ଏପରି କରିବା ଦ୍ୱାରା ଶରୀରରେ ଫୂର୍ତ୍ତି ଆସିଥାଏ । ସେହିଭଳି ଘରର ଅଗ୍ନି କୋଣ ମାନେ ଦକ୍ଷୀଣ ପୂର୍ବ ଦିଗରେ ସବୁଦିନ ସନ୍ଧ୍ୟାବେଳେ କର୍ପୂର ଜାଳିବା ଦ୍ୱାରା ଘରେ ଆର୍ଥିକ ସମସ୍ୟାର ସମାଧାନ ହୋଇଥାଏ । ଘରେ ଧନ ବଢିଥାଏ ବୋଲି ବିଭିନ୍ନ ବାସ୍ତୁ ଶାସ୍ତ୍ରରେ ବର୍ଣ୍ଣନା ରହିଛି ।

୧୯୨୯ – ଭାରତର ପ୍ରସିଦ୍ଧ ଠୁମରୀ ଗାୟକ ଗିରିଜା ଦେବୀଙ୍କ ଜନ୍ମ ।

୧୯୨୬– ପ୍ରସିଦ୍ଧ ଇତିହାସକାର ତପନ ରାୟ ଚୌଧୁରୀଙ୍କ ଜନ୍ମ ।

୧୯୧୫– ଭାରତର ସ୍ୱାଧୀନତା ସଂଗ୍ରାମୀ ଅମୀର ଚାନ୍ଦଙ୍କ ପରଲୋକ ।

୧୯୯୯– ବାଙ୍ଗଲାଦେଶସ୍ଥିତ ଚୀନ୍ ଦୂତାବାସ ଉପରେ ନାଟୋର ହମଲା ।

୨୦୦୪– ଶ୍ରୀଲଙ୍କା ସ୍ପିନ୍ ଯାଦୁକର ମୁଥୟା ମୁରଲୀଧରନଙ୍କ ଟେଷ୍ଟ କ୍ରିକେଟରେ ରେକର୍ଡ଼ ୫୨୧ ୱିକେଟ ଦଖଲ ।

୨୦୨୦– ଦେଶରେ କରୋନା ରୋଗୀଙ୍କ ସଂଖ୍ୟା ୬୦ ହଜାର ପାର୍ ।

# ଟେଷ୍ଟ କ୍ରିକେଟରୁ ରୋହିତଙ୍କ ଅବସର



ମୁମ୍ବାଇ, ୭।୫ (ଏଜେନ୍ସି) : ଟେଷ୍ଟ କ୍ରିକେଟରୁ ଅବସର ନେଲେ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ରୋହିତ ଶର୍ମା । ବୁଧବାର ଏକ ଅପ୍ରତ୍ୟାଶିତ ଖବରକ୍ରମେ ସେ କ୍ରିକେଟର ଲମ୍ବା ଫର୍ମାଟରୁ ଅବସର ଘୋଷଣା କରିଛନ୍ତି । ପୂର୍ବରୁ ସେ ଟି-୨୦ରୁ ଅବସର ନେଇସାରିଛନ୍ତି । ତେବେ ସେ ଦିନିକିଆ କ୍ରିକେଟ ଖେଳିବେ ।

ରୋହିତ ଶର୍ମା ବିଗତ କିଛି ସମୟ ପାଇଁ ଭଲ ପ୍ରଦର୍ଶନ କରିପାରି ନାହାନ୍ତି । ତାଙ୍କ ଅଧିନାୟକତ୍ୱରେ, ଭାରତ ଘରୋଇ ପରିବେଶରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୦-୩ରେ ଟେଷ୍ଟ ସିରିଜ୍ ହାରିଥିଲା । ଏହାପରେ ଦଳ ବର୍ଡର-ଗାଭାସ୍କର ଟ୍ରଫିରେ ଭଲ ପ୍ରଦର୍ଶନ କରିପାରିଲା ନାହିଁ ଏବଂ ହାରିଗଲା । ସେବେଠାରୁ ଦଳରେ ତାଙ୍କର ନିରନ୍ତର ଉପସ୍ଥିତି ଉପରେ ପ୍ରଶ୍ନ ଉଠାଯାଉଥିଲା । ଏବେ ରୋହିତ ହଠାତ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ନିଷ୍ପତ୍ତି ନେଇଛନ୍ତି । ସେ ଏହି ନିଷ୍ପତ୍ତି ଏପରି ଏକ ସମୟରେ ନେଇଛନ୍ତି ଯେତେବେଳେ ଭାରତୀୟ ଦଳ ଜୁନ୍ ମାସରେ ଆଇପିଏଲ ୨୦୨୫ ପରେ ଏକ ଟେଷ୍ଟ ସିରିଜ୍ ଖେଳିବା ପାଇଁ ଇଂଲଣ୍ଡ ଗସ୍ତ କରିବ ।

# ବଦଳିପାରେ ଆଇପିଏଲ୍ ମ୍ୟାଚ୍ ଭେନ୍ୟୁ

ନୂଆଦିଲ୍ଲୀ, ୭।୫ (ଏଜେନ୍ସି) : ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ, ପାକିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀରର ୯ଟି ସ୍ଥାନ ଉପରେ ଏୟାରଷ୍ଟ୍ରାଇକ୍ କରିଥିଲା । ମଙ୍ଗଳବାର ମଧ୍ୟରାତ୍ରରେ ଏହା ଘଟିଥିବା ବେଳେ ସେବେଠାରୁ, ଦେଶର ଉତ୍ତର ଏବଂ ପଶ୍ଚିମ ଭାଗରେ ଥିବା ଅତି କମରେ ୧୮ଟି ବିମାନବନ୍ଦରକୁ ବନ୍ଦ କରିଦିଆଯାଇଛି, ଯେଉଁଥିରେ ଶ୍ରୀନଗର, ଲେହ, ଜମ୍ମୁ, ଅମୃତସର, ପଠାନକୋଟ, ଚଣ୍ଡିଗଡ଼, ଯୋଧପୁର, ଜୈସଲମେର, ଶିମଲା, ଧର୍ମଶାଳା ଏବଂ ଜାମନଗର ଅନ୍ତର୍ଭୁକ୍ତ ।

ପାକିସ୍ତାନରେ ଆତଙ୍କବାଦୀ ଶିବିର ଉପରେ ଭାରତର ଏୟାରଷ୍ଟ୍ରାଇକ୍ ପରେ ଧର୍ମଶାଳା ବିମାନବନ୍ଦରକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଥିବାରୁ ସେଠାରେ ଖେଳାଯିବାକୁ ଥିବା ଆଇପିଏଲ୍ ମ୍ୟାଚ୍ ପ୍ରଭାବିତ ହେବ ବୋଲି କୁହାଯାଉଛି । ଗୁରୁବାର ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ) ଏବଂ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ଏହା ପରେ ମେ' ୧୧ରେ ସେଠାରେ ପଞ୍ଜାବ କିଙ୍ଗ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ମଧ୍ୟରେ ମ୍ୟାଚ୍ ଖେଳାଯିବା ନେଇ ପୂର୍ବରୁ କାର୍ଯ୍ୟକ୍ରମ ରହିଛି । ଏବେ ବିମାନବନ୍ଦର ବନ୍ଦ ହେବା ପରେ ମେ' ୧୧ରେ ଧର୍ମଶାଳାରେ ହେବାକୁ ଥିବା ମ୍ୟାଚ୍ ଏବେ ମୁମ୍ବାଇକୁ ସ୍ଥାନାନ୍ତରିତ ହୋଇପାରେ ବୋଲି କୁହାଯାଉଛି ।

ବିସିସିଆଇ ପକ୍ଷରୁ କୁହାଯାଇଛି ଯେ, 'ଏହି ସମୟରେ ସବୁକିଛି ଅନିଶ୍ଚିତ । ଦଳଗୁଡ଼ିକ ସହିତ ଆଲୋଚନା ଚାଲିଛି ଏବଂ ବିମାନବନ୍ଦର ବନ୍ଦ ଥିବା ସମୟରେ ସେମାନେ ଧର୍ମଶାଳାରୁ ଦିଲ୍ଲୀ କିପରି ଫେରିବେ ସେ ବିଷୟରେ ମଧ୍ୟ ସେମାନେ ବିଚାର କରୁଛନ୍ତି ।

# କୋଲକାତାକୁ ୨ ୱିକେଟରେ ହରାଇଲା ଚେନ୍ନାଇ

## ଆଇପିଏଲ୍ ମହାସମର





କୋଲକାତା, ୭।୫ : କୋଲକାତାର ଇଡେନ ଗାର୍ଡେନ୍ସଠାରେ ଚାଲିଥିବା ଆଇପିଏଲ ୨୦୨୫ର ୫୭ତମ ମ୍ୟାଚରେ କୋଲକାତା ନାଇଟରାଇଡର୍ସକୁ ୨ ୱିକେଟରେ ପରାସ୍ତ କରିଛି ଚେନ୍ନାଇ ସୁପରକିଙ୍ଗସ୍ । ୧୮୦ ରନର ବିଜୟ ଲକ୍ଷ୍ୟକୁ ଚେନ୍ନାଇ ୧୯.୪ ଓଭରରେ ୮ ୱିକେଟ ହରାଇ ହାସଲ କରିନେଇଥିଲା । ଦଳ ପକ୍ଷରୁ ଡେୱାଲଡ ବ୍ରେଭିସ ୫୨ ରନ କରିଥିବାବେଳେ ଶିବମ ଦୁବେ ୪୫ ରନ କରିଥିଲେ । ସେହିପରି ଉର୍ଭିଲ ପଟେଲ ୩୧ ରନ କରିଥିଲେ ।

ଏହି ମ୍ୟାଚରେ କୋଲକାତା ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ସୁନୀଲ ନାରାୟଣ ଓ ରେହମାନୁଲ୍ଲା ଗୁରବାଜ୍ ବ୍ୟାଟିଂ ଆରମ୍ଭ କରିଥିଲେ । ତେବେ ଗୁରବାଜ ମାତ୍ର ୧୧ ରନ କରି ଆଉଟ ହୋଇଥିଲେ । ସୁନୀଲ ନାରାୟଣ ଓ ଅଜିଙ୍କ୍ୟ ରାହାଣେଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ ଦେଖିବାକୁ ମିଳିଥିଲା । ନାରାୟଣ ୨୬ ରନ କରିଥିବାବେଳେ ଅଜିଙ୍କ୍ୟ ରାହାଣେ ୪୮ ରନ କରିଥିଲେ ।

ସେହିପରି ମଧ୍ୟକ୍ରମରେ ମନିଷ ପାଣ୍ଡେ ୩୬ ରନ କରିଥିବାବେଳେ ଆନ୍ଦ୍ରେ ରସେଲ ୩୮ ରନ କରିଥିଲେ । ମାତ୍ର ରିଙ୍କୁ ସିଂ ପୁଣି ବିଫଳ ହୋଇଥିଲେ । ସେ ମାତ୍ର ୯ ରନ କରି ଆଉଟ ହୋଇଥିଲେ । ଚେନ୍ନାଇ ପକ୍ଷରୁ ନୁର ଅହମ୍ମଦ ୪ଟି ୱିକେଟ ନେଇଥିବାବେଳେ ରବୀନ୍ଦ୍ର ଜାଦେଜା ଓ ଅନସୁଲ କମ୍ବୋଜ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୧ | ୮ | ୩ | ୧୬ |
| ପଞ୍ଜାବ | ୧୧ | ୭ | ୩ | ୧୫ |
| ମୁମ୍ବାଇ | ୧୧ | ୭ | ୪ | ୧୪ |
| ଗୁଜରାଟ | ୧୦ | ୭ | ୩ | ୧୪ |
| ଦିଲ୍ଲୀ | ୧୧ | ୬ | ୪ | ୧୩ |
| କୋଲକାତା | ୧୧ | ୫ | ୬ | ୧୧ |
| ଲକ୍ଷ୍ନୌ | ୧୧ | ୫ | ୬ | ୧୦ |
| ସନ୍‌ରାଇଜର୍ସ | ୧୧ | ୩ | ୭ | ୭ |
| ରାଜସ୍ଥାନ | ୧୨ | ୩ | ୯ | ୬ |
| ଚେନ୍ନାଇ | ୧୧ | ୩ | ୯ | ୬ |

**ଆଜିର ମ୍ୟାଚ**

**ପଞ୍ଜାବ– ଦିଲ୍ଲୀ**

ସମୟ: ରାତି ୭.୩୦

ସ୍ଥାନ: ଧର୍ମଶାଳା

ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର

# ଷ୍ଟାଡିୟମ ଉଡ଼ାଇ ଦେବାକୁ ଧମକ

ନୂଆଦିଲ୍ଲୀ, ୭।୫ (ଏଜେନ୍ସି) : ଭାରତୀୟ ସେନା ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ କଡା ଜବାବ ଦେଇଛି । ଏହି ଆକ୍ରମଣରେ ଆତଙ୍କବାଦୀଙ୍କୁ ସଫା କରି ଭାରତ ପହଲଗାମ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି । ଏହି ଆକ୍ରମଣ ପରେ, ଭାରତର ସବୁଠି ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି । ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏହି ଉତ୍ତେଜନା ମଧ୍ୟରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ବୋମା ମାଡ଼ କରିବାର ଧମକ ମଧ୍ୟ ଆସିଛି । ବିଶେଷ କରି ଏବେ ଆଇପିଏଲ ୨୦୨୫, ବର୍ତ୍ତମାନ ଚାଲିଛି । ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନେକ ଆଇପିଏଲ ମ୍ୟାଚ୍ ଖେଳାଯାଉଛି । ଏହି ମ୍ୟାଚ୍ ମଧ୍ୟରେ, ଗୁଜରାଟ କ୍ରିକେଟ୍ ଆସୋସିଏସନ୍‌କୁ ଏକ ଧମକପୂର୍ଣ୍ଣ ମେଲ୍ ମିଳିଛି । ଏହି ମେଲରେ ନରେନ୍ଦ୍ର ମୋଦୀ ଷ୍ଟାଡିୟମକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦିଆଯାଇଛି । ଏହି ଇମେଲରେ ଲେଖାଯାଇଛି, 'ଆମେ ତୁମର ଷ୍ଟାଡିୟମକୁ ଉଡ଼ାଇ ଦେବୁ ।' ଏହି ଇମେଲ୍ ପାକିସ୍ତାନ ନାମରେ ଜିସିଏ ପାଖକୁ ଆସିଛି ।

ଏହି ମେଲ୍ ପାଇବା ପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ସତର୍କ ହୋଇଯାଇଛନ୍ତି ଏବଂ ଏହି ମାମଲାରେ ତଦନ୍ତ ମଧ୍ୟ ଆରମ୍ଭ ହୋଇଯାଇଛି । ଭାରତୀୟ ସେନା ଦ୍ୱାରା ପାକିସ୍ତାନ ଉପରେ ଆକ୍ରମଣ ଅପରେସନ ସିନ୍ଦୂର ପରେ ଏହି ଧମକ ଆସିଛି । ଯଦି ଏହି ଦୃଷ୍ଟିକୋଣରୁ ଦେଖାଯାଏ, ତେବେ ଆଗାମୀ ସମୟରେ ଏହି ଷ୍ଟାଡିୟମରେ ଆଇପିଏଲର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ । ଏହି କାରଣରୁ, ଅହମ୍ମଦାବାଦରେ କେବଳ ଷ୍ଟାଡିୟମରେ ନୁହେଁ ବରଂ ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ତଦନ୍ତ ଆରମ୍ଭ ହୋଇଛି । ନରେନ୍ଦ୍ର ମୋଦୀ ଷ୍ଟାଡିୟମ ହେଉଛି ଆଇପିଏଲ ଦଳ ଗୁଜରାଟ ଟାଇଟାନ୍ସର ଘରୋଇ ପଡ଼ିଆ । ଏହି ଷ୍ଟାଡିୟମରେ ଗୁଜରାଟର ଅନେକ ମ୍ୟାଚ୍ ଖେଳାଯାଇଛି । ଗୁଜରାଟ ଦଳ ମେ ୧୪ରେ ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଏବଂ ମେ ୧୮ରେ ଚେନ୍ନାଇ ସୁପର କିଙ୍ଗସ୍ ବିପକ୍ଷରେ ସମାନ ଷ୍ଟାଡିୟମରେ ମ୍ୟାଚ୍ ଖେଳିବ ।

# ୨୦୨୭ ବିଶ୍ୱକପ ଖେଳିବେ କି ରୋହିତ-କୋହଲି ?



ନୂଆଦିଲ୍ଲୀ, ୭।୫ (ଏଜେନ୍ସି) : ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏକ କାର୍ଯ୍ୟକ୍ରମରେ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଭବିଷ୍ୟତ ବିଷୟରେ ଏକ ବଡ଼ ବୟାନ ଦେଇଛନ୍ତି । କାର୍ଯ୍ୟକ୍ରମରେ ଗମ୍ଭୀରଙ୍କୁ ପଚରା ଯାଇଥିଲା ଯେ ରୋହିତ ଏବଂ ବିରାଟ ୨୦୨୭ ଦିନିକିଆ ବିଶ୍ୱକପରେ ଖେଳିବେ କି ? ଗମ୍ଭୀର ଏହାର ଏକ ଆକର୍ଷଣୀୟ ଉତ୍ତର ଦେଇଥିଲେ । ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର କହିଛନ୍ତି, ଏହା ଉଭୟଙ୍କ ନିଷ୍ପତ୍ତି ହେବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉଭୟ କିପରି ପ୍ରଦର୍ଶନ କରିବେ । ଚାମ୍ପିଅନ୍ସ ଟ୍ରଫିରେ ଦୁହେଁ କିପରି ପ୍ରଦର୍ଶନ କରିଥିଲେ ତାହା ବିଶ୍ୱ ଦେଖିଛି । ଯେପର୍ଯ୍ୟନ୍ତ ସେମାନେ ଖେଳୁଛନ୍ତି, ସେମାନେ ଦଳର ଅଂଶ ରହିବେ । ଯେପର୍ଯ୍ୟନ୍ତ ସେମାନେ ପ୍ରଦର୍ଶନ ଜାରି ରଖିବେ, ସେପର୍ଯ୍ୟନ୍ତ ସେମାନେ ଖେଳୁଥିବେ । ଯଦି ଜଣେ ଖେଳାଳି ୪୦ କିମ୍ବା ୪୫ ବର୍ଷ ବୟସରେ ମଧ୍ୟ ପ୍ରଦର୍ଶନ କରୁଛି, ତେବେ ସେ ଖେଳିବା ଉଚିତ ।

ସେହିପରି ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ବିଦାୟ ମିଳିବ କି? ଏହା ଉପରେ ଗମ୍ଭୀର କହିଛନ୍ତି, ବିଦାୟ କୌଣସି କ୍ରିକେଟରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଦେଶ ପାଇଁ ବିଜୟରେ ସେ କେତେ ଅବଦାନ ଦେଇଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ । ଯାହାହେଉ, ଖେଳାଳି ଚୟନ କରିବା ପ୍ରଶିକ୍ଷକଙ୍କ କାମ ନୁହେଁ । ଚୟନକାରୀଙ୍କ କାମ ଚୟନ କରିବା ।

ସେହିପରି ଫାଇନାଲରେ ଭାରତର ବିଜୟ ପାଇଁ ତାଙ୍କୁ ଶ୍ରେୟ ଦିଆନଯିବା ନେଇ କଣ କହିବେ ବୋଲି ପଚରାଯାଇଥିଲା । ଗମ୍ଭୀର ଉତ୍ତର ଦେଇଥିଲେ, ଯେତେବେଳେ ଜଣେ ଖେଳାଳି ଏତେ ବଡ଼ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି, ସେ ଶ୍ରେୟ ନେବା ବିଷୟରେ ଚିନ୍ତା କରନ୍ତି ନାହିଁ । ଗମ୍ଭୀର କହିଛନ୍ତି, ଯେଉଁମାନେ ପ୍ରଶ୍ନ ଉଠାନ୍ତି ଯେ ଫାଇନାଲରେ ବିଜୟ ପାଇଁ ମୋତେ ଶ୍ରେୟ ଦିଆଯାଇ ନଥିଲା, ସେମାନେ ପ୍ରକୃତରେ ସେହି ଲୋକ ଯେଉଁମାନେ ମୋତେ ବିଜୟ ପାଇଁ ଶ୍ରେୟ ଦେଇ ନଥିଲେ । ବାକି ଲୋକମାନେ ମୋତେ ସେହି ଇନିଂସ ପାଇଁ ବହୁତ ଭଲପାଇବା ଦେଇଛନ୍ତି ।

# ବଢ଼ିଲା କେକେଆର ଓ ଏଲଏସଜିର ଚିନ୍ତା

ନୂଆଦିଲ୍ଲୀ, ୭।୫ (ଏଜେନ୍ସି) : ଆଇପିଏଲ ୨୦୨୫ରେ ୫୫ଟି ମ୍ୟାଚ୍ ଖେଳାଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ବି ଦଳ ପ୍ଲେଅଫରେ ନିଜର ସ୍ଥାନ ସୁରକ୍ଷିତ କରିପାରିନାହାନ୍ତି । ସୋମବାର ବର୍ଷା ଯୋଗୁଁ ସନରାଇଜର୍ସ ହାଇଦ୍ରାବାଦ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ବାତିଲ ହେବା ପରେ ଶୀର୍ଷ ୪ରେ ପହଞ୍ଚିବା ପାଇଁ ଲଢ଼େଇ ଆହୁରି ରୋମାଞ୍ଚକର ହୋଇଯାଇଛି । ତେବେ ଏସବୁ ଭିତରେ କେକେଆର ଓ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସର ଟେନସନ୍ ମଧ୍ୟ ବଢ଼ିଯାଇଛି । କାରଣ ଏବେ ଗୋଟିଏ ପରାଜୟ ସେମାନଙ୍କୁ ପଛରେ ପକାଇପାରେ । କେକେଆର ୧୧ଟି ମ୍ୟାଚ୍‌ରୁ ୫ଟିରେ ବିଜୟୀ ହୋଇଛି, ୧୧ ପଏଣ୍ଟ ପାଇଛି ଏବଂ ଟେବୁଲର ଷଷ୍ଠ ସ୍ଥାନରେ ଅଛି । ତାଙ୍କର ଏବେ ୩ଟି ମ୍ୟାଚ୍ ବାକି ଅଛି ଏବଂ ସେ ସମସ୍ତ ଜିତି ୧୭ ପଏଣ୍ଟ ପାଇପାରିବେ । କେକେଆର ପରି, ଲକ୍ଷ୍ନୌ ମଧ୍ୟ ୧୧ମ୍ୟାଚ୍‌ରୁ ୫ଟିରେ ପରାସ୍ତ ହୋଇଛି, ଗତ ୩ଟି ମ୍ୟାଚ୍‌ରେ ଏହା ଲଗାତାର ପରାଜୟ ବରଣ କରିଛି ।

ଦଳ ୧୦ ପଏଣ୍ଟ ସହିତ ୭ମ ସ୍ଥାନରେ ଅଛି । କିନ୍ତୁ ଯଦି ଦିଲ୍ଲୀ ଶେଷ ମ୍ୟାଚ୍ ହାରିଯାଇଥାନ୍ତା, ତେବେ ଏହା ସେମାନଙ୍କ ପାଇଁ ଆଶ୍ୱସ୍ତି ହୋଇଥାନ୍ତା । ଅନ୍ୟପଟେ ଆରସିବି ଦଳ ୧୧ଟି ମ୍ୟାଚ୍ ରୁ ୮ଟିରେ ବିଜୟୀ ହୋଇଛି ଏବଂ ୩ଟିରେ ହାରିଛି । ୧୬ ପଏଣ୍ଟ ସତ୍ତ୍ୱେ, ତାଙ୍କର ପ୍ଲେଅଫ୍ ଟିକେଟ୍ ନିଶ୍ଚିତ ହୋଇନାହିଁ । ତଥାପି ଏହା ପ୍ରାୟ ନିଶ୍ଚିତ କାରଣ ଏହି ପଏଣ୍ଟ ସହିତ ମଧ୍ୟ, ଅନ୍ୟ ଦଳର ଫଳାଫଳ ଆରସିବିକୁ ପ୍ଲେଅଫକୁ ନେଇପାରିବ ।

ତଥାପି ଆରସିବି ପ୍ଲେଅଫ୍ ଅପେକ୍ଷା ଶ୍ରେଷ୍ଠ ୨ରେ ରହିବା ଉପରେ ଅଧିକ ଧ୍ୟାନ ଦେବ । କାରଣ ଏମିତି ହେଲେ ଫାଇନାଲରେ ପହଞ୍ଚିବା ପାଇଁ ଦୁଇଟି ସୁଯୋଗ ପାଇବେ । ପଞ୍ଜାବ କିଙ୍ଗ୍ସ ୧୧ ମ୍ୟାଚ୍‌ରୁ ୭ ବିଜୟ ସହିତ ଦ୍ୱିତୀୟ ସ୍ଥାନରେ ଅଛି, ସେମାନଙ୍କର ଗୋଟିଏ ମ୍ୟାଚ୍ ବାତିଲ ହୋଇଥିଲା । ତେଣୁ ଶ୍ରେୟସ ଆୟରଙ୍କ ଅଧିନାୟକତ୍ୱରେ ଏହି ଦଳର ୧୫ ପଏଣ୍ଟ ରହିଛି । ପ୍ଲେଅଫରେ ପହଞ୍ଚିବା ପାଇଁ ତାଙ୍କୁ ଆଉ ଗୋଟିଏ ମ୍ୟାଚ୍ ଜିତିବାକୁ ପଡିବ । ହାଇଦ୍ରାବାଦ ସହ ମ୍ୟାଚ୍ ବାତିଲ ହେବା ପରେ, ଦିଲ୍ଲୀ କ୍ୟାପିଟାଲ୍ସ ୧୩ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି । ଏହାର ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ବାକି ଅଛି, ଯାହାକୁ ଜିତି ଦଳ ୧୯ ପଏଣ୍ଟରେ ପହଞ୍ଚିପାରିବ । ଦିଲ୍ଲୀକୁ ପରବର୍ତ୍ତୀ ୩ଟି ମ୍ୟାଚ୍ ମଧ୍ୟରୁ ଅତି କମରେ ୨ଟି ମ୍ୟାଚ୍ ଜିତିବାକୁ ପଡିବ । କିନ୍ତୁ ଦିଲ୍ଲୀର ମ୍ୟାଚ୍ ବାତିଲ ହେବା ଅନେକ ଦଳର ଟେନସନ୍ ବଢ଼ାଇ ଦେଇଛି ।

# ବିରାଟଙ୍କୁ ଜୋକର୍ କହିଲେ ରାହୁଲ ବେଦ୍ୟ

ନୂଆଦିଲ୍ଲୀ, ୭।୫ (ଏଜେନ୍ସି) : ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲି କିଛିଦିନ ପୂର୍ବରୁ ଅଭିନେତ୍ରୀ ଅବନୀତ କୌରଙ୍କ ଇନଷ୍ଟାଗ୍ରାମ ଫଟୋରେ ଦେଇଥିବା ଲାଇକ୍ ଉପରେ ସ୍ପଷ୍ଟୀକରଣ ଦେଇଥିଲେ । ସେ କହିଥିଲେ ଯେ, ସେ ଜାଣିଶୁଣି ତାଙ୍କ ଫଟୋକୁ ପସନ୍ଦ କରିନଥିଲେ ବରଂ ଏହା ଆଲଗୋରିଦମ ଯୋଗୁଁ ଘଟିଥିଲା । ପରେ ଗାୟକ ରାହୁଲ ବୈଦ୍ୟ ଆଇପିଏଲ ୨୦୨୫ରେ ଆରସିବି ପାଇଁ ଖେଳୁଥିବା କୋହଲିଙ୍କ ଏହି ଦାବି ଉପରେ ପ୍ରଶ୍ନ ଉଠାଇ ତାଙ୍କୁ ଟ୍ରୋଲ ମଧ୍ୟ କରିଥିଲେ । ବିରାଟଙ୍କୁ ଟ୍ରୋଲ କରିବା ପରେ ଏବେ ବିରାଟଙ୍କ ପ୍ରଶଂସକ ରାହୁଲଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି ।

ରାହୁଲ ତାଙ୍କ ଇନଷ୍ଟାଗ୍ରାମରେ ଏକ ଷ୍ଟୋରୀ ସେୟାର କରି ବିରାଟ କୋହଲିଙ୍କ ସ୍ପଷ୍ଟୀକରଣର ମଜା ଉଡାଇଥିଲେ । ସେ ଲେଖିଥିଲେ ଯେ, ମୁଁ କହିବାକୁ ଚାହୁଁଛି ଆଜି ପରଠାରୁ ମୁଁ ଚାହୁଁନଥିବା ଫଟୋ ଆଲଗୋରିଦମ ପସନ୍ଦ କରିପାରେ । ଦୟାକରି ଏହାକୁ ନେଇ ପିଆର୍ କରନାହିଁ । କାରଣ ଏହା ମୋର ଦୋଷ ନୁହେଁ । ଏହା ଇନଷ୍ଟାଗ୍ରାମର ଦୋଷ । ବିରାଟ ତାଙ୍କୁ ବ୍ଲକ୍ କରିବା ଘଟଣାକୁ ନେଇ ମଧ୍ୟ ରାହୁଲ ଥଟ୍ଟା କରିଥିଲେ । ସେ ଲେଖିଥିଲେ, ବନ୍ଧୁଗଣ, ବିରାଟ କୋହଲି ମୋତେ ବ୍ଲକ୍ କରିଛନ୍ତି । ତୁମେ ସମସ୍ତେ ଏହା ଜାଣଛ ତେଣୁ ମୁଁ ଭାବୁଛି ଏହା ମଧ୍ୟ ଇନଷ୍ଟାଗ୍ରାମର ତ୍ରୁଟି ପାଇଁ ହୋଇଥିବ । ବିରାଟ କୋହଲି ହୁଏତ ମୋତେ ବ୍ଲକ୍ କରିନଥିବେ । ଇନଷ୍ଟାଗ୍ରାମର ଆଲଗୋରିଦମ ହୁଏତ ଏହା କରିଥିବ । ତାଙ୍କର ଏଭଳି ମଜାକୁ ସହ୍ୟ ନକରିପାରି ବିରାଟଙ୍କ ପ୍ରଶଂସକ ତାଙ୍କୁ ଏବଂ ତାଙ୍କ ପରିବାରକୁ ଧମକ ଦେଇଥିଲେ । ହେଲେ ଚୁପ୍ ନରହି ରାହୁଲ ବିରାଟଙ୍କୁ ସମର୍ଥନ କରୁଥିବା ପ୍ରଶଂସକ ଜୋକର ବୋଲି କହିଦେଇଥିଲେ । ନିଜର ଆଉ ଏକ ଇନଷ୍ଟା ଷ୍ଟୋରୀରେ ସେ ଲେଖିଥିଲେ, ତୁମେ ମୋତେ ଖରାପ ବ୍ୟବହାର କରୁଛ, ଠିକ୍ ଅଛି । କିନ୍ତୁ ମୋ ସ୍ତ୍ରୀ ଏବଂ ମୋ ଭଉଣୀଙ୍କୁ ମଧ୍ୟ ତୁମେମାନେ ଗାଳିଗୁଲଜ କରୁଛ, ଯେଉଁମାନଙ୍କର ଏଥିରେ କୌଣସି ସମ୍ପର୍କ ନାହିଁ । ତେଣୁ ମୁଁ ଭାବୁଛି ବିରାଟ କୋହଲିଙ୍କ ପ୍ରଶଂସକମାନେ ତାଙ୍କଠାରୁ ବି ବହୁତ ବଡ଼ ଜୋକର୍ ।ତେବେ ନିଜ ସଫେଇରେ ବିରାଟ କହିଥିଲେ ଯେ, 'ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, 'ଇନଷ୍ଟା ଫିଡ୍' ସଫା କରିବା ସମୟରେ ବୋଧହୁଏ 'ଆଲଗୋରିଦମ' ଭୁଲବଶତଃ ଏହା କରିଛି ।

## ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଖଡଗପୁର ରୁଦ୍ରାଂଶ କ୍ଲବ ୩-୦ରେ ବିଜୟୀ

ବାସୁଦେବପୁର, ୭।୫ (ସବ୍ୟୁ) : ବାସୁଦେବପୁର ଟାଉନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଜଗବନ୍ଧୁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚରେ ଖଡଗପୁରର ରୁଦ୍ରାଂଶ କ୍ଲବ ଓ ଢେଙ୍କାନାଳର ପପୁଲାର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ।

ଢେଙ୍କାନାଳର ପପୁଲାର କ୍ଲବକୁ ୩-୦ ଗୋଲରେ ପରାସ୍ତ କରି ଖଡଗପୁର ରୁଦ୍ରାଂଶ କ୍ଲବ ବିଜୟ ଲାଭ କରିଛି । ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଆୟୋଜିତ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଭାଗିରଥି ବଳ, ସହକାରୀ ଯନ୍ତ୍ରୀ ଆନିଶ ସୁବୁଦ୍ଧି ରାୟ, ବିଜୟ କୁମାର ମହାନ୍ତି । ଟାଉନ କ୍ଲବ ସମ୍ପାଦକ ମହେଶ ଚନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ । ମ୍ୟାଚକୁ ରାମଚନ୍ଦ୍ର ବେସ୍ରା ଓ ମାନସ ବିଶ୍ୱାଳ, ଗଣେଶ୍ୱର ସିଂ, ଉତ୍ତମ ବାରିକ ପରିଚାଳନା କରିଥିଲେ ।

# ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଉଦଘାଟିତ





ଦେବଗଡ଼, ୭।୫ (ସବ୍ୟୁ): ଦେବଗଡ଼ ଜିଲ୍ଲା ତିଲେଇବଣି ବ୍ଲକ ତାଳକୁଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ କରଡ଼ାପାଲ ଗ୍ରାମରେ ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଟାଟା ନୋଭାଲର ସହଯୋଗରେ ଉଦଘାଟିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ହକି ଖେଳାଳି ରୋଶନ ମିଞ୍ଜ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ମହନ୍ତ, ନିଜାରତ ଅଧିକାରୀ ଈଶ୍ୱର ଗୁରୁ, ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ । ତୃଣମୂଳ ସ୍ତରରୁ ହକି ଖେଳାଳି ଚିହ୍ନଟ ଏବଂ ହକି ଖେଳର ପ୍ରଚାର ପ୍ରସାର ପାଇଁ ହକିର ଏନ୍ତୁଡ଼ିଶାଳ କୁହାଯାଉଥିବା କରଡ଼ାପାଳ ହକି ଖେଳ ପଡିଆରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିବା ଅତିଥିମାନେ ପ୍ରକାଶ କରିଥିଲେ । ଉଦଘାଟିତ ହୋଇଥିବା ଗ୍ରୀଷ୍ମକାଳୀନ ହକି ପ୍ରଶିକ୍ଷଣ ଶିବିର ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡିଛି । ଶିବିରରେ କରଡ଼ାପାଳ ସମେତ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହକି ଖେଳାଳି ଅଂଶଗ୍ରହଣ କରିବେ । ସେହିପରି ଆସନ୍ତା ୧୦ ତାରିଖ ଦେବଗଡ଼ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମ କାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର ଉଦଘାଟିତ ହେବାର କାର୍ଯ୍ୟକ୍ରମ ରହିଥିବା ଜିଲ୍ଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକ ସୂଚନା ଦେଇଛନ୍ତି ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି